


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୮୭ ଭୁବନେଶ୍ୱର ରବିବାର, ମାର୍ଚ୍ଚ ୨୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.187 Bhubaneswar, Sunday, March 23, 2025

# ଓଡ଼ିଶା ଛାଡ଼ିବେ ପାଣ୍ଡିଆନ

ଭୁବନେଶ୍ୱର, ୨୨/୩: ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ, ନିର୍ବାଚନ ସମୟରେ ଏବଂ ନିର୍ବାଚନ ଫଳ ପ୍ରକାଶ ପାଇବାର ପରବର୍ତ୍ତୀ ସମୟରେ ଓଡ଼ିଶା ରାଜନୀତିରେ ଚର୍ଚ୍ଚିତ ଚେହେରା ଭୈରବ କାର୍ତ୍ତିକ ପାଣ୍ଡିଆନ ଏବେ ଓଡ଼ିଶା ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ବିଜେଡିର ପୂର୍ବତନ ନେତାଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି। ରାଜନୀତିରୁ ସନ୍ନ୍ୟାସ ନେଲା ପରେ ବି ପାଣ୍ଡିଆନ୍ ଏବେ ନବୀନ ନିବାସରେ ରହୁଥିବା ନେଇ ଚର୍ଚ୍ଚା ଜାରି ରହିଛି। କେବଳ ଏତିକି ନୁହେଁ ବରଂ ଶ୍ରୀ ପାଣ୍ଡିଆନ୍ ଏବେ ବି ବିଜେଡି ନେତାଙ୍କ ସହ ଆଲୋଚନା କରୁଥିବା ଖବର ଅନେକ ସମୟରେ ଆସିଛି। ଏମିତି ଚର୍ଚ୍ଚା ଭିତରେ ସେ ଏବେ ବିଦେଶରେ ଯାଇ ଚାକିରି କରିବେ ବୋଲି କୁହାଯାଉଛି। ରାଜନୀତିରୁ ସନ୍ନ୍ୟାସ ନେଇଥିବା ପାଣ୍ଡିଆନ ଖୁବଶୀଘ୍ର ନବୀନ ନିବାସ ଛାଡି ନୂଆ କର୍ମ ସଂସ୍ଥାନରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନ-୨୦୨୪ରେ ବିଜେଡିର ବିପର୍ଯ୍ୟୟ ପଛର ଚେହେରା କୁହାଯାଉଥିବା ଭି.କେ ପାଣ୍ଡିଆନ ଖୁବଶୀଘ୍ର ବିଜେଡି ସହ ସମ୍ପର୍କ ତୁଟାଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅତି ବିଶ୍ୱସ୍ତ ବ୍ୟକ୍ତି ଶ୍ରୀ ପାଣ୍ଡିଆନ ନବୀନ ନିବାସ ଛାଡ଼ିବା ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ଓଡ଼ିଶା ଛାଡ଼ି ଏକ ଅର୍ନ୍ତଜାତୀୟ ସଂସ୍ଥାରେ କାମ କରିପାରନ୍ତି। ଅବଶ୍ୟ ଏନେଇ ପାଣ୍ଡିଆନ କିମ୍ବା ବିଜେଡି ନେତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେଣୁ ବିଦେଶ ଯାଇ ଚାକିରି କରିବେ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହା ସତ ହେବ କି ମିଛ,



ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ। ସୂଚନାଯୋଗ୍ୟ, ଭି.କେ ପାଣ୍ଡିଆନ ଗତବର୍ଷ ଜୁନ୍ ୯ ତାରିଖରେ ଏକ ଭିଡିଓ ବାର୍ତ୍ତା ଜାରି କରି ବିଜେଡିର ନିର୍ବାଚନ ପରାଜୟର ଦୋଷ ମୁଣ୍ଡାଇ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ନିର୍ବାଚନ ସମୟରେ ଦଳର ପୋଷ୍ଟରବୟ ଥିବା ପାଣ୍ଡିଆନ ନିର୍ବାଚନ ପରେ ସତେ ଯେମିତି ଅଜ୍ଞାତବାସକୁ ଚାଲିଯାଇଥିଲେ। କାଁ ଭାଁ ସାମାଜିକ କାର୍ଯ୍ୟକ୍ରମକୁ ଛାଡିଦେଲେ ପାଣ୍ଡିଆନ ସର୍ବସମ୍ମୁଖକୁ ହିଁ ଆସୁନଥିଲେ। କିନ୍ତୁ ନବୀନ ନିବାସରୁ ରହି ଦଳକୁ ଅପରେଟ୍ ? କରୁଥିବା ଚର୍ଚ୍ଚା ହେଉଥିଲା, ଯାହାକୁ ନେଇ ବିଜେଡି ଭିତରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। କିଛି ବରିଷ୍ଠ ନେତା ମେଳି କରି ପାଣ୍ଡିଆନଙ୍କୁ ଜୋରଦାର ବିରୋଧ କରିବା ସହ ନବୀନଙ୍କ ନିକଟରେ ଫେରାଦ ହୋଇଥିବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଥିଲା। ତେଣୁ ଦଳରେ ବଡ଼ ବିସ୍ଫୋରଣ ହେବା ପୂର୍ବରୁ ପାଣ୍ଡିଆନଙ୍କୁ ନେଇ ଏଭଳି ଚର୍ଚ୍ଚା ରାଜ୍ୟ ରାଜନୀତିକୁ ରୋଚକ କରିଛି।

## କଳାଭୂମି ଉତ୍ସବ ଉଦଘାଟିତ



ଭୁବନେଶ୍ୱର, ୨୨/୩: ଓଡିଶା ହସ୍ତଶିଳ୍ପ ସଂଗ୍ରହାଳୟଠାରେ ଆଜିଠୁ ଆରମ୍ଭ ହୋଇଛି ସପ୍ତମ କଳାଭୁମି ଉତ୍ସବ । ଏହି ୫ ଦିନିଆ ଉତ୍ସବକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାର ଗରିମାମୟ ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ଅଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମ ପରେ ଏକ ପଥର ଖୋଦେଇ କର୍ମଶାଳା "ସ୍ଥାପତ୍ୟ: ଇଚିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍" ଆୟୋଜନ ହୋଇଥିଲା । ଖୋଦେଇ ଶିଳ୍ପକଳା ସମ୍ପର୍କିତ ପ୍ୟାନେଲ୍ ଆଲୋଚନାରେ ଜାତୀୟ ପୁରସ୍କାରପ୍ରାପ୍ତ ଉଦୟ ମହାନ୍ତି, ପଦ୍ମ ଚରଣ ଓଝା, ଇନ୍ଦ୍ରମଣି ମହାରଣା, ମହେଶ୍ୱର ଓଝା, ରାଜେନ୍ଦ୍ର ମିଶ୍ର, ବିନୟ ଭୂଷଣ ଜେନା, ଗୋଲକ ପାତ୍ର ଓ ଭାରତୀୟ ରପ୍ତାନି ସଂଗଠନ ମହାସଂଘ ପକ୍ଷରୁ କୋମଳ କାନ୍ତ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବିଭାଗ ପକ୍ଷରୁ ଦେବୀ ପ୍ରସନ୍ନ ନନ୍ଦ ଆଲୋଚନାକୁ ସଂଚାଳନ କରିଥିଲେ । ସୂଚନାଯୋଗ୍ୟ, ଏହି ଉତ୍ସବ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତାକାଲି ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ମାର୍ଚ୍ଚ ୨୪ ରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୀଷ୍ମ ଶିବିର ଆୟୋଜନ ମଧ୍ୟ କରାଯିବ । ମାର୍ଚ୍ଚ ୨୩ ଓ ୨୪ ତାରିଖରେ ନିଃଶୁଳ୍କ ପ୍ରବେଶ ସୁବିଧା ରହିଛି । ମାର୍ଚ୍ଚ ୨୫ ଓ ୨୬ ରେ କୋଲକାତାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ୟାକେଜିଙ୍ଗ ସହିତ ଏକ କର୍ମଶାଳାର ଆୟୋଜନ ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି । ଉଦଯାପନୀ ସମାରୋହରେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ ।

## ଅଧା ଛାତ୍ରଛାତ୍ରୀ ହରଣ କରିପାରୁ ନାହାନ୍ତି

ଭୁବନେଶ୍ୱର, ୨୨/୩: ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ହରଣ କରିପାରୁ ନାହାନ୍ତି । ତେବେ ଜାତୀୟ ସ୍ତରରେ ଅଷ୍ଟମ ଶ୍ରେଣୀ ପିଲାଙ୍କର ଏହି ହାର ଅଧିକ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଅସର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୮.୫ ପ୍ରତିଶତ ହରଣ କରିପାରୁଛନ୍ତି । ଜାତୀୟ ସ୍ତରରେ ଏହି ହାର ୪୫.୮ ପ୍ରତିଶତ ରହିଛି । ତେବେ ଓଡିଶାରେ ୨୦୧୪ ମସିହାରେ ଅଷ୍ଟମଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୩୭.୯ ପ୍ରତିଶତ ପିଲା ହରଣ କରିପାରୁଥିଲେ । ବର୍ଷକୁ ବର୍ଷ ସେମାନଙ୍କ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହିତ ଗତ ୧୦ବର୍ଷରେ ଏହା ୧୧ ପ୍ରତିଶତ ବୃଦ୍ଧି ପାଇଛି । ଏହାଛଡା ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କମାନଙ୍କ ନିମନ୍ତେ ଓଡିଆ, ଗଣିତ, ଇଂରାଜୀ ବିଷୟରେ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇ ଅଭ୍ୟାସ କରାଯାଉଅଛି । ଅଷ୍ଟମଶ୍ରେଣୀ ପିଲା, ଯେଉଁମାନେ ଫେଡାଣ ସମାଧାନ କରିପାରୁଛନ୍ତି ସେମାନଙ୍କ ସଂଖ୍ୟା ବିଗତ ଏକ ଦଶକରେ ପାୟ ୬ ପ୍ରତିଶତ ବଢିଛି । ଏ କ୍ଷେତ୍ରରେ ମଧ୍ୟ ଓଡିଶାର ଛାତ୍ରଛାତ୍ରୀମାନ ଜାତୀୟ ସ୍ତରଠାରୁ ଉପରେ ରହିଛନ୍ତି ।

## ଶିକ୍ଷକ ଚାକିରି ଅପେକ୍ଷାରେ ୫୪ହଜାର

ଭୁବନେଶ୍ୱର , ୨୨/୩: ଶିକ୍ଷକ ଚାକିରିଟିଏ କରିବାପାଇଁ ରାଜ୍ୟରେ ୫୪ହଜାରରୁ ଅଧିକ ତାଲିମପ୍ରାପ୍ତ ନାମ ପଞ୍ଜିକରଣ କରି ଅପେକ୍ଷାରେ ରହିଛନ୍ତି । ଏମାନଙ୍କ ମଧ୍ୟରେ ସିଟି, ବିଏଡ୍, ଏମଏଡ୍ ଭଳି ତାଲିମଧାରୀ ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ମନ୍ତ୍ରୀ ବିଧାନସଭାରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ଏବେ ବିଭିନ୍ନ ବର୍ଗର ୧୧,୯୭,୪୯୭ ଜଣ ଯୁବକ ଯୁବତୀ ନାମ ପଞ୍ଜିକରଣ କରି ନିଯୁକ୍ତି ଅପେକ୍ଷାରେ ରହିଥିବାବେଳେ ସେମାନଙ୍କ ମଧ୍ୟରେ ଶିକ୍ଷକ ତାଲିମଧାରୀଙ୍କ ସଂଖ୍ୟା ୫୪,୬୯୪ ରହିଛି । ଏମାନଙ୍କଙ୍କ ମଧ୍ୟରେ ସର୍ବାଧିକ ୨୬,୪୨୦ ଜଣ ସିଟି ତାଲିମଧାରୀ ରହିଥିବାବେଳେ ବିଏଡ୍ ? ତାଲିମଧାରୀଙ୍କ ସଂଖ୍ୟା ୨୦,୧୭୮ ରହିଛି । ଚାକିରି ଅପେକ୍ଷାରତ ଏମଏଡ୍ଡିଗ୍ରୀଧାରୀଙ୍କ ସଂଖ୍ୟା ୭୫୫୬ ରହିଛି । କେବଳ ଶିକ୍ଷକ ତାଲିମ ନେଇଥିବା ଆଶାୟୀମାନେ ନାହାନ୍ତି, ଚାକିରି ଅପେକ୍ଷାରେ ୩୪ହଜାରରୁ ଅଧିକ ଆଇଟିଆଇ ତାଲିମପ୍ରାପ୍ତ ଓ ୪୩ହଜାରରୁ ଅଧିକ ଡିପ୍ଲୋମାଧାରୀ ବି ରହିଛନ୍ତି । ସେହିଭଳି ସ୍ନାତକୋତ୍ତର କରିଥିବା ୮୩୭ ଜଣ ଡାକ୍ତର, ୭୮୭୭ଜଣ ଇଞ୍ଜିନିୟର, ୪୮୭ଜଣ ଆଇନ୍ ? ଡିଗ୍ରୀଧାରୀ, ୪୬ଜଣ ପଶୁଡାକ୍ତର, ୯୪୩ଜଣ କୃଷି ବିଶେଷଜ୍ଞ, ୬୩୪ ଜଣ ଏମସିଏ ଡିଗ୍ରୀଧାରୀ, ୮୩୯ ଜଣ ଏମବିଏ ଡିଗ୍ରୀଧାରୀ ବି ସରକାରୀ ଚାକିରିଟିଏ ପାଇବା ଆଶାରେ ନାମ ପଞ୍ଜିକରଣ କରି ଅପେକ୍ଷାରେ ରହିଛନ୍ତି । ଏମାନଙ୍କ ବାଦ୍ ବିଭିନ୍ନ ପାଠ୍ୟକ୍ରମର ଆଉ ୮୪ ହଜାରରୁ ଅଧିକ ଚାକିରି ଆଶାୟୀ ବି ସରକାରଙ୍କ ତାଲିକାରେ ଅଛନ୍ତି । ରାଜ୍ୟରେ ମାଟ୍ରିକ ପାଶ୍ କରିଥିବା ପାଖାପାଖି ୧ଲକ୍ଷ ୮୦ହଜାର ଯୁବକ ଯୁବତୀ ବି ଚାକିରି ଆଶାରେ ନାମପଞ୍ଜିକରଣ କରିଛନ୍ତି । ମାଟ୍ରିକ ପାଶ୍ କରିନଥିବା ଚାକିରି ଆଶାୟୀଙ୍କ ସଂଖ୍ୟା ୧୩ହଜାରରୁ ଅଧିକ ଅଛି । ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କ ଭଳି ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ବି କିଛି କମ୍ ନୁହେଁ । ଏହିତାଲିକାରେ ୩୮୨ ଜଣ ଇଞ୍ଜିନୟମ, ୨୭୮ଜଣ କୃଷି ଡିଗ୍ରୀଧାରୀ, ୨୩୯୮ ଜଣ ବିସିଏ ଓ ୧୨୫୯ଜଣ ବିବିଏ ଡିଗ୍ରୀଧାରୀ ରହିଛନ୍ତି । ବିଭିନ୍ନ ବର୍ଗର ମୋଟ୍ ୩,୧୭,୬୩୩ ଜଣ ସ୍ନାତକ ଡିଗ୍ରୀଧାରୀ ଏବେ ବି ଚାକିରି ପାଇବାପାଇଁ ସରକାରଙ୍କ ନିକଟରେ ନିଜକୁ ପଞ୍ଜିକୃତ କରି ଅପେକ୍ଷାରେ ରହିଛନ୍ତି । ତେବେ ଯୁବକ ଯୁବତୀମାନେ କିଭଳି ଅଧିକରୁ ଅଧିକ ଆତ୍ମନିଯୁକ୍ତି ପାଇବେ ସେଥବପାଇଁ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ପ୍ରଚଳନ କରାଯାଉଛି । ପ୍ରତିଷ୍ଠିତ ବେସରକାରୀ ସଂସ୍ଥାମାନଙ୍କ ସହଯୋଗରେ ସରକାର ଏହି ତାଲିମ କାର୍ଯ୍ୟକ୍ରମ ଚଳାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ନୂଆ ଜଳ ନୀତି ଆଣିବେ ସରକାର

### ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମି ସେଚନ ପ୍ଲାନ୍

ଭୁବନେଶ୍ୱର, ୨୨/୩:ନୂଆ ରାଜ୍ୟ ଜଳ ନୀତି ଆଣିବେ ମୋହନ ସରକାର । ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବି ବେଳେ ବିଧାନସଭାରେ ବିବୃତ୍ତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରରେ ଜଳ ସମ୍ପଦ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଥିଲା । ମୁଁ ନିଜେ ଦେଖିଛି ଓ ଅନୁଭବ ବି କରିଛି । ପିଏସି କମିଟି ଅଧକ୍ଷ ଥିବାବେଳେ ସିଏଜି ରିପୋର୍ଟକୁ ନେଇ ମୁଁ ତର୍ଜମା କରିଥିଲି । ପୂର୍ବ ସରକାର ପାଇଁ ଆଜି ଆମେ ଜଳସେଚନ ଲକ୍ଷ୍ୟରୁ ଲକ୍ଷ୍ୟଚ୍ୟୁତ ହୋଇଛୁ । ୨୪ ବର୍ଷ ପରେ ୬୦ରୁ ଅଧିକ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ ହୋଇଛି । ପୂର୍ବ ସରକାରରେ ଜଳସେଚନ ପାଇଁ ଲକ୍ଷେ ୨ ହଜାର କୋଟି ଖର୍ଚ୍ଚ ହୋଇଛି । ତଥାପି କାହିଁକି ଗ୍ରାଉଣ୍ଡରେ ଜଳସେଚନ ପହଞ୍ଚି ପାରିନାହିଁ ? ଦାୟୀ କିଏ ? ଲକ୍ଷେ କୋଟି ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ସିଏମ୍ । ୫୦ ପ୍ରତିଶତ ଜଳସେଚନ ହୋଇପାରିଥାନ୍ତା, ୩୪%ରେ



କାହିଁକି ରହିଗଲା ବୋଲି ପଚାରିବା ସହ ନିମ୍ନମାନର କାମ କରାଗଲା ଏବଂ ପରିଚାଳନା ଠିକ୍ ହେଲା ନାହିଁ । ସେଥିପାଇଁ ଯେତିକି ଜଳସେଚନ ହେବା କଥା ହୋଇପାରିଲା ନାହିଁ ବୋଲି କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ନୂତନ ଜଳ ନୀତି ଆଣିବାକୁ ଯାଉଛନ୍ତି । ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମି ସେଚନ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଛୁ । ଚଳିତ ବର୍ଷ ୨ ଲକ୍ଷ ୭୭ ହଜାର ହେକ୍ଟର ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଏଥିସହ ମହାନଦୀ ଜଳ ବିବାଦ ପ୍ରସଙ୍ଗ ମଧ୍ୟ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ମହାନଦୀକୁ ଖଣି ଓ କମ୍ପାନୀଙ୍କ ଗୋଲାମୀ କରିବାକୁ ଦିଆଯିବ ନାହିଁ କି କୌଣସି ଅଣଓଡ଼ିଆଙ୍କ ତୁଷ୍ଟୀକରଣ କରିବାକୁ ଦିଆଯିବ ନାହିଁ । ମହାନଦୀକୁ ମାଆ ନଦୀ ଭାବେ ପରିଣତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ପାଇଁ ଉଚିତ ପଦକ୍ଷେପ ନିଆଯିବ । ରାଜସ୍ଥାନରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଓ ସଚିବଙ୍କ ସହ ଏବଂ ଛତିଶଗଡ଼ର ଜଳସମ୍ପଦ ମନ୍ତ୍ରୀଙ୍କ ସହ ୨-୩ଟି ପର୍ଯ୍ୟାୟରେ ଆଲୋଚନା ହୋଇଛି । ବନ୍ୟା ନିୟନ୍ତ୍ରଣ ପାଇଁ କଂପ୍ରିହେନସିଭ୍ ଫ୍ଲଡ୍ ମ୍ୟାନେଜମେଣ୍ଟ ପ୍ଲାନ୍ ଆମ ସରକାର ଆଣିବାକୁ ଯାଉଛନ୍ତି । ପୂର୍ବ ସରକାରରେ ବିନା ପ୍ଲାନିଂରେ ଯୋଜନା କରୁଥିଲେ । କାମ ହେଲା କେତେ ନହେଲା କେତେ, ତଥାପି ବିଲ୍ ହେଉଥିଲା । ଆମ ସରକାର ସ୍ଲୋଗାନ କାମ କର ନହେଲେ ପରିଣାମ ଭୋଗ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ବିଶ୍ୱସ୍ତରୀୟ ହେବ ରାସ୍ତା, ଗଠନ ହେବ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ



ଭୁବନେଶ୍ୱର, ୨୨/୩: ରାଜ୍ୟରେ ଉନ୍ନତ ଓ ସୁରକ୍ଷିତ ରାସ୍ତା ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ – ୨୦୨୫କୁ ଅନୁମୋଦନ କରିଛନ୍ତି। ଏଥିରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯିବା ସହ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତା ନେଟୱାର୍କ ଭାବେ ବିକଶିତ କରାଯିବ।

## ୨୦୨୬-୨୭ରୁ ନୂଆ ସିଲାବସ: ମନ୍ତ୍ରୀ

ଭୁବନେଶ୍ୱର, ୨୨/୩: ରାଜ୍ୟରେ ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ହେବ ନୂଆ ପାଠ୍ୟକ୍ରମ । ଆଜି ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ୨୦୨୬-୨୭ ଶିକ୍ଷା ବର୍ଷରେ ରାଜ୍ୟରେ ଲାଗୁ ହେବ ନୂଆ ସିଲାବସ୍ । ଜାତୀୟ ଶିକ୍ଷା ନୀତି-NEP ଅନୁସାରେ ନୂତନ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ । ନୂଆ ସିଲାବସ୍‌ରେ ଭାଷା, ସଂସ୍କୃତି, ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେପଟେ ରାଜ୍ୟର ସ୍କୁଲରେ ପିଲାଙ୍କ ଆଡମିଶନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମାର୍ଚ୍ଚ ୩୧ ନୁହେଁ ସେପଟ୍ଟେମ୍ବର ପହିଲା ସୁଦ୍ଧା ୬ ବର୍ଷ ହେବା ଜରୁରୀ । ଆଜି ଏନେଇ ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ରର ନିୟମ ଅନୁସାରେ ୩୧ ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ୬ ବର୍ଷ ହେଲେ ଆଡମିଶନ୍ ନେଇପାରିବେ। କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି। ୩୧ ମାର୍ଚ୍ଚ ନୁହେଁ ୧ ସେପ୍ଟମ୍ବର ସୁଦ୍ଧା ୬ ବର୍ଷ ହେଲେ ସ୍କୁଲରେ ନାମଲେଖାଇ ପାରିବେ। ଯେପରି କେହି ବି ପିଲା ବାଦ୍ ପଡ଼ିବେନି ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ ଦୋହରାଇଛନ୍ତି । ସୂଚନା ଅନୁସାରେ ୬ ବର୍ଷରେ ପିଲାଙ୍କ ଆଡମିଶନ୍ ?କୁ ନେଇ ଦ୍ୱନ୍ଦ୍ୱ ଓ ଆଶଙ୍କା ଦେଖା ଦେଇଥିଲା ।

## ସୀମା ନିର୍ଦ୍ଧାରଣ ପଦ୍ଧତିକୁ ନବୀନଙ୍କ ବିରୋଧ

ନୂଆଦିଲ୍ଲୀ, ୨୨/୩: ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଆଜି (୨୨ ମାର୍ଚ୍ଚ) ଚେନ୍ନାଇରେ ଏହି ପ୍ରସଙ୍ଗରେ ଏକ ବଡ଼ ବୈଠକ ଅନୁଷ୍ଠିତ ହୋଇଥିଲା। ପାଞ୍ଚଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅନ୍ୟ ତିନୋଟି ରାଜ୍ୟର ନେତାମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ସେମାନଙ୍କ ରାଜ୍ୟ ଉପରେ ସୀମା ନିର୍ଦ୍ଧାରଣର ପାର୍ଶ୍ୱ ପ୍ରତିକ୍ରିୟା ବର୍ଣ୍ଣନା କରିଥିଲେ। ଏହି ବୈଠକ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିରୋଧୀ ଦଳ ବିଜୁ ଜନତା ଦଳ ଏବଂ ଆନ୍ଧ୍ର ପ୍ରଦେଶର ବିରୋଧୀ ଦଳ ୱାଇଏସଆର-କଂଗ୍ରେସର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯଦିଓ ଯୋଗ ଦେଇନଥିଲେ କିନ୍ତୁ ସେ ପୂର୍ବତନ ମନ୍ତ୍ରୀ ତଥା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକଙ୍କୁ ପ୍ରତିନିଧି ଭାବେ ପଠାଇଥିଲେ । ଏହି ବୈଠକକୁ ନେଇ ନବୀନ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣ ଓଡ଼ିଶାବାସୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇବ। ସୀମା ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା କେବଳ ଏକମାତ୍ର ଆଧାର ନହେଉ। କେନ୍ଦ୍ର ସରକାର ସବୁ ରାଜନୈତିକ ଦଳଙ୍କ ସହ ବୈଠକ କରି ଦ୍ୱନ୍ଦ୍ୱ ଦୂର କରନ୍ତୁ।

## ଚୁଲିରେ ସରକାରୀ ଆଦେଶ: ଦୁର୍ନୀତିରେ ବୁଡ଼ିଛି ବିଏମ୍‌ସି, ବିଡିଏ ପ୍ଲାନିଂ ସେକ୍ସନ୍

### ବିନା ହାତଗୁଞ୍ଜାରେ ଫାଇଲ୍ ଘୁଞ୍ଚୁନି

ଭୁବନେଶ୍ୱର, ୨୨/୩: ସରକାର ନିର୍ଦ୍ଦେଶ ଦେଲେ କୋଠା ନିର୍ମାଣ ପ୍ଲାନ୍ ବା ଲେଆଉଟ୍ ଆବେଦନର ଅନୁମୋଦନ କଲାବେଳେ ଦାୟିତ୍ୱରେ ଥିବା ଅଧିକାରୀ ଥରେ ମାତ୍ର ଅବ୍‌ଜେକ୍ସନ କରିବେ। ଆବେଦନରେ ଥିବା ଅଭାବ ପୂରଣ ବା ଅନୁମୋଦନ ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ଅଧିକାରୀ ଗୋଟିଏ ଥରରେ ଆବେଦନକାରୀଙ୍କୁ ମାଗିବେ। କିନ୍ତୁ ପ୍ଲାନିଂ ଦାୟିତ୍ୱରେ ଥିବା ଅଧିକାରୀ ତଳିଆ କର୍ମଚାରୀଙ୍କ ଜରିଆରେ ଆବେଦନକାରୀଙ୍କୁ ବାରମ୍ବାର ଦଉଡ଼ାଉଛନ୍ତି। ଏକାଧିକବାର ଅବ୍‌ଜେକ୍ସନ କରି ଅଫିସ୍‌କୁ ଡାକୁଛନ୍ତି। ଆବେଦନକାରୀ ଯେଭଳି ନିଜଆଡୁ ଲାଞ୍ଚ ଯାଚିବ ସେଭଳି ବ୍ୟବସ୍ଥା ହେଉଛି। ଫଳରେ ଲାଞ୍ଚ କାରବାରର ବାଟଫିଟୁଛି। ଲାଞ୍ଚ ନଦେଲେ ଫାଇଲ୍ ଘୁଞ୍ଚୁନି। ଉଭୟ ବିଏମ୍‌ସି ଓ ବିଡିଏର ପ୍ଲାନିଂ ସେକ୍ସନ୍‌ରେ ଏଭଳି ଗଦାଗଦା ଉଦାହରଣ ରହିଛି। ଗୋଟିଏ ପଟେ ସରକାର ଚିଠି ଲେଖି ବସିଯାଇଥିବା ବେଳେ, ଅଧିକାରୀ ମାଲେମାଲ୍ ହେଉଛନ୍ତି। ଅନ୍ୟପଟେ ପ୍ରତ୍ୟେକ ଦିନ ଶହଶହ ଆବେଦନକାରୀ ବିଏମ୍‌ସି, ବିଡିଏ ଅଫିସ୍‌ରେ ଚକ୍କର କାଟି ଖର୍ଚ୍ଚାନ୍ତ ହେଉଛନ୍ତି। ୨୦୨୪ ମସିହା ଡିସେମ୍ବର ମାସରେ ମଞ୍ଚେଶ୍ୱର ଅଞ୍ଚଳରେ ଘର ନିର୍ମାଣ କରିବା ପାଇଁ ସନ୍ତୋଷ କୁମାର ନାୟକ ବିଏମ୍‌ସିରେ ପ୍ଲାନ୍ ଅନୁମୋଦନ ପାଇଁ ଆବେଦନ କରିଥିଲେ। ଗୋଟିଏ ଦିନ ପରେ ବିଏମ୍‌ସି ଅବ୍‌ଜେକ୍ସନ କଲା କି ଘର ସାମ୍ନାରେ ଥିବା ରାସ୍ତାର ପ୍ରକାରଭେଦ ଆବେଦନରେ ଯାହା ଅଛି ତାହା ସାଟେଲାଇଟ୍ ମ୍ୟାପ୍ ସହ ମେଳଖାଉନି। ଏଣୁ ରାସ୍ତାର ମାଲିକାନାକୁ ନେଇ ରିପୋର୍ଟ ଦାଖଲ କର। ଏ ବାବଦରେ ଆବେଦନକାରୀ ସ୍ପଷ୍ଟ କରିବାର ୩ ମାସ ପରେ ବିଏମ୍‌ସି ଆଉ ଥରେ ଅବ୍‌ଜେକ୍ସନ କଲା। ପ୍ଲଟ୍‌କୁ ଯାଉଥିବା ରାସ୍ତା ସର୍ବସାଧାରଣ ରାସ୍ତାଠାରୁ ସମଦୂରରେ ନାହିଁ। ବିଭିନ୍ନ ଜାଗାରେ କମ୍ ବେଶି ହୋଇଛି। ଏଣୁ ଏଫ୍ଏଆର-୧.୫ ଆଧାରରେ ଆଉ ଥରେ ନୂଆ ପ୍ଲାନ୍ ପାଇଁ ଆବେଦନ କର। ପୁଣି ମାସେ ପରେ ଆଉ ଥରେ ଅବ୍‌ଜେକ୍ସନ ହେଲା କି ଯାଞ୍ଚ ରିପୋର୍ଟ ଆଧାରରେ ଆପ୍ରୋଚ୍ ରୋଡ୍‌ର ଓସାର ଓ ଓଡିଏ ଆଇନ ଆଧାରରେ କରିଡର ଓସାର ଠିକ୍ କରି ପ୍ଲାନ୍ ଆବେଦନ ଦାଖଲ କର। ଦୁଇଦିନ ପରେ



ପୁଣି ଅବ୍‌ଜେକ୍ସନ ହେଲା କି ଓଡିଏ ଆଇନ ଆଧାରରେ ସିଡିର ଓସାର ଓ କୋଠାର ଉଚ୍ଚତା ସଠିକ୍ କରି ଦାଖଲ କର। ପୁଣି ୭ ଦିନ ପରେ ବିଏମ୍‌ସି ଲେଖିଲା କି ପୂର୍ବ ମାଲିକଙ୍କର ସେଲ୍ ଡିଡ୍‌ର ପିଡିଏଫ୍ କପି ଦାଖଲ କର। ପ୍ରମାଣ ଦିଅ ଯେ ଏହା ପାର୍ଟ ପ୍ଲଟ୍ କି ନୁହେଁ। ଏଭଳି ଗୋଟିଏ ଗୋଟିଏ କରି ଆବେଦନକାରୀ ଅବ୍‌ଜେକ୍‌ସନ୍‌ର ପ୍ରମାଣ ଦାଖଲ କରିଥିଲେ। ଡିସେମ୍ବର ମାସରୁ ମାର୍ଚ୍ଚ ପର୍ଯ୍ୟନ୍ତ ନିୟମିତ ଗୋଟିଏ ଗୋଟିଏ ନୂଆ ନୂଆ ଅବ୍‌ଜେକ୍ସନ କରୁଥିଲା ବିଏମ୍‌ସି। ଏହା କେବଳ ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି। ଏଭଳି ପ୍ରତ୍ୟେକ ଦିନ ଶହଶହ ଆବେଦନକାରୀ ହତାଶ ହେଉଛନ୍ତି। ବିଡିଏରେ ମଧ୍ୟ ସମାନ ଅବସ୍ଥା। ଶହେ ଆବେଦନରୁ ୯୯ରେ ବିଡିଏ ପ୍ଲାନରମାନେ ଆବେଦନକାରୀଙ୍କୁ ଗୋଟିଏ ଥରରେ ଅବ୍‌ଜେକ୍ସନ କରନ୍ତି ନାହିଁ। ବରଂ ବାରମ୍ବାର ଏଭଳି କରି ଆବେଦନକାରୀଙ୍କୁ ଦଉଡ଼ାଇଥା'ନ୍ତି। ଯାହା ଫଳରେ ମୋଟା ଅଙ୍କର ଲାଞ୍ଚ ଦେବାପାଇଁ ଆବେଦନକାରୀ ବାଧ ହୋଇଥାଏ। ଏଭଳି ନିୟମିତ ଅଭିଯୋଗ ହେବାରୁ ୨୦୨୩ ମସିହା ସେପଟ୍ଟେମ୍ବର ୧୨ ତାରିଖରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ବିଏମ୍‌ସି ସିଟି ପ୍ଲାନର, ବିଡିଏ ପ୍ଲାନିଂ ମେମ୍ବର, ସିଡିଏ ପ୍ଲାନିଂ ମେମ୍ବର, ଟାଉନ୍‌ପ୍ଲାନିଂ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ନିଷ୍ପତ୍ତି ହୋଇଥିଲା କି ଘର ପ୍ଲାନ୍ ଅନୁମୋଦନ ପାଇଁ ଆବେଦନ ଆସିଲେ ତାହାକୁ ଯାଞ୍ଚ କରିବା ସହ କ୍ଷେତ୍ର ପରିଦର୍ଶନ କରିବା ପରେ ସମସ୍ତ ଅସୁବିଧାକୁ ଏକାଠି କରି ଥରେ ଅବ୍‌ଜେକ୍ସନ କରାଯିବ। ସେ ସବୁକୁ ଆବେଦନକାରୀ ପୂରଣ କରିପାରିଲେ ପ୍ଲାନ୍ ଅନୁମୋଦନ ହେବ। ଯଦି ଏକାଧିକ ବାର ଅବ୍‌ଜେକ୍ସନ ହୁଏ ତେବେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଏ ନେଇ ବିଡିଏ, ବିଏମ୍‌ସି, ସିଡିଏ ପ୍ରଭୃତି ଉନ୍ନୟନ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କେବଳ ନିଜ ଆଡୁ ଦୋଷ ଛିଣ୍ଡାଇବା ପାଇଁ ସରକାର ଏଭଳି ବ୍ୟବସ୍ଥା କରିଥିଲେ। କାରଣ କୌଣସି ଟାଉନ୍ ପ୍ଲାନର ଏହି ନିର୍ଦ୍ଦେଶନାମାକୁ ମାନି ନଥିଲେ କିମ୍ବା ସରକାର ମଧ୍ୟ ଏହାକୁ ଜଗି ନଥିଲେ। ଫଳରେ ହାତଗୁଞ୍ଜା କାରବାର ଏବେ ବି ଚାଲିଛି। ସରକାର ବଦଳିବା ପରେ ବି ଅଧିକାରୀମାନେ ଭ୍ରୂକ୍ଷେପ କରୁନାହାନ୍ତି। ଏ ନେଇ କେହି ମୁହଁ ଖୋଲିବାକୁ ଚାହିନାହାନ୍ତି।

# ବସ୍ -ବାଇକ ମୁହାଁମୁହିଁ ଧକ୍କା, ପ୍ରଧାନ ଶିକ୍ଷକ ମୃତ୍ୟୁ

ଦିଗପହଣ୍ଡି **୨୨/୩(ନି.ପ୍ର):** ଦିଗପହଣ୍ଡି ଘୋଡ଼ାହାଡ଼ ମୁଖ୍ୟରାସ୍ତା କୋଇଠଖଣ୍ଡି ନିକଟରେ ବୁଧବାର ସକାଳ ପ୍ରାୟ ୭ଟାରେ ଏକ ଯାତ୍ରୀବାହୀ ବସ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ନୂଆଗଡ ଗ୍ରାମର କୁରେଶୁ ପାତ୍ର ବୋଲି ଜଣାପଡିଛି । ସେ କୈଠଖଣ୍ଡି ପଞ୍ଚାୟତ ମଧୁବନ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିଲେ । ସୂଚନା ପ୍ରକାରେ କୁରେଶୁ ପ୍ରତିଦିନ ଭଳି ବୁଧବାର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସକାଶେ ପନିପରିବା ସାଙ୍ଗରେ ନେଇ ବିଦ୍ୟାଳୟ ଅଭିମୁଖେ ବାଇକ ନଂ. (ଓଡ଼ି ୦୭ ସି -୯୨୩୦) ଯୋଗେ ଯାଉଥିବବେଳେ ଖମାରିଗାଁ ଶଙ୍କରଖାଳି ଛକରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ନୀଳକଣ୍ଠ ନାମକ ଘରୋଇ ଯାତ୍ରୀବାହୀ ବସ ତାଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ କଚାଡ଼ି ହୋଇ ପଡ଼ିଥିଲେ । ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । । ଖବର ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କୈଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ଼, ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ, ,ବିଶ୍ରାବା ପାଇକ, ରସାନନ୍ଦ ଘଡେଇ, ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଅନ୍ୟ ପଟେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ ଓ କୁରେଶୁଙ୍କ ବାଇକ ଜବତ କରିଛନ୍ତି । ବସ ଚାଳକ ଫେରାର ଥିବା ବେଳ ଘଟଣାର ତଦନ୍ତ ଆରମ୍ଭ କରିଥିବା ଦିଗପହଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

# କୋରେଇର ବିଭିନ୍ନ ହୋଟେଲ ଓ ଢ଼ାବାରେ ବିକ୍ରି ହେଉଛି ଅପମିଶ୍ରିତ ବିଷାକ୍ତ ଖାଦ୍ୟ !

- ଯାଞ୍ଚ ଅଧିକାରୀ ଶୋଇଛନ୍ତି କୁମ୍ଭକର୍ଣ୍ଣ ନିଦ୍ରାରେ
- ବିଷାକ୍ତ ଖାଦ୍ୟ ନିମଂତ୍ରଣ କରୁଛି ବିଭିନ୍ନ ପ୍ରକାର ରୋଗ



କୋରେଇ, **୨୨/୩(ନି.ପ୍ର):** କୋରେଇ ବ୍ଲକ ଦେଇ ଜାତୀୟ ରାଜପଥ -୧୬ ସଠିପୁର ଠାରୁ କୁଆଖିଆ ଓ ଜାତୀୟ ରାଜପଥ -୨୦ ପାଣିକୋଇଲି ଠାରୁ ଅନ୍ଧାରୀ ପର୍ଯ୍ୟନ୍ତ ଦୁଇଟି ରାଜପଥ ଯାଇଥିବା ବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳର କାମ କରୁଥିବା ଲୋକମାନେ ବ୍ୟାସନଗର ସମେତ କୋରେଇ ବ୍ଲକର ବିଭିନ୍ନ ସ୍ଥାନରେ ରହିବା ସହିତ ତାଙ୍କର ସମସ୍ତ କାର୍ଯ୍ୟ ପାଇଁ ନିର୍ଭର କରନ୍ତି । ତେଣୁ ପ୍ରତିଦିନ ବ୍ୟାସନଗର, କୋରେଇ ଓ ଦୁଇ ରାଜପଥ ଦେଇ ଦେଶ ଓ ରାଜ୍ୟର ପ୍ରତ୍ୟକ କୋଣ ଅନୁକଣରୁ ଲୋକମାନେ ଆସି ଥାଆନ୍ତି, ସେମାନେ ଖାଇବା ପାଇଁ ହୋଟେଲ,ଢ଼ାବା ଉପରେ ନିର୍ଭର କରନ୍ତି । ଏହି ଚାହିଦା ମେଣ୍ଟାଇବା ପାଇଁ ଦୁଇ ରାଜ ପଥ ସମେତ ବ୍ୟାସନଗର, କୋରେଇର ପ୍ରତ୍ୟକ ଗଳି କନ୍ଦି ରେ ଛତୁ ଫୁଟିଲା ପରି ଖାଇବା ହୋଟେଲ, ଢ଼ାବା, ଫାଷ୍ଟ ଫୁଡ଼ ଦୋକାନ ଗଢି ଉଠିଛି । ଗ୍ରାହକମାନେ ସଧାରଣତ ବାହାରୁ ଆସୁଥିବାରୁ ଏହାର ସୁଯୋଗ ନେଇ ଖାଦ୍ୟ ନାଁ ରେ ଲୋକମାନଙ୍କୁ ଅପମିଶ୍ରିତ,ବାସି, ନିମ୍ନ ମାନର ଖାଦ୍ୟ ଦେଇ ଲୋକ ମାନଙ୍କ ପକେଟକୁ ଲୁଟ କରୁଥିବା ଅଭିଯୋଗ ହେଉଛି ।ଆହୁରି ମଧ ଶତାଧିକ ଢ଼ାବାମାନଙ୍କରେ ଖାଦ୍ୟ ପ୍ରସ୍ତୁତ କରୁଥିବା ପରିବେଶ ଅତ୍ୟନ୍ତ ନିମ୍ନମାନର ଯାହାକୁ ଦେଖିଲେ ଯେକେହି ଆଉ ଖାଦ୍ୟ ଖାଇବାକୁ ଇଛା ପ୍ରକାଶ କରିବ ନାହିଁ ।ଅନ୍ୟ ପଟେ ଭେଜାଲ ଓ ନିମ୍ନ ମାନର ଖାଦ୍ୟ ଖାଇ ଲୋକମାନେ ବିର୍ଭିନ୍ନ ପ୍ରକାର ପେଟ ରୋଗକୁ ନିମନ୍ତ୍ରଣ କରିବା ସହିତ ଚର୍ମ ରୋଗ ହେଉଥିବା ଅଭିଯୋଗ ହେଉଛି ।ଅଭିଯୋଗ ହେଉଛି କି ପ୍ରାୟ ହୋଟେଲ ଓ ଢ଼ାବା ମାନଙ୍କରେ ଅଧିକ ଲାଭ ଆଶାରେ ପାମୋଲିନ ତେଲ, ଅପମିଶ୍ରିତ ମସଲା ଗୁଣ୍ଡ, ପଚା ଶଢା ପନି ପାରିବା, ବୁଢ଼ୀ ଛେଳି ମାଂସ, ମଲା ବ୍ରୟଲର କୁକୁଡ଼ାକୁ କମ ଦାମ ରେ କିଣି,ପାଟିକୁ ସ୍ୱାଦ କରିବା ପାଇଁ ଚାଇନା ସଲ୍ଟ,ବିଭିନ୍ନ ପ୍ରକାର ସକ୍ସ ଦେଇ ଫ୍ରାୟ କରି ଲୋକମାନଙ୍କୁ ପରସା ଯାଉଛି । ସ୍ଥଳ ବିଶେଷରେ ମାଛ ମାଂସ କୁ ଦୀର୍ଘ ଦିନ ଡିପ ଫ୍ରୀଜ୍ ରେ ରଖି ଲୋକ ମାନଙ୍କୁ ପରସା ଯାଉଥିବା ଅଭିଯୋଗ ହେଉଛି ।ସେହିପରି ଫାଷ୍ଟ ଫୁଡ଼ ଦୋକାନୀ ମାନେ ଖାଦ୍ୟ ଭଲ ଦେଖା ହେବା ପାଇଁ ବିଭିନ୍ନ ପ୍ରକାର କେମିକାଲ ରଙ୍ଗ ସହିତ ଖାଦ୍ୟର ସ୍ୱାଦ ବଢାଇବା ପାଇଁ ଚାଇନା ସଲ୍ଟ ଓ ବିଭିନ୍ନ ପ୍ରକାର ଅପମିଶ୍ରିତ ସକ୍ ବ୍ୟବହାର କରିଥିବା ଅଭିଯୋଗ ହେଉଛି ।ବିଶେଷ କରି କଟକ ଆଡୁ ଆସୁଥିବା ବେଳେ ଏକ ନାମକରା ହୋଟେଲ,ଭଦ୍ରକ ଆଡୁ ଆସିଲେ ଏକ ବଡ ହୋଟେଲ ଓ କେଉଁଝର ଆଡୁ ଏକ ଢ଼ାବା ରେ ଅଧିକ ଖରାପ ଖାଦ୍ୟ ମିଳୁଥିବା ଆଲୋଚନ ହେଉଛି ।ଏସବୁ ବିଷୟ ଜାଣି ମଧ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗର କେତେଜଣ ଅଧିକାରୀଙ୍କୁ ମାସିକିଆ ଚାନ୍ଦା ଦେଇ ମାଲିକ ମାନେ ସେମାନଙ୍କ ଧନ୍ଦା ଚଳାଉଥିବା ଅଭିଯୋଗ ହେଉଛି ।ଏହାର ଗୁରୁତ୍ୱ କୁ ଉପଲବ୍ଧି କରି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ,ସାଧରଣ ପ୍ରଶାସନ, ପୋଲିସ ପ୍ରଶାସନ ମିଳିତ ଭାବରେ ନିୟମିତ ଯାଞ୍ଚ କଲେ ଲୋକମାନେ ହେଉଥିବା ନିୟମିତ ଠକାମୀରୁ ମୁକୁଳିବା ସହିତ ଭଲ ଖାଦ୍ୟ ପାଇ ପାରିବେ ବୋଲି କୋରେଇର ବୁଦ୍ଧିଜିବି ମାନେ ଦାବୀ କରିଛନ୍ତି ।

# ବସୁଧା ଯୋଜନାରେ ଠିକାଦାର ପୋଷା ନୀତି



ଟିଟିଲାଗଡ଼, **୨୨/୩(ନି.ପ୍ର):** ଓଡ଼ିଶାରେ ବସୁଧା ଯୋଜନାକୁ ନେଇ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ହୋଇଛି ସେହି ଭିତରୁ ବଲାଙ୍ଗୀର ଜିଲ୍ଲା ଲୁଥର ବନ୍ଧ ଗ୍ରାମ ପଞ୍ଚାୟତର ଶାଗୁନ ମୁଣ୍ଡା ଗ୍ରାମ ରେ ବସୁଧା ଯୋଜନାର କାମ ଅସମ୍ପୂର୍ଣ୍ଣ ଓ ନିମ୍ନମା୨ନର ହୋଇଥିବା ଅଭିଯୋଗ ଆସିଛି, ଯାହାର ଫଳରେ ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଏହା ସହିତ, ଠିକାଦାରମାନଙ୍କ ଓ ବିଭାଗୀୟ କର୍ମଚାରୀମାନଙ୍କ ମଧ୍ୟରେ ଅସାଧୁ ମିଳିଭଗତ ଯୋଗୁ ନିମ୍ନମାନର ପାଇପ ବ୍ୟବହାର ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ ହୋଇଥିବା ସହିତ ଟାଙ୍କି ରେ ପାଣି ଝରିବାକୁ ଦେଖିବାକୁ ମିଳିଛି । ଏହାର ଫଳରେ ଗ୍ରୀଷ୍ମ ଋତୁରେ ଜଳ ସଂକଟ ବଢ଼ିବାର ଆଶଙ୍କା ରହିଛି । ଗ୍ରାମ ବାସୀ ପାଣି ପାଇଁ ନଳକୂପ ଉପରେ ନିର୍ଭର କରି ଭିଡ କରିବାକୁ ବାଧ ହେଉଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ଠିକାଦାରଙ୍କ ଅବହେଳା ଏବଂ ବିଭାଗୀୟ ଅଧିକାରୀଙ୍କ ଅସଚେତନର ଯୋଗୁଁ ବସୁଧା ଯୋଜନା ଫେଲ ମାରିଛି । ତେଣୁ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମ ବାସୀମାନେ ପ୍ରଶାସନଙ୍କ ପାଖରେ ଅନୁରୋଧ କରିଛନ୍ତି ।

# ମାଝୀ ପାର୍ଗାନା ମାହାଲ ସଂଘର ଅଭିଯୋଗ ପରେବି ପୋଲିସ ହାତବାନ୍ଧି ବସିଛି ।




ବସ୍ତା **୨୨/୩(ନି.ପ୍ର):** ବାଲେଶ୍ୱର ଜିଲ୍ଲା ମାଝୀ ପାର୍ଗାନ ମାହାଲ ସଙ୍ଘ ଅଭିଯୋଗ ପାରେ ବି ଅଭିଯୋଗକାରୀଙ୍କୁ ମିଳୁନି ନ୍ୟାୟ । ସୂଚନା ଥାଉ କି ଯେ, ଚାଳନ୍ତି ଗ୍ରାମର ଶ୍ରୀମତୀ ବେଲହ ମୁର୍ମୁ(୬୫)ଙ୍କୁ ୨୦୨୪ ମସିହା ଡିସେମ୍ବର ୨୮ ତାରିଖରେ ଦିବ ୧୧ ଘଟିକା ସମୟରେ ବିଲକୁ ମୁଗ ବୁଣୁ ଥିବା ସମୟରେ ତାଙ୍କର ଦୁଇ ପୁତୁରା ସୁନାରାମ ମୁର୍ମୁ(୫୦) ଓ ଭାଦ ମୁର୍ମୁ (୪୫) ଏକ ଠେଙ୍ଗାରେ ନିର୍ଦ୍ଧୁମ ପିଟାମାରା କରିଥିଲେ । ପରେ ହୀରା ମୁର୍ମୁ,ସୁମି ମୁର୍ମୁ,ସୋର ଜିନୀ ମୁର୍ମୁ ଓ ସୀତା ମୁର୍ମୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ।ମାଡ ଅସହ୍ୟ ହେବାରୁ ଶ୍ରୀମତୀ ମୁର୍ମୁ ଚିତ୍କାର କରିବା ପରେ ଅଚେତ ହୋଇପଡ଼ିଥିଲେ ।ଚିତ୍କାର ଶୁଣି ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସ ଚିକିତ୍ସାଳୟକୁ ପଠାଇଥିଲେ ।ଚିକିଶ୍ୟାଳୟାରୁ ଫେରିବା ପରେ ଗ୍ରାମରେ ଏକ ବୈଠକ ଡକାଯାଇଥିଲା । ହେଲେ ଆକ୍ରମଣ କାରୀ ମାନେ ବିଚାର ପାଇଁ ଉପସ୍ଥିତ ହେଇନଥିଲେ । ପରେ ସେ ତାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଏସ ଆଇ ସନ୍ଦୀପ କୁରଙ୍କୁ ୨୦୨୫ ଜାନୁଆରୀ ୨ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ।୧୫ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବିଫଳ ହୋଇଛି ।ଗିରଫ କରିବା ଦୂର ର କଥା ଥରେ ମଧ ତଦନ୍ତ କରିବାକୁ ।ସେହିପରି ଏହି ଫାଣ୍ଡି ଅନ୍ତର୍ଗତ ବେଣାପୁରା ପଞ୍ଚାୟତର ବିଞ୍ଜପୁରା ଗ୍ରାମର ଘାସିରାମ ମାରାଣ୍ଡିଙ୍କ ପୁତ୍ର ବିରାମ ମାରାଣ୍ଡି(୧୯) ମାର୍ଚ୍ଚ ୯ ତାରିଖରେ ଧୁଲାଟ(ସାନ୍ତାଳୀ ପର୍ବ) ଦେଖିବାକୁ ରାତ୍ରୀ ୧୧ ଘଟିକା ସମୟରେ ମସଡା ଗ୍ରାମକୁ ଯାଉଥିବା ସମୟରେ କୁଣ୍ଡୁଳି ପଡ଼ିଆ ଠାରୁ କେହି ଜଣେ ପିଛା କରୁଥିବା ଜାଣିପାରି ଜୋରରେ ସାଇକେଲ ଚଳାଇ ପଳେଇ ଯାଉଥିବା ସମୟରେ କୁଣ୍ଡଳୀ ଶିବ ମନ୍ଦିର ସମ୍ମୁଖରେ ସେହି ଗ୍ରାମର ଶଶିକାନ୍ତ ଚନ୍ଦଙ୍କ ପୁତ୍ର ରଞ୍ଜନ ଚନ୍ଦ (କାଳିଆ ଚନ୍ଦ ବୟସ ୩୫) ବିରାମ ମାରାଣ୍ଡିଙ୍କୁ ହଠାତ ଅଟକାଇ ଅଶୀଳ ଭାଷାରେ କରିବା ସହ ପିଟାମାରା କରି ରାସ୍ତାଉପରେ ପକାଇ ଘୋଷାରିବ ଏବଂ ଜାତୀ ଉଠାଇ ଗାଳିଗୋଲୋଜ କରି ତାଙ୍କ ଠାରୁ ସାଇକେଲ,ମୋବାଇଲ ଓ ହାତ ଘଣ୍ଟା ଛଡାଇ ନେବା ପରେ ତୁ ଯଦି ଏବାବଦରେ କାହାକୁ କିଛି ପ୍ରକାଶ କରିବୁ ତାହାଲେ ମୁଁ ମାଫିଆ ତୋତେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ । ଏନେଇ ମାର୍ଚ୍ଚ ୧୦ ତାରିଖରେ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଏସ ଆଇ ସନ୍ଦୀପ କୁକୁରଙ୍କ ନିକଟରେ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ ।ହେଲେ ପୋଲିସର ଟାଳଟୁଳ ନୀତି ଅବଲମ୍ବନ କରି ଆଜକୁ ୮ ଦିନ ବିତି ଯାଇଥିଲେ ମଧ ପୋଲିସ ନିରବ ରହିଛି ।ତେବେ ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଆଦିବାସୀ ସାନ୍ତାଳୀ ସମାଜର ବ୍ୟବସ୍ଥାର ଜିଲ୍ଲା ମାଝୀ ପାର୍ଗାନା ମହାଲ ସଙ୍ଘ ପକ୍ଷରୁ ଆଜି(ସୋମବାର) ଏକ ଲିଖିତ ଅଭିଯୋଗ କରିଛନ୍ତି ।ଯଦି ବିହିତ ପଦକ୍ଷେପ ଗ୍ରହଣ ନକଲେ ଫାଣ୍ଡି ଘେରାଉ କରିବା ସହ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି ।ତେବେ ଅଭିଯୁକ୍ତଙ୍କୁ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ପୋଲିସ ନିଷ୍କ୍ରିୟତା ସମସ୍ତଙ୍କୁ ସନ୍ଦେହ ଘେରରେ ରହିଛି ।

# ଚାରି ମାସ ହେଲା ବିନା ଦରମା ରେ କାର୍ଯ୍ୟ ତୁଲାଉଛନ୍ତି ସୁରକ୍ଷା କର୍ମୀ




ଭବାନୀପାଟଣା ତା ୨୨/୩/୨୫(ଜଗନ୍ନାଥ ଏକ୍ସପ୍ରେସ୍)ଗତ କିଛି ମାସ ପୂର୍ବେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ତରଫ ରୁ ଜିଲ୍ଲା ର ସମସ୍ତ ସରକାରୀ ଚିକିତ୍ସା କେନ୍ଦ୍ର ରେ ସୁରକ୍ଷା କର୍ମୀ ଯୋଗାଇବା ପାଇଁ ଟେଣ୍ଡର ହୋଇଥିଲା । ଏହି ଟେଣ୍ଡର ଜରିଆରେ ଭୁବନେଶ୍ୱର ର କେଆର ସିକୁରିଟୀ ନାମକ ଏକ ବେସରକାରୀ ଘରୋଇ ସଂସ୍ଥା ଟେଣ୍ଡର ନେଇ ଜିଲ୍ଲା ର ବିଭିନ୍ନ ଚିକିତ୍ସା ଳୟ ରେ ସୁରକ୍ଷା କର୍ମୀ ନିୟୋଜିତ କରିଛି ।ହେଲେ ମାତ୍ର କିଛି ମାସର କାର୍ଯ୍ୟ ଭିତରେ ଗତ ଚାରି ମାସ ହେଲା ନିଯୁକ୍ତି ପାଇଥିବା ସୁରକ୍ଷାକର୍ମୀ ମାନେ ଦରମା ପାଇନଥିବା ଅଭିଯୋଗ ହେଉଛି ।ନିଜ ପରିବାର ର ଗୁଜୁରାଣ ମେଣ୍ଟାଇବା ପାଇଁ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ସୁରକ୍ଷା କର୍ମୀ ଅଭାବ ଅନଟନ ମଧ୍ୟରେ ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଦରମା ଦେବା ପାଇଁ କହିଲେ ଚାକିରି ରୁ ବାହାର କରିଦେବାର ଧମକ ମଧ ମିଳୁଥିବା ଅଭିଯୋଗ ହେଉଛି । ନିଯୁକ୍ତି ସମୟ ରେ ନିଯୁକ୍ତି ଦେବା ପାଇଁ ଦଲାଲ୍ ମାଧ୍ୟମରେ ସମସ୍ତ ଙ୍କ ଠୁ ମୋଟା ଅଙ୍କର ଟଙ୍କା ନେଇ ନିଯୁକ୍ତି ଦେଇଥିବା ମଧ ଚର୍ଚ୍ଚା ହେଉଥିବା ବେଳେ ,ସୁରକ୍ଷା କର୍ମୀ ମାନଙ୍କୁ ୪ ମାସ ହେଲା ଦରମା ଦେଇ ପାରୁନଥିବା ବେଳେ ଇପିଏଫ୍,ସୁରକ୍ଷା ଉପଯୋଗୀ ସାମଗ୍ରୀ ଯୋଗାଇବାରେ ମଧ ବିଫଳ ହେଉଥିବା ସାଧାରଣ ରେ ଚର୍ଚ୍ଚା ହେଉଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ଚୁପ୍ ବସିଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି ।ଜିଲ୍ଲା ପ୍ରଶାସନ ଏହି ଘଟଣା ଉପରେ ତୁରନ୍ତ ହସ୍ତକ୍ଷେପ କରି ସୁରକ୍ଷା କର୍ମୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହେବେ ବୋଲି ସୁରକ୍ଷା କର୍ମୀ ମାନେ ଆଶା ବାନ୍ଧି ବସିଛନ୍ତି ,ତେବେ ଉକ୍ତ ଘରୋଇ ସଂସ୍ଥା କେବେ ଏମାନଙ୍କ ବକେୟା ଟଙ୍କା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଲା ।

# ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ଉପରେ ସମ୍ପ୍ରଦାୟ ଏବଂ ବିଭିନ୍ନ ହିତାଧିକାରୀଙ୍କ ସହିତ ବୈଠକ

ଭବାନୀପାଟଣା ତା ୨୨/୩/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ ଠାରେ ଆର୍ ସି ଡି ସି ଭୁବନେଶ୍ୱର ତରଫରୁ ଓ ଚାଇଲ୍ଡ ଫଣ୍ଡ ଜର୍ମାନ ଙ୍କ ସହାୟତା ରେ ଏକ ଦିନିଆ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ଉପରେ ସମ୍ପ୍ରଦାୟ ଏବଂ ବିଭିନ୍ନ ହିତାଧିକାରୀଙ୍କ ସହିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀରଥୁରାମ୍ ବାଗ ପ୍ରକଳ୍ପ ସଂଯୋଜକ ଆର୍ ସି ଡ଼ି ସି ଗୋଲାମୁଣ୍ଡା କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଆର୍ ସି ଡି ସି ଭୁବନେଶ୍ୱର ଶ୍ରୀ ପ୍ରଦୀପ କୁମାର ପାତ୍ର ଗୋଲାମୁଣ୍ଡା ଅଂଚଳରେ ଆର୍ ସି ଡି ସି କରୁଥିବା କାର୍ଯ୍ୟକ୍ରମ ଓ ପ୍ରଗତି ବିଷୟରେ ସୂଚନା ଦେଇଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀଧର ପଣ୍ଡା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଲାମୁଣ୍ଡା, ସମ୍ମାନିତ ଅତିଥି ଭାବରେ ଶ୍ରୀବିନ୍ଧୁ ମହାନନ୍ଦ ଅଧକ୍ଷ ଗୋଲାମୁଣ୍ଡା ବ୍ଲକ, ଅନ୍ୟତମ ଅତିଥି ଭାବରେ ଶ୍ରୀମତି ଉଷାଲକ୍ଷ୍ମୀ,ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଗୋଲାମୁଣ୍ଡା, ଶ୍ରୀ ଜ୍ୟୋତି ପ୍ରକାଶ ତାଣ୍ଡି ଥାନା ଅଧିକାରୀ ଗୋଲାମୁଣ୍ଡା, ଶ୍ରୀ ଲବଣୀ ନାଏକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ସୁରକ୍ଷା କୁ ସରକାରୀ ସ୍ତରରେ ଥିବା ଯୋଜନାକୁ ଠିକ ଭାବରେ ଗ୍ରାମାଞ୍ଚଳରେ ପହଞ୍ଚାଇବା, ଦାଦନ ଯିବା ଦ୍ୱାରା ଶିଶୁ ଶିକ୍ଷା ଉପରେ ବ୍ୟାଘାତ ଘଟୁଛି, ତେଣୁ ସରକାରୀ ସ୍ତରରେ ନରେଗା କାମରେ ଲୋକଙ୍କୁ ଏକଜୁଟ କରି ଗୋଷ୍ଠୀ ଗଠନ କରିବା ଓ ନିଯୁକ୍ତି କରେଇବା, ଶିଶୁ ଅନୁକୂଳ ପଞ୍ଚାୟତ ତିଆରି କରିବା, ପରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହମତିରେ ଦାଦନ ସମସ୍ୟାକୁ ହ୍ରାସ କରିବା ଓ ଶିଶୁ ସୁରକ୍ଷାକୁ ସଠିକ୍ ଭାବରେ କାର୍ଯ୍ୟକରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା ।କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଜୀବନ ଜୀବିକା ମିଶନ, ପୁଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସରପଞ୍ଚ, ମହିଳା ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା ସମିତି ସଭ୍ୟ ସଭ୍ୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସଂଜୀବ,ସରିତା, ସଞ୍ଜୟ, ବିଦ୍ୟୁତ୍,ଲଛମନି ଓ ସୁଧାଂଶୁ ପ୍ରମୁଖ ସହଯୋଗ କରିଥିଲେ ।

# ଦାଦନ ଯାଇଥିଲା, ପୁଅ , ଦୁଇମାସ ହେଲା ଯୋଗାଯୋଗ ନାହିଁ ପୁଅର ଫେରିବା ବାଟକୁ ଚାହିଁ ବସିଛି ବିଧବା ମାଁ



ବୌଦ୍ଧ **୨୨/୩(ନି.ପ୍ର):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଜଗଲପୁର ଗ୍ରାମରୁ ଆନ୍ଧ୍ରକୁ ଦାଦନ ଖଟି ଯାଇଥିବା ପୁଅର ସନ୍ଧାନ ପାଇଁ ମାଉ ବିକଳ ଅନୁରୋଧ । ଏନେଇ ବୌଦ୍ଧ ଜିଲ୍ଲା ଶ୍ରମଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟ ରେ ବିଧବା ମହିଳା ବିନୋଦିନୀ ଦୀପ ନିଜର ପୁଅ ଅରୁଣ ଦୀପ (୨୨) ଙ୍କୁ ଫେରାଇ ଆଣିବାକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଆଜକୁ ଦୁଇ ମାସ ହେବ ପୁଅ ସହିତ କୌଣସି ମତେ ଯୋଗାଯୋଗ ହୋଇପାରୁ ନାହିଁ କି ସାଥିରେ ଯାଇଥିବା ସାଙ୍ଗ ସାଥିଙ୍କ ନିକଟରୁ କୌଣସି ଉତ୍ତର ମିଳୁନଥିବାରୁ ବିଧବା ମହିଳା ଜଣଙ୍କ ବାଧ ହୋଇ ଅସହାୟ ଅବସ୍ଥା ରେ ନିକଟସ୍ତ ହରଭଙ୍ଗା ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ବିଧବା ବିନୋଦିନୀ ଙ୍କୁ ପୋଲିସ ସାହାଯ୍ୟ ବଦଳରେ ଆନ୍ଧ୍ରର ୱାରଙ୍ଗଲ ରେ ଅଭିଯୋଗ କରିବା ପାଇଁ କହି ଫେରାଇ ଦେଇଥିଲେ ବୋଲି ବିନୋଦିନୀ ଗଣ ମାଧ୍ୟମ ଆଗରେ ନିଜର କୋହଭରା କଣ୍ଠରେ ପ୍ରତିକ୍ରିୟା ରଖିଥିଲେ । ଏପଟେ ଅପାଠୁଆ ବିନୋଦିନୀ ମହିଳା ଜଣଙ୍କ କରିବ କଣ,ବାଧ ହୋଇ ଅଞ୍ଚଳର ସମାଜସେବୀ ବିକାଶ ମହାକୁଡ଼ଙ୍କ ସହାୟତା ନେଇ ଆଜି ଜିଲ୍ଲା ଶ୍ରମଧିକାରୀ କାର୍ଯ୍ୟାଳୟ ଠାରେ ପହଁଚି କିପରି ପୁଅ କୁ ନିଜ ପାଖକୁ ଫେରି ପାଇବ ସେ ବିଷୟରେ ଅଭିଯୋଗ କରି ଜଣାଇଛନ୍ତି । ଏନେଇ ବୌଦ୍ଧ ଜିଲ୍ଲା ଶ୍ରମଅଧିକାରୀ ଦାୟିତ୍ୱ ରେ ଥିବା କନ୍ୟାକୁମାରୀ ସାହୁ ଙ୍କୁ ପଚାରିବାରୁ ଆମେ ଅଭିଯୋଗ କାରି ର ଅଭିଯୋଗ କୁ ଭିତ୍ତିକରି ଜିଲ୍ଲାପାଳ ଓ ଏସପି ଙ୍କୁ ଜଣାଇ ଦେଇଚୁ ଏବଂ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି କହିଥିଲେ । ସେପଟେ ପୁଅ କୁ ପାଇବା ପାଇଁ ଅସହାୟ ବିଧବା ମାଁ ବାଟ ଅନେଇ ବସିଛି

# ପୋଡାପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାଗର ଭିଜିଲାନ୍ସ ହାତରେ ଧରାପଡି କୋର୍ଟ ଚାଲାଣ



ଭବାନୀପାଟଣା ତା:୨୨/୩ (ଜଗନ୍ନାଥ ଏକ୍ସପ୍ରେସ୍)ଆଜି ଓଡ଼ିଶା ଭିଜିଲାନ୍ସ ବିଭାଗ ଥୁଆମୂଳ ରାମପୁର ବ୍ଲକର ପୋଡାପଦର ଓନ ତଳନେଗୀ ଗ୍ରାମ ପଞ୍ଚାୟତର ପିଇଓ ଦେବେନ୍ଦ୍ର ସାଗରଙ୍କୁ ୩ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ପ୍ରକାଶ ଯେ ପିଇଓ ଶ୍ରୀ ସାଗର ପ୍ରଥମେ ୨୦୧୬ ମସିହାରେ ତଳନେଗୀ ପଞ୍ଚାୟତର ପିଇଓ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ କିଛିଦିନ ପରେ ପୋଡପଦର ପଞ୍ଚାୟତରେ ପିଇଓ ଭାବେ ଡେପୁଟେସନ୍ ରେ କାର୍ଯ୍ୟ କରୁଥିଲେ । କିନ୍ତୁ ଶ୍ରୀ ସାଗର ତା. ୦୫.୦୫.୨୦୧୮ ରୁ ତା.୧୭.୦୨. ୨୦୨୨ ମଧ୍ୟରେ ତାଙ୍କ କ୍ଷମତାର ଅପବ୍ୟବହାର ଦୁଇ ପଞ୍ଚାୟତ ମଧ୍ୟରୁ ତଳନେଗୀ ପଞ୍ଚାୟତର ୧୫ଦଶ ସିଏଫସି ଓ ୫ମ ଏସଏଫସି ଫଣ୍ଡରୁ ସରପଞ୍ଚଙ୍କ ଜାଲ ଦସ୍ତଖତ କରି ୧ କୋଟି ୭୧ ଲକ୍ଷ ୮୬ ହଜାର ୩୪୨ ଟଙ୍କା ଓ ପୋଡପଦର ପଞ୍ଚାୟତରୁ ୧ କୋଟି ୨୬ ଲକ୍ଷ ୭୫୦ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଆଜି u/s ୧୩(୨)r/w୧୩(୧)(a) pc amintment act ୨୦୧୮ ଅନୁଯାୟୀ ମାମଲା ରୁଜୁ କରି ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଆତ୍ମସାତ କରିଥିବା ଟଙ୍କାକୁ କ୍ରିକେଟ ବେଟିଂ ଆପ ମାଧ୍ୟମରେ ବ୍ୟାବାହର କରି ଆତ୍ମସାତ କରିଛନ୍ତି ।

# ସୀତାପୁର ଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ



ଲାଞ୍ଜିଗଡ **୨୨/୩(ନି.ପ୍ର):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତ ସୀତାପୁର ଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଅଧିବାସ ଓ କଳସଯାତ୍ରା ପରେ ଆଜି ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି । ଏଥିରେ ଆୟୋଜକ ସୀତାପୁରର ଦୁଇଟି ଦଳ, ହରିହରପୁର, ପେଡିଗୁଡା, ଝିଗଡି, ବୋରଗୁଡା, ସମରକଟା ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଏଥିରେ ସଭାପତି ଭାବେ କାର୍ତ୍ତିକ ଦୋରା,ଉପ ସଭାପତି ଭାବେ ତ୍ରୈଲୋଚନ ସାହୁ, ରତ୍ନାକର ପାତ୍ର,ସଂପାଦକ ଭାବେ ଅଭିମନ୍ୟୁ ପାତ୍ର, ସହ ସମ୍ପାଦକ ପ୍ରହ୍ଲାଦ ପାତ୍ର, କୃଷ୍ଣଚନ୍ଦ୍ର ଦୋରା, କୋଷାଧ୍ୟକ୍ଷ ଭାବେ ସଦାଶିବ ପାତ୍ର, ଭାଗିରଥି ଦୋରା, ହେମନ୍ତ ପାତ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଦଶରଥ ପାତ୍ର, ଲବ ପାତ୍ର, ନକୁଳ ଦୋରା, ଟଙ୍କଧର ପାତ୍ର, ଡମ୍ବରୁଧର ପାତ୍ର, ଗଣେଶ ବେହେରା, ଲଛମନ ପାତ୍ର, ବଳଭଦ୍ର ଦୋରା, ରଘୁ ଦୋରା,ବେଣୁଧର ସାହୁ, କୁରୁସାଗର ବେହେରାଙ୍କ ସମେତ ସନସାଇନ ଯୁବକ ସଂଘ, ମାଁ ମାଣିକେଶ୍ୱରୀ ଯୁବକ ସଂଘ ସହିତ ସୀତାପୁର ଗ୍ରାମବାସୀ ନାମଯଜ୍ଞ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ସମିତିସଭ୍ୟାଙ୍କୁ ଟଙ୍କା ମଗାକୁ ନେଇ କୋରେଇ ବ୍ଲକ ପରିସରରେ ବଚସା, ଥାନାରେ ଅଭିଯୋଗ




କୋରେଇ ,୨୨/୩(ନି.ପ୍ର): ଆଜି କୋରେଇ ବ୍ଲକ ପରିସରରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଜୈନିକ ସମିତିସଭ୍ୟଙ୍କ ସହିତ ଏକ ଯୁବକଙ୍କ ବଚସା ହେଉଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଉଭୟ ପକ୍ଷ କୋରେଇ ଥାନାରେ ପୃଥକ ପୃଥକ ଅଭିଯୋଗ କରିଥିବା ଜଣାପଡିଛି। ଏଠାରେ ଉଲ୍ଲେଖ ଯୋଗ୍ୟ କି କୋରେଇ ବ୍ଲକରେ କିଛି ପାରମ୍ପରିକ ଠିକାଦାର ପ୍ରତି ପଞ୍ଚାୟତ କାମ କରିବା ପାଇଁ ସରପଞ୍ଚ, ସମିତି ମେମ୍ବର ମାନଙ୍କୁ ଟଙ୍କା ଦେଇ କାମ କରିଥାନ୍ତି। ସେମାନେ ଏହି ପାରମ୍ପରିକ ଠିକାଦାର ମାନଙ୍କୁ ସେମାନଙ୍କ ପଞ୍ଚାୟତର ବିଭିନ୍ନ କାମ କରିବା ପାଇଁ ସୁଯୋଗ ଦେଇ ଥାଆନ୍ତି। କିନ୍ତୁ ଏବେ ସରକାର ବଦଳିଗଲା ପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଛି ।କାମ କରିବାର ସୁଯୋଗ ଏମାନେ ଆଉ ଦେଇ ପାରୁ ନାହାଁନ୍ତି ।ଫଳରେ ନେଇଥିବା ପଇସା ଫେରି ପାଇବା ପାଇଁ ଉଭୟଙ୍କ ଭିତରେ ବଚସା ହୋଇଥିବା ଜଣାପଡିଛି ।ଅନ୍ୟ ପଟେ ସମିତିସଭ୍ୟଙ୍କ କହିବା ଅନୁଯାୟୀ କୌଣସି କାରଣ ନଥାଇ ମୋତେ କିଛି ବ୍ୟକ୍ତି ବ୍ଲକ ପରିସର ରୁ ବାହାରକୁ ଡ଼ାକିନେଇ ମାଡ଼ ମାରିଥିଲେ ଏବଂ ଗାଳି ଗୁଲଜ କରିଥିଲେ ।ଅନ୍ୟ ପକ୍ଷ ରେ ଦେଖିବାକୁ ଗଲେ କୋରେଇ ବ୍ଲକରେ ଗତ କିଛିଦିନ ହେବ ପୁରୁଣା କାମର ବିଲ କୁ ନେଇ ତୁମ୍ଭି ତୋଫାନ ଲାଗି ରହିଛି। ପୁରୁଣା କାମ ଗୁଡିକ ଅଧିକାରୀଙ୍କ ନାମରେ ହୋଇଥିବା ବେଳେ ଭେଣ୍ଡର ମାଧ୍ୟମରେ ବିଲ ପେଁଠ କରାଯାଏ। କିନ୍ତୁ ଲୋକ ପ୍ରତିନିଧି ମାନେ କାହିଁକି କାମ ପାଇଁ ଦରଦ ଦେଖାଉଛନ୍ତି ତାହା ବୁଝା ପଡୁନାହିଁ।

# ଗଂଜେଇ ପରେ ପୁଣି ବ୍ରାଉନ ସୁଗାର ବୌଦ୍ଧରେ ଚେର ଲମ୍ବିଲାଣି

## ମୋବାଇଲ,ଟଙ୍କା,ବସ୍ ଟିକଟ,ଘଣ୍ଟା,ଚିଲମ, ଜବତ, ୩ ଜଣ କୋର୍ଟ ଚାଲାଣ



ବୌଦ୍ଧ ୨୨/୩(ନି.ପ୍ର): ଦିନକୁ ଦିନ ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ମାଆଫିଙ୍କ ପାର୍ଦୁଭାବ ବଢୁଥିବା ବେଳେ ଗଞ୍ଜେଇ ଚେର ନ ଛିଡ଼ିବା ପୂର୍ବରୁ ପୁଣି ବ୍ରାଉନ ସୁଗାର ଚେର ଲମ୍ବିବାକୁ ଆରମ୍ଭ କଲାଣି । ଜିଲାରେ ଦୈନିକ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଧରିବାରେ ବୌଦ୍ଧ ପୋଲିସ ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ ଏବେ ବ୍ରାଉନ ସୁଗାର କାରବାର ପୋଲିସକୁ ଆଉଟିକେ ମୁଣ୍ଡ ବିନ୍ଧା କରିଦେଲାଣି । ଏନେଇ ମଙ୍ଗଳବାର ଦିନ ବୌଦ୍ଧ ଏସପି ରାହୁଲ ଗୋୟଲ ନିଜ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ସହର ଉପକଣ୍ଠ ରାମଜାଙ୍ଗୀ ନାଳ ନିକଟରୁ ବ୍ରାଉନ ସୁଗର ଜବତ ନେଇ ସୁଚନା ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ରେ ବୌଦ୍ଧ ପୋଲିସ୍ ବୁଟୁପାଲି-ରଇଠାଣି ମଧବର୍ତ୍ତି ରାମଜାଙ୍ଗୀ ନାଳ ନିକଟରୁ ୨୨.୭୬ ଗ୍ରାମ୍ ବ୍ରାଉନ ସୁଗର ଜବତ କରିଥିଲା । ଉକ୍ତ ମାମଲାରେ ବୌଦ୍ଧ ସହର ପୋଡାପଡାର ଶିବାନନ୍ଦ ଗହିର ଓ ଇରିଗେସନ କଲୋନୀର ପ୍ରୀତମ୍ ଦେହୁରୀ ବଗିଚା ସାହିର ପ୍ରଭାକର ପରିଡା, ଙ୍କୁ ଗିରଫ କରିଥିଲା । ଅଭିଜୁକ୍ତ ପ୍ରଭାକରଙ୍କ ନିକଟରୁ ୧୯୭୦ ଟଂକା ସହ ଫୋଏଲଡ ପେପର, ଗୋଟିଏ ମୋବାଇଲ ଫୋନ, ବସ୍ ଟିକଟ୍, ଭଙ୍ଗା ହାତଘଣ୍ଟା, ଚିଲମ୍ ଓ ଗୋଟିଏ ଆପାଚି ବାଇକ ଜବତ କରାଯାଇଛି । ସେହିପରି ଶିବାନନ୍ଦ ନିକଟରୁ ଗୋଟିଏ ମୋବାଇଲ ଜବତ ହୋଇଥିବା ବେଳେ ପ୍ରୀତମ୍ ନିକଟରୁ ମଧ ଗୋଟିଏ ମୋବାଇଲ ଓ ୧୩୯୫୦ ଟଂକା ଜବତ କରା ଯାଇଥିବା ଏସ ପି ସୁଚନା ଦେଇଛନ୍ତି । ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ମଧ ରୁଜୁ କରାଯାଇ ସମସ୍ତ ୩ ଅଭିଜୁକ୍ତଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଅଛି । ଏପଟେ ଜିଲ୍ଲା ରେ ଗଞ୍ଜେଇ ଓ ବ୍ରାଉନ ସୁଗାର ବେଆଇନ କାରବାର ଉପରେ ରୋକ ଲଗାଇବା ପାଇଁ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଙ୍କ ନଜର ରହିଥିବା ବେଳେ ବୌଦ୍ଧ ପୋଲିସ କୁ ମଧ ନାକେଦମ ହେବାକୁ ପଡୁଛି । ସେପଟେ ନୂତନ ଭାବେ ବୌଦ୍ଧ ଜିଲ୍ଲା କୁ ଯୋଗ ଦେଇଥିବା ଏସପି ରାହୁଲ ଗୋଏଲ ଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି ମଧ୍ୟ ସାଧାରଣ ରେ ମତ ପ୍ରକାଶ ପାଉଛି ।

# ପାଟଖଣ୍ଡା ବୁଢ଼ାରଜାଙ୍କ ପ୍ରସିଦ୍ଧ ଝାମୁଯାତ୍ରା ସମ୍ପନ୍ନ



ଲାଞ୍ଜିଗଡ଼ ୨୨/୩(ନି.ପ୍ର): ପ୍ରାଚୀନ ଧର୍ମଧାରାର ପ୍ରତୀକ ପାଟଖଣ୍ଡା ବୁଢ଼ାରଜାଙ୍କ ବାଲିଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ ଥୁଆଙ୍ଗ ପଦର ପାଟଖଣ୍ଡା ବୁଢ଼ା ରଜାଙ୍କ ପୀଠ ଏନେଇ ଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି,ମୁଗ, କୋଲଥ, ମକା,ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା । ପରେ ୭ଟି ନୂଆଁ ଚାଙ୍ଗଡିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ତାଦିଶୋରୁ ଜଙ୍ଗଲକୁ ଯାଇ ବେଲକଣ୍ଡା ଆଣି ପୂଜକ ମାନେ ବେଲ କଣ୍ଟାରେ ଝାମେର ଦୋଲି ପ୍ରସ୍ତୁତ କରିଥିଲେ । ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଡହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତ ମାନେ ମାନସିକ ଅନୁଯାୟୀ ଛେଳି,କୁକୁଡ଼ା ଓ ପାରା ବଳି ଦେଇଥିଲେ । ପାଟଖଣ୍ଡା ବୁଢ଼ାରଜା ମୁଖ୍ୟ ପୂଜକ ବାନ ମାଝୀ, ଉଆଁସୁ ହରିଜନ ବାହୁକ ବିଟୁ ମାଝୀ,ବୁଡାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ, ବିସ୍ମ ମାଝୀ, ଭଦ୍ର ମାଝୀ, ଶଶୀ ମାଝୀ, ଶିବ ମାଝୀ, ଲାଇ ମାଝୀ, ବିଗ୍ନ ମାଝୀ, ଛବି ମାଝୀ,ସୁମନ୍ତ ନାଏକ ସମେତ ଗ୍ରାମ ବସି ସହଯୋଗ କରିଥବା ବେଳେ ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା ।

# ଜିନ୍ଦଲ ଷ୍ଟେନଲେସ୍ ରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ




କଳିଙ୍ଗନଗର, ୨୨/୩(ନି.ପ୍ର): କଳିଙ୍ଗନଗର ସ୍ଥିତ ଜିନ୍ଦଲ ଷ୍ଟେନଲେସ କାରଖାନା ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ବହୁ ଆଡମ୍ବର ସହ ଗତ ୧୨ ତାରିଖ ରେ ଉଦଯାପିତ ହୋଇଯାଇଅଛି । ଏଥିରେ କାରଖାନା ଓ ବାଷ୍ପିତ ବିଭାଗ, ଯାଜପୁର ରୋଡ଼ ଡିଭିଜନର ସହାୟକ ନିର୍ଦ୍ଦେଶକ, ଗଣେଶ୍ୱର ମାର୍ଦି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଏବଂ ଜିନ୍ଦଲ ଷ୍ଟେନଲେସ କାରଖାନାର ମୁଖ୍ୟ, ଦୀପକ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ, ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ବିଭାଗର ମୁଖ୍ୟ, ମନୋଜ କୁମାର ବଳ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହିତ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକମାନଙ୍କର ସମାବେଶ ହୋଇଥିଲା ।

ଚଳିତ ବର୍ଷ ଉଦଯାପନୀ ଉତ୍ସବର ମୁଖ୍ୟ ଆକର୍ଷଣ ବିଭିନ୍ନ ବିଭାଗର ମନମୁଗ୍ଧକର ସୁରକ୍ଷା ରାଲିଗୁଡ଼ିକ ଥିଲା। କାରଖାନାର ଶ୍ରମିକ ଓ କର୍ମଚାରୀମାନେ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ । ଏଥି ସହିତ ଏହି ବର୍ଷର ବାର୍ତ୍ତା 'ସୁରକ୍ଷା ଏବଂ ସ୍ୱାସ୍ଥ୍ୟ - ବିକଶିତ ଭାରତ ପାଇଁ ଅତ୍ୟାବଶ୍ୟକ' ଉପରେ ନାଟକଟି ପରିବେଷିତ ହୋଇଥିଲା । ନାଟକ ମାଧ୍ୟମରେ କାରଖାନାକୁ କିପରି ଦୁର୍ଘଟଣା ଶୂନ୍ୟ କରାଯିବ ଓ ସୁରକ୍ଷା ପ୍ରତି ପ୍ରତ୍ୟେକ ମୂହୁର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା। ମୁଖ୍ୟଅତିଥି, ଶ୍ରୀଯୁକ୍ତ ଗଣେଶ୍ୱର ମାର୍ଦି ବିଭିନ୍ନ ବିଭାଗ ଦ୍ୱାରା ପରିବେଷଣ କରାଯାଇଥିବା ସୁନ୍ଦର ସୁରକ୍ଷା ରାଲି ରେ ବିଭାଗର ମୁଖ୍ୟ ମାନଙ୍କ ସହିତ କର୍ମଚାରୀ ମାନଙ୍କ ଉପସ୍ଥିତି ସହ ସମ୍ମିଳନ ଦେଖି ବହୁତ ଆନନ୍ଦିତ ହେବା ସହ ଜିନ୍ଦଲ ଷ୍ଟେନଲେସକୁ ଗତବର୍ଷ ପାଇଁ ବହୁ ଜାତୀୟ ଏବଂ ଆନ୍ତର୍ଜାତୀୟ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଗୁଡ଼ିକ ମିଳିଥିବାରୁ ଏବଂ ଗତ ବର୍ଷ ଶୂନ୍ୟ ଦୁର୍ଘଟଣା ପାଇଁ ପ୍ରଶଂସା କରିଥିଲେ। ଏଥିସହ ସୁରକ୍ଷା ନିୟମକୁ କଡାକଡି ପାଳନ କରିବାକୁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକ ମାନଙ୍କୁ ପରାମର୍ଶ ଦେଇଥିଲେ । କାରଖାନାର ମୁଖ୍ୟ, ଦୀପକ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ, ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ମୁଖ୍ୟ, ମନୋଜ କୁମାର ବଳ, ପ୍ରମୁଖ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା ସହ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ଘଟଣା ପ୍ରାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ଉପଦେଶ ଦେଇଥିଲେ ।ସପ୍ତାହେ ବ୍ୟାପି ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ ପ୍ରତିଯୋଗିତା,ସୁରକ୍ଷା ରାଲି ଏବଂ ଶିଶୁ ମାନଙ୍କୁ ନେଇ ସେମାନଙ୍କ ମଧ୍ୟରେ ସୁରକ୍ଷାର ବାର୍ତ୍ତା ଓ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ ଉଦଯାପନୀ କାର୍ଯ୍ୟକ୍ରମରେ ଅନେକ କର୍ମଚାରୀ ଏବଂ ବିଭିନ୍ନ ବିଭାଗକୁ ସୁରକ୍ଷା କ୍ଷେତ୍ରରେ ତାଙ୍କର ଅଗ୍ରଗତି ଓ ସଂକଳ୍ପ ପାଇଁ ଏବଂ ପ୍ରତିଯୋଗିତା ରେ ଭାଗନେଇଥିବା ଶ୍ରମିକ ଏବଂ କର୍ମଚାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ଯେଉଁଥିରେ କାରଖାନାର ସମସ୍ତ କର୍ମଚାରୀ ମାନଙ୍କୁ ସୁରକ୍ଷା ପ୍ରତି ପ୍ରେରିତ କରିବା ସହ ଆଗାମୀ ସମୟରେ ସୁରକ୍ଷାକୁ ଆହୁରି ଶୃଦୃଢ଼ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

# ରାସେଶ୍ୱରୀ ସାମଲ ହତ୍ୟା ଘଟଣା: ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଅଭିଯୁକ୍ତ



ବୌଦ୍ଧ ୨୨/୩(ନି.ପ୍ର): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ରାଜିଙ୍ଗ ଗ୍ରାମର ରାସେଶ୍ୱରୀ ସାମଲ ହତ୍ୟା ଘଟଣା ରେ ସକ୍ଷ୍ୟ ପ୍ରମାଣ ଅଭାବ ରୁ ବିଚାରଧିନ ଥିବା ମାମଲା ରୁ ମୁଁ କୁଳିଲେ ଅଭିଯୁକ୍ତ ।

ସୂଚନା ମତେ ଗତ ୨୦୨୧ ମସିହା ସେପ୍ଟେମ୍ବର ୩୦ ତାରିଖ ରାସେଶ୍ୱରୀ ଙ୍କ ମୃତ ଦେହ ତାଙ୍କ ଘରପଛ ପଟ କୂଅ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ଏପଟେ ମୃତକଙ୍କ ପୁଅ ବିଭୀଷଣ ସାମଲ ନିଜ ମାଁଙ୍କୁ ହତ୍ୟା କରାଯାଇଥିବା ନେଇ ପୁରୁଣା କଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ପୋଲିସ ଅଭିଯୋଗ କୁ ଭିତ୍ତି କରି ଗ୍ରାମର କୁଶ ବଗର୍ତି ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମକଦମା ଟି ଅତିରିକ୍ତ ଜିଲ୍ଲା ଦୌରାଜ ଜଜ ଅଦାଲତ ରେ ବିଚାରଧିନ ଥିବା ବେଳେ ଉକ୍ତ ମାମଲା ରେ ୧୯ଜଣ ସାକ୍ଷୀଙ୍କ ବୟାନ କରି ପ୍ରମାଣ ଅଭାବ ରୁ ଜିଲ୍ଲା ଦୌରାଜ ଜଜ ସରୋଜିନୀ ପତି ଅଭିଯୁକ୍ତ କୁଶ ବଗର୍ତି ଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଥିବା ଜଣାପଡ଼ିଛି । ଏହି ମାମଲାକୁ ବରିଷ୍ଠ ଆଇନଯିବି ପ୍ରଶାନ୍ତ କୁମାର ପ୍ରଧାନ ପରିଚାଳନା କରୁଥିଲେ ।

# ମୂଷାନାଳ ସମେତ ୫ଟି ସ୍ଥାନରେ ୧୦ ଦିନ ହେଲା ବିଏସଏନଏଲ ନେଟୱର୍କ ନାହିଁ

## ସାତ ହଜାରରୁ ଅଧିକ ଲୋକେ ସେବାରୁ ବଞ୍ଚିତ

ଲାଞ୍ଜିଗଡ,୨୨/୩(ନି.ପ୍ର): ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧୁଷିତ ମୁଷାନାଳରେ ସମେତ ବନ୍ଧପାରି, ମାଣ୍ଡିଆରୁଚା,ସିଦ୍ଧିପଦର ଓ ଗୋଇଚର୍ଚ୍ଚା ୫ଟି ସ୍ଥାନରେ ଆଜିକୁ ୧୦ ଦିନ ହେଲା ରାସ୍ତା କଡରେ ନିଆଁ ଲାଗି ମାଣ୍ଡିଆରୁଚା ନିକଟରେ ବିଏସଏନଏଲ କେବୁଲ ପୋଡି ଯିବାରୁ ବିଏସଏନଏଲ ନେଟୱର୍କ ନାହିଁ ।ଯାହା ଫଳରେ ୭ ହଜାରରୁ ଅଧିକ ଲୋକେ ବିଏସଏନଏଲ ସେବାରୁ ବଞ୍ଚିତ ରହିଛନ୍ତି ।ଏହାକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବ୍ଲକର ଘାଟି ଅଞ୍ଚଳର ମୁଷାନାଳ ଏକ କେନ୍ଦ୍ର ବିନ୍ଦୁ ହୋଇଥିବା ବେଳେ ଷ୍ଟେଟବ୍ୟାଙ୍କ ସମେତ ବିଭିନ୍ନ ପ୍ରକାରର ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଏହି ଅଞ୍ଚଳ ପାଇଁ ନେଟୱର୍କ ସେବା ସ୍ୱପ୍ନ ସଦୃଶ୍ୟ ରହିଥିବା ବେଳେ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ କିଛି ବର୍ଷ ହେଲା ବିଏସଏନଏଲ କମ୍ପାନୀ ଟାୱାର ସ୍ଥାପନ କରି ବର୍ତ୍ତମାନ ବିଏସଏନଏଲ ସେବା ଯୋଗାଇ ଆସୁଥିଲା ।କିନ୍ତୁ ବିଏସଏନଏଲ ନେଟୱର୍କ ପ୍ରତି ମାସରେ ୫ ରୁ ୬ଦିନ ନେଟୱର୍କ ଉଭାନ ହୋଇଯାଉଛି ।କିନ୍ତୁ ବିଏସଏନଏଲ ଏକ ପୁରୁଣା ଟେଲିକମ କମ୍ପାନୀ ହୋଇଥିବା ବେଳେ ଏହି ଦୁର୍ଗମ ଅଞ୍ଚଳରେ ଲୋକେ ନିଜ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ବ୍ୟତୀତ ଏମିତିକି ଅଫିସ ମାନଙ୍କରେ ରେ ମଧ ଅଧିକତର ଏହି ବିଏସଏନଏଲ ଇଣ୍ଟନେଟ ବ୍ୟବହାର କରୁଛନ୍ତି। ହେଲେ ବର୍ତ୍ତମାନ ଲୋକଙ୍କ ଆସ୍ଥା ହରାଉଛି ଏହି କମ୍ପାନୀ ଲୋକଙ୍କୁ ଠିକରେ ସେବା ଯୋଗାଇ ପାରୁନାହିଁ । ଅଧିକାଂଶ ଗ୍ରାହକଙ୍କର ବ୍ୟାଙ୍କ ଆକାଉଣ୍ଟରେ ବିଏସଏନଏଲ ନମ୍ବର ଜଡିତ ଥିବାରୁ ସେମାନେ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାନ୍ସକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି ଓ ଆଜିକୁ ୧୦ ଦିନ ହେଲା ନେଟ କାମ ହୋଇପାରୁନାହିଁ। ତେଣୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି । ଲାଞ୍ଜିଗଡ ବ୍ଲକ ର ମୂଷାନାଳ,ବନ୍ଧପାରି, ମାଣ୍ଡିଆରୁଚା, ସିଦ୍ଧିପଦର ଓ ଗୋଇଚର୍ଚ୍ଚା ଏହି ୫ ଗୋଟି ସ୍ଥାନରେ ବିଏସଏନଏଲ ଟାୱାର ରହିଥିଲେ ମଧ ୧୦ ଦିନ ହେଲା ୭ ହଜାରରୁ ଅଧିକ ବିଏସଏନଏଲ ଉପଭୋକ୍ତା ନେଟୱର୍କ ସେବାରୁ ବଞ୍ଚିତ ରହିଛନ୍ତି ।ନେଟ କାମ ଥିଲେ ଲୋକେ ହାତିଶାଳ ଘାଟି କୁ ଆସି ନିଜ କାମ କରୁଥିବା ଦେଖିବାକୁ ମିଳୁଛି । ଡିଜିଟାଲ ଯୁଗରେ ପିଲାଙ୍କ ପାଠପଢା ପାଇଁ ଏବଂ ଦୁର୍ଗମ ଅଞ୍ଚଳରେ ରୋଗୀ ସେବା ପାଇଁ ଆମ୍ବୁଲାନ୍ସ ଦରକାର ପଡିଲେ ବହୁତ ଅସୁବିଧା ଭୋଗୁଛନ୍ତି ନେଟୱର୍କ ନଥିଲେ ଓ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ କରିଛନ୍ତି ହେଲେ ସରକାରୀ ବାବୁଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ତାହା ବାଟବଣା ହେବାରେ ଲାଗିଛି । ଯେତେ ଅଭିଯୋଗ କଲେ ମଧ ଦେଖ ଶୁଣ ଚୁପରୁହ ନୀତିରେ ଚାଲିଛି । ଲୋକେ ଏହି କମ୍ପାନୀ ପ୍ରତି ବିମୁଖ ହେଉଛନ୍ତି ।ଏ ବିଷୟରେ ନେଟୱର୍କ ବିଭାଗର ରମାକାନ୍ତ ପ୍ରାମାଣିକଙ୍କୁ ପଚାରିବାରୁ ଆମକୁ ଅଭିଯୋଗ ଆସିଛି ।କିନ୍ତୁ ରାସ୍ତା କଡରେ ନିଆଁ ଲଗାଇ ଦେଇଥିବା ଯୋଗୁଁ କେତେ ବାଟ କେବୁଲ ପୋଡି ଯାଇଛି ।କେବୁଲ ଦାଇତ୍ୱ ଓପିଡିସିଏଲ ନାମକ ଏକ କମ୍ପାନୀ ନେଇଛି ।ଶୀଘ୍ର କରିବା ପାଇଁ କହିଛୁ ।କିନ୍ତୁ ସେ ବିଳମ୍ବ କରୁଛି ବୋଲି ପ୍ରକାଶ କରିଥିଲେ ।ଘାଟି ଅଞ୍ଚଳବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି ।ଏହାକୁ



ନେଇ ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍ଲାଇ ଏକ ବଡ଼ ଧରଣର ଆନ୍ଦୋଳନ କରିବୁ ବୋଲି ଲୋକେ ପ୍ରକାଶ କରିଛନ୍ତି ।ସେଥିପାଇଁ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

# ଗୃହପାଳିତ ପ୍ରାଣୀଙ୍କ ସଂକ୍ରମକ ରୋଗରୁ ମୁକ୍ତି ପାଇଁ ଦିନିକିଆ କର୍ମଶାଳା

## କାମଧେନୁ ଯୋଜନା ଉପରେ ଚାଷୀଙ୍କୁ କରାଗଲା ସଚେତନତା



ବୌଦ୍ଧ ୨୨/୩(ନି.ପ୍ର): ବୌଦ୍ଧ ପ୍ରାଣୀ ପାଳନ ବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକ କୃଷି ଓ ବୈଷୟିକ ପରାମର୍ଶ ବିଭାଗ ତାଲିମ୍ ଗୃହ ଠାରେ ଗୃହ ପାଳିତ ପଶୁ ଓ ପକ୍ଷୀ ମାନଙ୍କ ସଂକ୍ରମକ ରୋଗ ନିରାକରଣ ପାଇଁ ବ୍ଲକ ସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀରେନ୍ଦ୍ର କୁମାର ପୃଷ୍ଟି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କର୍ମଶାଳା ରେ ମୁଖ୍ୟ ଅତିଥିଭାବେ ହରଭଙ୍ଗା ଗୋଷ୍ଠୀ କୃଷି ଅଧିକାରୀ ସବ୍ୟସାଚୀ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥିଭାବେ ଓମ ଫେଡ଼ କ୍ଷେତ୍ର ପରିଦର୍ଶକ ଅମୁଲ୍ୟ ଓଝା, ସନ୍ତୋଷ କୁମାର ମହାନ୍ତି ଯୋଗ ଦେଇଥିଲେ । ପ୍ରାଣୀ ମାନଙ୍କ ପାଖରେ ଦେଖାଯାଉଥିବା ବିଭିନ୍ନ ରୋଗ ଓ ରୋଗ କୁ କିପରି ନିରାକରଣ କରାଯାଇପାରିବ ସେ ବିଷୟରେ ଡା. ପୃଷ୍ଟି ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ପଟେ ବ୍ଲକ ର ବିଭିନ୍ନ ଦୁଗ୍ଧ ସୋସାଇଟି ରୁ ଆସିଥିବା ଚାଷୀଙ୍କୁ ନୂତନ ସରକାରଙ୍କ କାମଧେନୁ ଯୋଜନା ଓ ଏହି ଯୋଜନାରେ ଅନ୍ତର୍ଭୂକ୍ତ ଉନ୍ନତ ବାଛୁରୀ ପାଳନ ଯୋଜନା ସମ୍ପର୍କ ରେ ଚାଷୀ ଙ୍କୁ ଧାରଣା ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ବ୍ଲକ ର ବିଭିନ୍ନ ସ୍ଥାନରୁ ଚାଷୀ ଉପସ୍ଥିତ ରହିଥିବା ବେଳେ ବିଭାଗ ର ନିର୍ମଳ ପ୍ରଧାନ, ସଞ୍ଜୟ ସାହୁ, ଲଖଣ ପ୍ରଧାନ ସହଯୋଗ କରିଥିଲେ ।

# ଯୁବକଙ୍କୁ ଗୁଳିମାଡ କରି ଦୁର୍ବୃତ୍ତ ଫେରାର, ପୁଲିସ ପକ୍ଷରୁ ତଦନ୍ତ ଜାରୀ

ବସ୍ତା,୨୨/୩(ନି.ପ୍ର): ଅଞ୍ଚଳରେ ଆଇନ ଶୃଙ୍ଖଳା ହୁଗୁଳା ହୋଇ ପଡିଥିବା ବେଳେ ଦୌନ ଦିନ ଚୋରୀ ଡକାୟତି ରାହାଜାନି ଲାଗିରହିଛି ।ଫଳରେ ସାଧାରଣ ଲୋକେ ଯାତାୟତ ସମୟରେ ଭୟଭିତ ହେବା ସହିତ ନିଜକୁ ନିରାପଦ ମଣୁନାହାନ୍ତି। ଏହିପରି ଅବସ୍ଥାରେ ଗତକାଲି ବସ୍ତା ଥାନା ଅଧିନସ୍ଥବାସୁ ଚକୁରି ପଞ୍ଚାୟତ ପାଇକଡିହା ଚାକୁରାଇ ଠାରେ ବିଳମ୍ବିତ ରାତିରେ ଜୈନିକ ଯୁବକଙ୍କୁ ଗୁଳିମାଡ ହେବା ପରେ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇଛି ।ଘଟଣାରୁ ଜଣାପଡିଛି ବସ୍ତା ଥାନା ନିମା ଗ୍ରାମର ବଂଶୀଧର ଜେନାଙ୍କ ପୁଅ ସୁଧାଂଶୁ ଶେଖର ଜେନା(୩୧)ଗତକାଲି ରାତି ୧୧ ଟା ସମୟରେ ମୁକୁଳୁସି ତାଙ୍କ ଭିଣୋଇ ଘରୁ ସୁଧାଂଶୁ ଓ ତାଙ୍କ ସାଙ୍ଗ ବାଇକରେ ଘରକୁ ଫେରିବା ସମୟରେ ପାଇକଡିହା ଚକୁରାଇ ଠାରେ ତିନିରୁ ଚାରି ଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଥିଲେ। ତାଙ୍କ ବାଇକରୁ ଚାବି କାଠି ଛଡାଇ ନେବା ପରେ ସୁଧାଂଶୁ ପ୍ରତିବାଦ କରିବାରୁ ଦୃର୍ବୃତ୍ତ ମାନେ ତାଙ୍କ ଗୋଡକୁ ଗୁଳି ମାଡ କରିଥିଲେ ।ଗୁଳି ମାଡ ଶବ୍ଦ ଶୁଣି ବାଇକ ପଛରେ ବସିଥିବା ସାଙ୍ଗ ବାଇକରୁ ଉହ୍ଲାଇ ଜୀବନ ବିକଳରେ ଅନ୍ଧାରରେ ଦୌଡ଼ି ପଳାଇ ଯାଇଥିଲେ। ସୁଧାଂଶୁ ତଳେ ପଡି ଚିତ୍କାର କରୁ ଥିବା ଶୁଣି ଗାଁଲୋକେ ଆସି ସୁଧାଂଶୁକୁ ତଳୁ ଉଠାଇ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।ତେବେ ଦୁର୍ବୃତ୍ତମାନେ ଛିନ୍ତାଇ ନା ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟେଇଛନ୍ତି କିଛି ଜଣାପଡିନାହିଁ। ତେବେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସଂପାଦକୀୟ

## ମଦମୁକ୍ତ ହେଉ ଓଡ଼ିଶା

ଯେଉଁ ଓଡ଼ିଶାର କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ବିଶ୍ୱନାଥ ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଆଦି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ, ସେମାନଙ୍କର ଏହି ରାଜ୍ୟ ଗଢିବାରେ ଅଶେଷ ଅବଦାନ ଥିଲା ଏବଂ ଆମେ ସେମାନଙ୍କ ନିକଟରେ ଚିର କୃତଜ୍ଞ। ସେହି ରାଜ୍ୟରେ ବିଜେଡି ସରକାର ୨୦ ବର୍ଷରୁ ଅଧିକ କାଳ ଶାସନ କରିବାର ସୌଭାଗ୍ୟ ଲାଭ କରିଛି। ଏହି ସୁଦୀର୍ଘ କାଳ ମଧ୍ୟରେ ରାଜ୍ୟ ସରକାର କେତେକ ମଙ୍ଗଳକର କାର୍ଯ୍ୟ କରୁଛନ୍ତି। କିନ୍ତୁ ଗତ ଦୁଇ ଦଶାନ୍ଧି ମଧ୍ୟରେ ରାଜ୍ୟ ଶାସନର ଦାୟିତ୍ୱରେ ଥିବା ଭିତରେ ରାଜ୍ୟରେ ମଦ ଆଦି ନିଶା ୨୦ ଗୁଣରୁ ଅଧିକ ବଢିଛି। ଏହା ଫଳରେ ଲକ୍ଷାଧିକ ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି। ପଡୋଶୀ ରାଜ୍ୟ ବିହାରରେ ରାଜ୍ୟ ସରକାର ମଦମୁକ୍ତ ବିହାର ଗଢ଼ି ତୋଳିବାରେ ସଫଳ ହୋଇଥିବାବେଳେ ଆମେ କିନ୍ତୁ ପଛରେ ପଡିଛୁ। ରାଜ୍ୟ ସରକାର ମଦରୁ ଅଧିକ ରାଜସ୍ୱ କମାଉଥିବାରୁ ଏହାକୁ ବ୍ୟାନ୍ କରିବାକୁ ପଛଘୁଂଚା ଦେଉଛନ୍ତି। କିଛିବର୍ଷ ମଦ୍ୟାସକ୍ତ ହେବା ପରେ ମଧୁମେହ ହୁଏ ଏବଂ ତା'ରି ଫଳରେ ଲୋକେ ରୋଗ ପ୍ରତିରୋଧ ଶକ୍ତି ହରାନ୍ତି। ପରିଣାମ ସ୍ୱରୂପ ହୃତ୍‌ଘାତ ଓ ନାନା ପ୍ରକାର କର୍କଟ ରୋଗରେ ସେମାନେ ତରୁଣ ବୟସରେ ପ୍ରାଣ ହରାନ୍ତି। ଏଭଳି ଲକ୍ଷ ଲକ୍ଷ ଅଧା ବୟସରେ ମରୁଥିବା ଲୋକଙ୍କ ଖବର କେହି ରଖନ୍ତି ନାହିଁ। ଗତ ୨୦ବର୍ଷ ମଧ୍ୟରେ ଏଭଳି ଭାବରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଯୁବତୀ ଅଳ୍ପ ବୟସରୁ ବିଧବା ହେବା ତା'ର ପ୍ରମାଣ। ପଶ୍ଚିମ ଓଡ଼ିଶାରେ ଅନେକ ଗାଁରେ ଏଭଳି କାରଣରୁ ଏତେ ଯୁବତୀ ବିଧବା ହୋଇଛନ୍ତି ଯେ କେତେ ଗାଁରେ ବିଧବା ପଡ଼ା ବି ଦେଖିବାକୁ ମିଳେ। ଏବେ ନାରୀମାନଙ୍କୁ ସଶକ୍ତ କରିବା ଓ ଯୁବକମାନଙ୍କର ଦକ୍ଷତା ବୃଦ୍ଧି ଲାଗି ବହୁ ଯୋଜନା ଚାଲିଛି। କିନ୍ତୁ ମଦ୍ୟପ ପରିବାରର ନାରୀ ସଶକ୍ତ ହେବା ତ ଦୂରର କଥା; ପ୍ରତି ରାତିରେ ମାଡ଼ ଖାଏ, ତା'ର ପିଲାମାନେ ବାଲୁଙ୍ଗା ହୁଅନ୍ତି ଓ ଘରୁ ଲକ୍ଷ୍ମୀ ବିଦାୟ ନିଅନ୍ତି ଏବଂ ପରିବାର ଉଜୁଡ଼େ। ଯେଉଁ ଯୁବକମାନେ ମଦ୍ୟାସକ୍ତ ହୋଇଯାଆନ୍ତି, ସେମାନେ ସବୁ ପ୍ରକାର ଦକ୍ଷତା ହରାଇ ଥାଆନ୍ତି। ଏହାରି ଫଳରେ ସ୍ୱତନ୍ତ୍ର ଉତ୍କଳ ଗଠନର ୮୫ ବର୍ଷ ପରେ ଓ ସ୍ୱାଧୀନତାପ୍ରାପ୍ତିର ୭୪ବର୍ଷ ଅନ୍ତେ ବି ଓଡ଼ିଶା ଏକ ଅଭାବଗ୍ରସ୍ତ ଓ ଦାଦନ ଶ୍ରମିକର ରାଜ୍ୟ ଭାବରେ ବିବେଚିତ। ମଦ ଭଳି ସର୍ବନାଶୀ ପାପର ଅବସାନ ଲାଗି ମହାତ୍ମା ଗାନ୍ଧୀ ସ୍ୱାଧୀନତା ପ୍ରାପ୍ତିର ୨୪ ଘଂଟା ମଧ୍ୟରେ ଦେଶ ନିଶାମୁକ୍ତ ହେବା କଥା କହୁଥିଲେ। ତାଙ୍କ ୧୫୦ ବର୍ଷ ଜୟନ୍ତୀ ପାଳନ କାଳରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦ ସ୍ଥାନିତ ହେବା ପାଇଁ ଆପଣ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମଦ ଆଦି ନିଶା ଯେ ସବୁ ପ୍ରକାର ହିଂସାର ମଞ୍ଜି ଏକଥା କିଏ ନଜାଣେ? ଏବେ ଯେଉଁ ଗଣଧର୍ଷଣ, ଧର୍ଷଣ ଓ ହତ୍ୟା ଜଘନ୍ୟ ଆଦି ଖବର ସବୁଦିନ ଗଣମାଧ୍ୟମରେ ପ୍ରକାଶିତ ହୁଏ, ତାହା ପଛରେ ରହିଛି ନିଶା। ମଦର ସର୍ବନାଶୀ ଭୂମିକାକୁ ଅନୁଭବ କରି ଓଡ଼ିଶାର ଚିରସ୍ମରଣୀୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୫୬ ମସିହାରୁ ନିଶା ନିବାରଣ ଆଇନ ଓଡ଼ିଶା ବିଧାନସଭାରେ ପାରିତ କରାଇଥିଲେ; ଯାହାକି ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ମଧ୍ୟ ଏପର୍ଯ୍ୟନ୍ତ ପଡ଼ିରହିଛି। ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ୨୦୧୫ ମସିହାରେ ପ୍ରାୟ ୧୦ ଲକ୍ଷ ଲୋକଙ୍କ ଦସ୍ତଖତ ଥିବା ନିବେଦନ ପତ୍ର ପଠାଯାଇଥିଲା। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଇତି ମଧ୍ୟରେ ବହୁବର୍ଷ ବିତିଗଲେ ବି ରାଜ୍ୟ ସରକାର ଏ ଦିଗରେ ନୀରବ। ସ୍ୱତନ୍ତ୍ର ଓଡ଼ିଶା ଦିବସରେ ଆପଣ ସ୍ୱତନ୍ତ୍ର ଉତ୍କଳର ପୂର୍ବୋକ୍ତ ସ୍ରଷ୍ଟାମାନଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଦିଅନ୍ତି। ସେମାନେ ଖାଲି ସ୍ୱତନ୍ତ୍ର ଉତ୍କଳ ଚାହିଁନଥିଲେ; ସ୍ୱପ୍ନ ଦେଖିଥିଲେ ସମୃଦ୍ଧ ଓ ଗୌରବମଣ୍ଡିତ ଉତ୍କଳର। ଆପଣ ଆଗାମୀ ବର୍ଷକ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ କଲେ ସେହି ମହାନ ଜାତିପ୍ରାଣମାନଙ୍କ ସ୍ୱପ୍ନ ସାକାର ହେବ ଓ ଓଡ଼ିଶାର ନିୟୁତ ନିୟୁତ ମାଆମାନଙ୍କର ଆଖିରୁ ଲୁହ ଶୁଖିବ ଏବଂ ପିଲାଙ୍କ ମୁହଁରେ ହସ ଫୁଟିବ।

# ' ମଧୁ ବର୍ଣ୍ଣବୋଧ ରେ ବିଲେଇ ଓ ହରିଣ '

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଛବିଳ ମଧୁ ବର୍ଣ୍ଣବୋଧ ଓଡ଼ିଶାର ଏକ ଶିଶୁ ପୁସ୍ତକ ଅଟେ । ଏହା ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ୧୮୯୫ ମସିହାରେ ଲେଖା ଯାଇଥିଲା । ଓଡ଼ିଆ ଭାଷା ଶିଖିବା ପାଇଁ ବିଶେଷ କରି ପିଲାମାନଙ୍କ ପାଇଁ ଏକ ସଂପୂର୍ଣ ପୁସ୍ତକ ଅଟେ । ଏଥିରେ ଓଡ଼ିଆ ବର୍ଣ୍ଣମାଳା ସହ ମାତ୍ରା ଓ ଯୁକ୍ତାକ୍ଷର ରହିଛି, ଯାହାକି ପିଲାଙ୍କ ମନେ ରହିବା ପରି ଲେଖା ମାନଙ୍କରେ ଦର୍ଶାଯାଇଛି । ଏହି ବହିଟିରେ ଇଂରାଜୀ ଏବଂ ହିନ୍ଦୀ ବର୍ଣ୍ଣମାଳା ମଧ୍ୟ ଅଛି । ଏଥି ସହିତ ବହି ଶେଷରେ ପ୍ରାର୍ଥନା ଓ ପଣକିଆ ବହିଟିକୁ ଏକ ସଂପୂର୍ଣ୍ଣ ପ୍ରାଥମିକ ପୁସ୍ତକ କରିଛି । ଛବିଳ ମଧୁ ବର୍ଣ୍ଣବୋଧର ପ୍ରଥମ ସଂସ୍କରଣ ଲଣ୍ଡନଠାରେ ପ୍ରକାଶ କରାଯାଇଥିଲା । ୧୯୬୦ ବେଳକୁ ଏହି ବହି ବଜାରରେ ଆଉ ମିଳୁ ନଥିଲା । ଏହାର ବିକଳ୍ପ ଭାବରେ ଛବିଳ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧ ଓ ସହଜ ମଧୁ ବର୍ଣ୍ଣବୋଧ ନାମରେ ଅନେକ ବହି ବିକ୍ରୀ ହେଉଥିଲା । ସେହିପରି ୨୦୧୪ ମସିହାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ବହିଟିକୁ ପୁନଃ ପ୍ରକାଶନ କରି ଅନେକ ତୃଟି ବିଚ୍ୟୁତି ଯୋଗୁ ବିବାଦ ଘେରକୁ ଆସିଥିଲା କ୍ଷ ତେବେ ଏବେ ଏ ବହିଟି ନୂତନ ଭାବରେ ପ୍ରକାଶ ହୋଇଥିବାରୁ ପୁଣି ଏହା ମଧ୍ୟ ବିବାଦ ଘେରରେ ରହିଛି । ନିକଟରେ ଭକ୍ତକବି ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରିଛନ୍ତି ବର୍ତ୍ତମାନର ଓଡ଼ିଆ ସରକାର । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କରିଛନ୍ତି ବର୍ତ୍ତମାନର ଓଡ଼ିଶା ସରକାର । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧ କହିଥିଲେ ଯେ ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ପବିତ୍ର ଶ୍ରୀ ପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମଧ ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଥିଲେ ଯେ ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା 'ବର୍ଣ୍ଣବୋଧ' ଓ ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ ହୋଇଛି । ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ । ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ । ଏହି ବହିଟି ଅତି କମ୍? ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା । ୧୮୯୫ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା । ଏହାର ଲୋକପ୍ରିୟତା ଏଭଳି ବଢିଥିଲା ଯେ ୧୮୯୫ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା । ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢି ବଡ଼ ହୋଇଛୁ, ଓଡିଆ ଭାଷାକୁ ଶିଖିଛୁ । ବର୍ଣ୍ଣବୋଧ ଆମ ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଛି । ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ' । ତେବେ ବର୍ଣ୍ଣୋବୋଧ ର ପ୍ରଚ୍ଛଦ ବଦଳିବା ଏବେ କିଛି ଲୋକଙ୍କୁ ଦୁଃଖ ଦେଇଛି ଓ ଏହାକୁ ନେଇ ସମାଲୋଚନା ମଧ ହୋଇଛି କ୍ଷ ୧୮୫୩ରେ ଜନ୍ମିତ ମଧୁସୂଦନ ରାଓ ୧୮୯୫ରେ ବର୍ଣ୍ଣବୋଧର ରଚନା କରିଥିଲେ । ଯେଉଁଥିରେ ଓଡ଼ିଆର ଅକ୍ଷର, ବର୍ଣ୍ଣ, ଆକାର, ଶବ୍ଦ ବାବଦରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ପରେ ଏଥିରେ ଛବି ଯୋଡ଼ାଯାଇ ପ୍ରଚ୍ଛଦରେ ବିଲେଇର ଫଟୋ ଥାଇ ଛବିଳ ମଧୁ ବର୍ଣ୍ଣବୋଧ ଭାବେ ବ୍ୟାପକ ଭାବେ ଆଦୃତ ହେଲା । ହେଲେ ଏବେର ସଂସ୍କରଣ ରେ ବିଲେଇ ବଦଳରେ ହରିଣ ପ୍ରଚ୍ଛଦ ଓ ରଙ୍ଗ କୁ ନେଇ କିଛି ଭାଷାବିତ୍ ଓ ବୁଦ୍ଧିଜିବୀ ମାନେ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ବର୍ତ୍ତମାନ ନୂତନ ରୂପେ ବଦଳି ଥିବା ବର୍ଣ୍ଣବୋଧରେ, ବିଲେଇ ବଦଳରେ ପ୍ରଚ୍ଛଦ ପୃଷ୍ଠାରେ ହରିଣ ଚିତ୍ର ସ୍ଥାନ ପାଇଛି । କଳାଧଳା ବଦଳରେ ରଙ୍ଗୀନ ହୋଇଛି ବର୍ଣ୍ଣବୋଧ । କାନ୍ଥବାଡ଼, କୋଠାବାଡ଼ିର ରଙ୍ଗ ଭଳି ବର୍ଣ୍ଣବୋଧ ବି ବିଭିନ୍ନ ରଙ୍ଗରେ ପ୍ରକାଶିତ ହୋଇଛି ଓ ଏହା ମଧ କୁହା ଯାଇଚି ଯେ ବିଲେଇ ବଦଳରେ ହରିଣ ଫଟୋ ଥିଲେ ବି ଏହାର ମୌଳିକତା ବଜାୟ ରହିଛି କ୍ଷ ହେଲେ ବର୍ଣ୍ଣବୋଧର ନୂତନ ସଂସ୍କରଣ ଓ ଏହାର ଲେଖା, ଛବିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଷାବିତ ଓ ବୁଦ୍ଧିଜିବୀ ମାନେ । ୧୮୯୫ରେ ପ୍ରକାଶିତ ପ୍ରଥମ ସଂସ୍କରଣ ବହିର ନାଁ ଥିଲା ବର୍ଣ୍ଣବୋଧ । ପରେ ଏହାକୁ ଆଉ ଏକ ପ୍ରକାଶନ ସଂସ୍ଥା ଏଥିରେ କିଛି ଛବି ଯୋଡ଼ି ଛବିଳ ମଧୁ ବର୍ଣ୍ଣବୋଧ ନାଁରେ ବଜାରକୁ ଆସିଥିଲା । ହେଲେ ବିଲେଇ ଫଟୋ ଥିବା ଛବିଳ ମଧୁ ବର୍ଣ୍ଣବୋଧ ବ୍ୟାପକ ଭାବେ ଆଦୃତ ହୋଇଥିଲେ ବି ବହିର ଟାଇଟଲ ସହ ମଧୁବାବୁଙ୍କ କିଛି ସମ୍ପର୍କ ନଥିଲା । ନୂତନ ସଂସ୍କରଣ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି କୁହାଯାଉଥିବା ବେଳେ ପୁରୁଣା ବହିରେ ଥିବା ବିଲେଇର ଛବିକୁ ହଟାଇ ଥିବା କୁ ନେଇ ଏହାକୁ ନାପସନ୍ଦ କରିଛନ୍ତି ଭାଷାବିତ ମାନେ ।

ଆମେ ଯଦି ଟିକେ ମଧୁସୂଦନ ରାଓଙ୍କ ବିଷୟରେ ଆଲୋକପାତ କରିବା ତେବେ ଏହାର ମୂଳ କଥାକୁ ଜାଣି ପାରିବା କ୍ଷ ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି ମଧୁସୂଦନ ରାଓ କୋମଳ ମନକୁ ଆକର୍ଷିତ କରିଥିଲେ ମୂଳ ଲେଖା ମଧୁ ବର୍ଣ୍ଣବୋଧରେ । ଏହି ବହିଟି ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟି ଥିଲା । ଘରେ ଘରେ ବର୍ଣ୍ଣବୋଧ ବେଶ୍ ପରିଚିତ ଥିଲା । ୧୮୯୫ ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା । ଏହାର ଲୋକପ୍ରିୟତା ଏଭଳି ବଢିଗଲା ଯେ ୧୮୯୫ ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା । ଏହା ସତ୍ୟ ଯେ ଓଡିଶାର ପ୍ରତି ପୁରପଲ୍ଲୀରେ, ଗାଁରେ, ସହରରେ ବର୍ଣ୍ଣବୋଧ ଆମ ମାନଙ୍କର ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଥିଲା । ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ' । ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସରଳ ଭାଷାରେ ଓ ଛୋଟ ଛୋଟ ପଦ୍ୟ ମାଧ୍ୟମରେ ଶିକ୍ଷାଦାନକୁ ସେ ବୋଧଗମ୍ୟ କରିଥିଲେ ଯାହା ଅଦ୍ୱିତୀୟ କ୍ଷ ବର୍ଣ୍ଣବୋଧ, ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ । ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ । ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ ।

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେଉଛି 'ବର୍ଣ୍ଣବୋଧ' । ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ 'ବର୍ଣ୍ଣବୋଧ' ମାଧ୍ୟମରେ ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଛନ୍ତି । ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ବର୍ଣ୍ଣବୋଧ ଯେତିକି ଉପାଦେୟ, ସେତିକି ଅପରିହାର୍ଯ୍ୟ । ହେଲେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଶିକ୍ଷାର ମୂଳଦୁଆଭାବେ ପରିଚିତ ବର୍ଣ୍ଣବୋଧ ଆଉ ବଜାରରେ ଆଖି ଦୃଶିଆ ମିଳୁନି । ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ପାଠ୍ୟକ୍ରମ ଯୁଗରେ ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ଏକାଧିକ ପୁସ୍ତକ ଓ ଅଧ୍ୟୟନ କୌଶଳ ପ୍ରକାଶିତ ହୋଇଛି । ହେଲେ ବର୍ଣ୍ଣବୋଧ ଆଜି ବି ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ନିଜ ଲୋକପ୍ରିୟତା ହରାଇନି । ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକଭାବେ ଏହାର ଆଦୃତି ଏବେ ବି ରହିଛି ଯୁଗ ଯୁଗ ପାଇଁ ରହିଥିବ ମଧ । କିନ୍ତୁ କିଛି ବେପାରୀ ପ୍ରକାଶକ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧକୁ ବିକୃତ କରି ଛାପିବାରୁ ଏହାର ମୌଳିକତା କିଛି ନଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଛବିଳ ମଧୁ ବର୍ଣ୍ଣବୋଧ, ଏହା ଏମିତି ଏକ ଉପାଦେୟ ବହି, ଯାହା ଯୁଗୋପଯୋଗୀ ଯାହାକି, ଭାଷା ଶୁଦ୍ଧ ହେବା ସହିତ ପିଲାଙ୍କ ଲେଖା ଶୈଳୀରେ ମଧ ପରିମାର୍ଜିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ହେଲେ, ସମୟ ସୁଅରେ ଏବେ ଭାଷି ଯାଇଛି ଏହି ବିଲେଇ ବହି ବା ଛବିଳ ମଧୁ ବର୍ଣ୍ଣବୋଧ ।

ଛବିଳ ମଧୁ ବର୍ଣ୍ଣବୋଧ, ଦେଖିବାକୁ ଛୋଟ ଚଟି ବହିଟିଏ । ଯାହାର ରଚୟିତା ଭକ୍ତ କବି ମଧୁସୂଦନ ରାଓ । ସମୟ ଥିଲା ଛୋଟ ପିଲା ମାନଙ୍କର ଛବିଳ ମଧୁ ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ମୂଳଦୁଆ ଭାବେ କଳ୍ପନା କରିହେଉ ନଥିଲା । ସେତେବେଳେ ପିଲା ମାନଙ୍କର ମଧୁ ବର୍ଣ୍ଣବୋଧ ଚାଟଶାଳି ଓ ପ୍ରାଥମିକ ବିଦ୍ୟାଳୟରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଯାହାକି, ଓଡିଶା ମାଟିର ସବୁ ପିଲାଙ୍କ ପାଇଁ ଏହି ଛବିଳ ମଧୁ ବର୍ଣ୍ଣବୋଧ ବହିଟି ଆଦ୍ୟ ଗୁରୁ ଅଟେ । ବର୍ତ୍ତମାନ ସମୟରେ ପିଲାମାନେ ଇଂରାଜୀରୁ ପାଠ ପଢିବା ଆରମ୍ଭ କଲେଣି । ପିଲାଙ୍କ ମନ ଭିତରୁ ଓଡ଼ିଆ ଶିକ୍ଷା ବିଲୁପ୍ତ ହେବାସହ ଇଂରାଜୀ ଆପଣେଇଲେଣି । ଯାହା ଫଳରେ ଛବିଳ ମଧୁ ବର୍ଣ୍ଣବୋଧ ପିଲାଙ୍କ ମନରୁ ଦୁରେଇବାକୁ ବସିଲାଣି । ମଧୁସୂଦନ ରାଓଙ୍କ ରଚନା ଖୁବ ସରଳ ଓ ଶୁଦ୍ଧ ଓଡିଆରେ ଲେଖା । ମଧୁସୂଦନ ରାଓ ଓ ଫକୀର ମୋହନ ସେନାପତିଙ୍କ ଠାରୁ ଓଡ଼ିଆ ଭାଷାର ଆଧୁନିକ ଯୁଗର ଆରମ୍ଭ ହୋଇଥିବା ମଧ କୁହାଯାଏ । ସେ ଯାହାହେଉ, ଏବେ କିନ୍ତୁ ଚାହାଳି ଘରେ ଆଉ ଶୁଭୁନାହିଁ ଛବିଳ ମଧୁ ବର୍ଣ୍ଣବୋଧର ଶବ୍ଦ ଗୁଡିକ । ସମୟ ବଦଳିବା ସହ, ପିଲାମାନଙ୍କ ରୁଚି ମଧ ବଦଳୁଛି । ଏବଂ ସମୟ ସୁଅରେ ଭାଷିଯାଇଛି ଛବିଳ ମଧୁ ବର୍ଣ୍ଣବୋଧ । ଯେଉଁ ବହି ପଢି ଦିନେ ପିଲାମାନେ ଓଡ଼ିଆ ଭାଷାକୋଷ ସହିତ ପରିଚିତ ହେଉଥିଲେ, ସେହି ଛବିଳ ମଧୁ ବର୍ଣ୍ଣବୋଧ ଆଜି ଆଉ ପିଲାମାନଙ୍କର ପ୍ରାଥମିକ ଶ୍ରେଣୀରେ ଦେଖିବାକୁ ମିଳୁନାହିଁ କ୍ଷ ବିଦେଶୀ ଢାଞ୍ଚାରେ ଗଢି ଉଠିଥିବା କିଛି ପୁଞ୍ଜିପତି ବେସରକାରୀ ବିଦ୍ୟାଳୟରେ ବର୍ଣ୍ଣବୋଧକୁ ଅଗ୍ରାଧିକାର ଦିଆ ଯାଉ ନାହିଁ ଯାହା ଫଳରେ ପିଲାଏ ମଧୁ ବର୍ଣ୍ଣବୋଧ କଣ ଜାଣି ପାରୁ ନାହାନ୍ତି କ୍ଷ ଇଂରାଜୀ ବିଦ୍ୟାଳୟ କଥା ଛାଡ଼ନ୍ତୁ କ୍ଷ ତେବେ ବିଲେଇ ଓ ହରିଣ ଭିତରେ ଛାୟା ଯୁଦ୍ଧ ଚାଲିଥିଲା ବେଳେ ସରକାରୀ ସ୍ତରରେ କଡ଼ା କଡି ନିୟମ ଜାରି ହେବା ଦରକାର ଯେ ସେ ସରକାରୀ ହେଉ ଅବା ବେସରକାରୀ, ଅବା ଓଡ଼ିଆ ମିଡିଅମ ସ୍କୁଲ ହେଉ ଅବା ଇଂରାଜୀ ମିଡିୟମ ସ୍କୁଲ, ସବୁଠି ଓଡ଼ିଆ ମଧୁ ବର୍ଣ୍ଣବୋଧକୁ ଶିକ୍ଷାରେ ସାମିଲ କରାଯାଉ ଓ ପଢ଼ା ଯାଉ ଓ ଠିକ୍ ସେ ପଢ଼ା ହେଉଛି କି ନା ତାହା ମଧ ଯାଂଚ୍ କରା ଯାଇ କ୍ଷ ଏହା ହୋଇପାରିଲେ ପିଲା ମାନଙ୍କର ବୌଦ୍ଧିକ ଜ୍ଞାନ ବଢିବା ସହିତ ଓଡ଼ିଆ ଭାଷା ସାହିତ୍ୟ ମଜଭୁତ ହେବ ଓ ଓଡ଼ିଆ ଅସ୍ମିତା ବଜାୟ ରହିବ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ଚୀନର ପ୍ରକଳ୍ପ ୧୩୭୬ର ଟାର୍ଗେଟରେ ଓଡିଶା

**ସୌମେନ୍ଦ୍ର ଜେନା**

ଦୀର୍ଘ ଦିନ ଧରି ଡୋକଲାମ ଏବଂ ଲଦାଖ ଅ□ଳରେ ସେନାଙ୍କୁ ଛିଡା କରିଥିଲା ଚୀନ । ଉଦ୍ଦେଶ୍ୟ ଥିଲା ଭାରତକୁ ନାଲି ଆଖି ଦେଖାଇବା । କଂଗ୍ରେସ ଶାସନ କାଳରେ ଦୀର୍ଘ ପଚାଶବର୍ଷ ଧରି ସମୟେ ସମୟେ ଏମିତି ନାଲିଆଖି ଦେଖାଇ ଭାରତକୁ ଭୟଭୀତ କରିବାକୁ ସକ୍ଷମ ହୋଇଥିଲା ଚୀନ । ପୂର୍ବତନ କଂଗ୍ରେସ ସରକାର ଚୀନର ସରକାରଙ୍କୁ ଏତେ ପରିମାଣରେ ଭୟ କରୁଥିଲେ ଯେ ସୀମାନ୍ତରେ ସେନାପାଇଁ ଆବଶ୍ୟକ ସଡକ ମଧ୍ୟ ନିର୍ମାଣ କରୁନଥିଲେ । ହିମାଳୟ ପାଦଦେଶରେ ଅନେକ ଝର ଏବଂ ନଦୀକୁ ପାରିହେବାଲାଗି ସ୍ଥାୟୀ ପୋଲ ମଧ୍ୟ ନିର୍ମାଣ କରୁନଥିଲେ । ୧୯୬୨ରେ ଯେପରି ସୀମାନ୍ତର ହଜାର ହଜାର କିଲୋମିଟର ଅ□ଳକୁ ଚୀନ ଦଖଲ କଲା, ଠିକ୍ ସେମିତି କାଳେ କରିପାରେ, ସେହି ଭୟ ଘାରିଥିଲା କଂଗ୍ରେସ ସରକାରକୁ । ବୋଧହୁଏ ସେହି ସ୍ଥାୟୀ ଭୟ ଦୃଷ୍ଟିରୁ ରାଜନୈତିକ ଶିକ୍ଷା ପାଇଁ ଭାରତରେ କଂଗ୍ରେସ ସରକାର ଚୀନର ସରକାରଙ୍କ ସହ ନିଜ ଦଳର ବୁଝାମଣା ମଧ୍ୟ କରିଥିଲେ । ସେଥିପାଇଁ ଚୀନ ସରକାରଙ୍କଠାରୁ ଦଳୀୟ ଅନୁଦାନ ମଧ୍ୟ ଗ୍ରହଣ କରିଥିଲେ । କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ କୌଣସି ପ୍ରକାରେ ଭୟଭୀତ କରିନପାରି ପରିଶେଷରେ ପଛକୁ ଫେରିଥିବା ଚୀନ ସରକାର ପାକିସ୍ତାନ ପରି ସମ୍ମୁଖ ଯୁଦ୍ଧକୁ ଏଡାଇ ଦୀର୍ଘକାଳୀନ ଛାୟାଯୁଦ୍ଧ ଚାଲୁରଖିବା ପାଇଁ ଭାରତରେ ଆରମ୍ଭ କରିଛନ୍ତି ପ୍ରକଳ୍ପ ୧୩୭୬ । ଚୀନ ଗୋଇନ୍ଦା ସଂସ୍ଥାର ଏହି ପ୍ରକଳ୍ପ ମାଧ୍ୟମରେ ଯୁଦ୍ଧ ସୀମାନ୍ତରେ ନହୋଇ ଏବେ ଭାରତ ଭିତରେ ଆରମ୍ଭ ହୋଇଯାଇଛି ।

ଏହି ପ୍ରକଳ୍ପ ଅନୁଯାୟୀ ଭାରତର ବଜାର ମଧ୍ୟରେ ପ୍ରବେଶ କରି ବ୍ୟବସାୟ ନାମରେ ଚୀନ ସେନାବାହିନୀ ନିଜ ଏଜେ□ ମାଧ୍ୟମରେ ଆରମ୍ଭ କରିଛନ୍ତି ଗୁପ୍ତଚର କାର୍ଯ୍ୟକଳାପ । ଏହି ପ୍ରକଳ୍ପ ଅନୁଯାୟୀ କେତେକ ଚୀନା କମ୍ପାନୀ ବ୍ୟବସାୟ ଆଳରେ ଭାରତର ଛୋଟ ଛୋଟ ସହରରେ ଅଫିସ ଖୋଲିବା ଆରମ୍ଭ କରିଦେଇଛନ୍ତି । ସେମାନେ ଭାରତର ବ୍ୟବସାୟୀମାନଙ୍କୁ ଅଧିକ ଖର୍ଚ୍ଚ କରି ନିଜ କମ୍ପାନୀ ନ ଖୋଲି ଚୀନରୁ ଉତ୍ପାଦିତ ମାଲକୁ କ□ାମାଲ ଭାବେ ଆଣି ଭାରତରେ ପ୍ୟାକିଂ କରି ବିକ୍ରି କରିବାକୁ ପ୍ରୋତ୍ସାହିତ କରୁଛନ୍ତି । କେବଳ ସେତିକି ନୁହେଁ, ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କୁ ଆବଶ୍ୟକ ତୁଳନାରେ ଅଧିକ ମୁନାଫା ଯୋଗାଇଦେଇ ଆକର୍ଷିତ କରିବାସହ ସେମାନଙ୍କ ମାଧ୍ୟମରେ ଦେଶର ଗୁପ୍ତସୂଚନା ସଂଗ୍ରହ କରିବାରେ ଲାଗିଛନ୍ତି । ଏଥିପାଇଁ ସେମନେ ସଂପୃକ୍ତ ବ୍ୟବସାୟୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଚୀନ ବୁଲିଯିବା ଲାଗି ସୁବିଧା କରିବା ସହ ସେମାନଙ୍କୁ ଏଜେ□ଙ୍କ ଜାଲରେ ପକାଉଛନ୍ତି । ସେମାନଙ୍କ ମାଧ୍ୟମରେ ଭାରତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ନେତା, ସନ୍ତ୍ରାସବାଦୀ ସଂଗଠନଗୁଡିକ ସହ ସଂପର୍କ ରକ୍ଷା କରାଯାଉଛି । ଚୀନର ଗୋଇନ୍ଦା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଡ୍ରାଗନବ୍ରୀଜ ମଧ୍ୟ ନାମ ଦେଇଛି । ଭିନ୍ନ ଭିନ୍ନ ସମୟରେ ଇ□ରନେଟରେ ଭାଇରସ୍ ଛାଡି ପ୍ରତିରକ୍ଷା ବାହିନୀର ତଥ୍ୟକୁ ଚୋରି କରିବାକୁ ପ୍ରୟାସ କରାଯାଉଛି । ଭାରତ-ଆମେରିକା, ଭାରତ - ଅଷ୍ଟ୍ରେଲିଆ ମିଳିତ ସେନାବାହିନୀ ଅଭ୍ୟାସ ପୂର୍ବରୁ ଚୀନ ପକ୍ଷରୁ ଏମିତି ଭାଇରସ୍ ଛଡାଯାଇ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା ।

ପ୍ରକଳ୍ପ ୧୩୭୬ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ନେପାଳରେ ଜୋରସୋରରେ ଚାଲୁରହିଛି । ଭାରତର ସୀମାନ୍ତରେ ଥିବା ଏହି ଦୁଇଟି ଦେଶରେ ଚୀନ ନିଜେ ଗୁପ୍ତଚର ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛି । ଦୁଇଟି ଦେଶର ଜନସାଧାରଣଙ୍କୁ ମାଣ୍ଡିରିନ୍ ଭାଷା ଶିକ୍ଷାଦାନ କରାଯାଉଛି । ଉଦ୍ଦେଶ୍ୟ ହେଲା ଯେ ଏହି ଦୁଇଦେଶର ଲୋକେ ସ୍ଥାୟୀ ଭାବେ ଭାରତର ଲୋକମାନଙ୍କ ସହ ସଂପର୍କ ରକ୍ଷାକରି ତଥ୍ୟ ସଂଗ୍ରହ କରିବେ । ଭାରତ-ନେପାଳ ମଧ୍ୟରେ ସୀମା ଖୋଲା ଥିବା ହେତୁ ମାଣ୍ଡାରିନ ଭାଷା ଜାଣିଥିବା ବ୍ୟକ୍ତି ଭାରତରେ ଚାକିରୀ କିମ୍ବା ବାଣିଜ୍ୟ ପାଇଁ ଆସି ମାଣ୍ଡାରିନ ଭାଷାରେ ଚୀନା ଏଜେ□କୁ ତଥ୍ୟ ଯୋଗାଇବ । ଆମେରିକାକୁ ଦୁର୍ବଳ କରିବାକୁ ଏପ୍ରକାର ଯୋଜନାରେ ଚୀନ ସଫଳ ହୋଇଛି । ଚୀନା ମୂଳର ଦୁଇ ଆମେରିକୀୟ ପ୍ରତିରକ୍ଷା କର୍ମଚାରୀ ପେ□ାଗନର କାର୍ଯ୍ୟାଳୟ ମଧ୍ୟରୁ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଗୋପନୀୟ ଫାଇଲ ସବୁର ମୋବାଇଲ କ୍ୟାମେରାର ଫଟୋ ଚୀନକୁ ପଠାଯାଉଥିବା ବିଷୟକୁ କ୍ରିସ ପଟେଲ ନିକଟରେ ଧରିଛନ୍ତି । କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ସବୁ ପ୍ରକାର କଟକଣା ଏବଂ ଯୁଦ୍ଧର ସମ୍ମୁଖୀନ ହେବାଲାଗି ଚୀନ ସର୍ବଦା ପ୍ରସ୍ତୁତ ରହିଥିବା ବିଷୟ ବେଜିଂର ଅଧିକାରୀମାନେ ବାରମ୍ବାର କହୁଥିଲେ । ବାଇଡେନଙ୍କ ଶାସନ କାଳରେ ଇରାନ ଉପରେ ଆକ୍ରମଣର ଏକ ପୂର୍ବଯୋଜନାକୁ ଇସ୍ରାଏଲ ସରକାର ଆମେରିକା ସରକାରଙ୍କୁ ଗତବର୍ଷ ଜଣାଇଥିଲେ । କିନ୍ତୁ ସେହି ଯୋଜନା ସଂପର୍କରେ ଇରାନ ସରକାର ଗଣମାଧ୍ୟମରେ ଆଗୁଆ ପ୍ରକାଶ କରିବା ପରେ ଇସ୍ରାଏଲ କ□ୃପକ୍ଷ ଚକିତ ହୋଇଥିଲେ । କଥା ହେଲା ଯେ ବାଇଡେନଙ୍କ ସରକାରରେ ପାଲେଷ୍ଟାଇନ ଓ ଇରାନର ସମର୍ଥକମାନେ ରହିଥିଲେ । ଜଣେ ମୁସଲିମ କର୍ମଚାରୀଙ୍କ ଦ୍ୱାରା ସେହି ତଥ୍ୟ ଆଗୁଆ ଇରାନ ସରକାରଙ୍କୁ ଯୋଗାଇ ଦିଆଯାଇଥିଲା । ଯାହାଫଳରେ ଇସ୍ରାଏଲ ସରକାର ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ । ବାଇଡେନଙ୍କ ଶାସନ କାଳରେ ଆମେରିକାରେ ପାଠପଢିବା ଏବଂ ଗବେଷଣା କରିବାକୁ ଆସୁଥିବା ଚୀନର ଛାତ୍ରଛାତ୍ରୀମାନେ ଆମେରିକା ଗବେଷଣାଗାରଗୁଡିକର ତଥ୍ୟକୁ ଚୀନ ସରକାରଙ୍କୁ ଯୋଗାଉଥିବାର ଅଭିଯୋଗ ଉଠିବା ପରେ କେତେକ ଚୀନା ଗବେଷକଙ୍କୁ ଦେଶରୁ ବିତାଡିତ କରାଯାଇଥିଲା । ଚୀନା ଏଜେ□ ଭାବେ କାର୍ଯ୍ୟରତ ମହିଳାମାନେ ଆମେରିକା ପ୍ରତିରକ୍ଷା, ପ୍ରଶାସନ ଏବଂ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ପଦାଧିକାରୀଙ୍କ ସହ ବୈବାହିକ ସଂପର୍କରେ ରହି ଚୀନ ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଜଣାପଡିଥିଲା । ସମାନ ଢଙ୍ଗରେ ହିମାଚଳ ପ୍ରଦେଶର ଧର୍ମଶାଳା ସହରସ୍ଥିତ ଦଲାଇଲାମାଙ୍କ କାର୍ଯ୍ୟାଳୟ ନିକଟରେ ଛୋଟ ଦୋକାନ ଖୋଲି ତିବ୍ବତୀୟ ଆନ୍ଦୋଳନକାରୀଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଜଣେ ଚୀନ ମହିଳାଙ୍କୁ ପୁଲିସ ଗିରଫ କରିଥିଲା । ସେ ମହିଳାଜଣକ ସମୟେ ସମୟେ ଦଲାଇଲାମାଙ୍କ କାର୍ଯ୍ୟାଳୟ ମଧ୍ୟକୁ ଯାଇ ସେଠାକାର ଲୋକମାନଙ୍କ ସହ ମିଶି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ଉଠିଥିଲା ।

ଭାରତରେ ପ୍ରକଳ୍ପ ୧୩୭୬ ମାଧ୍ୟମରେ ଚୀନା କମ୍ପାନୀମାନେ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ପୁଣେ, ବାଙ୍ଗାଲୋର, ହାଇଦ୍ରାବାଦ ପରି ସହରଗୁଡିକରେ ନିଜର ଶାଖା କାର୍ଯ୍ୟାଳୟ ନଖୋଲି ଓଡିଶାର ବାଲେଶ୍ୱର, କଟକ ଏବଂ ଭୁବନେଶ୍ୱର ପରି ସହରରେ ଖୋଲିଛନ୍ତି । ବ୍ୟବସାୟୀମାନଙ୍କ ସହ ସଂପର୍କ ରକ୍ଷା କରିବା ସହ ରାଜ୍ୟରେ ଥିବା ପ୍ରତିରକ୍ଷାବାହିନୀର କେନ୍ଦ୍ର ଯେମିତି ଚାନ୍ଦବାଲି, ବାଲେଶ୍ୱରର କ୍ଷେପଣାସ୍ତ୍ର ପରୀକ୍ଷା ଘାଟୀ, କୋରାପୁଟର ହାଲ, ପଶ୍ଚିମ ଓଡିଶାର ଗୋଳାବାରୁଦ କାରଖାନାର ଖବର ସଂଗ୍ରହ କରିବା ତାଙ୍କର ମୂଳଲକ୍ଷ୍ୟ ରହିଛି । ସେମାନେ ଓଡିଶାର ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କ ସହ ଉ□ମ ସଂପର୍କ ରକ୍ଷାକରି ସେମାନଙ୍କୁ ଚୀନକୁ ବୁଲିଯିବା ଲାଗି ପଠାଉଛନ୍ତି । ନିହାତି ଛୋଟ ବ୍ୟବସାୟ କରୁଥିବା ଲୋକେ ଅଳ୍ପ କେତେଟା ଦିନରେ ବଡଲୋକ ହେବା ଦେଖାଯାଉଛି । ସେମାନଙ୍କ ରୋଜଗାରର ଉତ୍ସ ବ୍ୟବସାୟ ନୁହେଁ ବରଂ ଅଧିକନ୍ତୁ ଗୁପ୍ତଚର ଗିରି ବୋଲି ସନ୍ଦେହ କରାଯାଉଛି । ଏହି ପ୍ରକଳ୍ପ ଅନ୍ତର୍ଗତ ଗଣମାଧ୍ୟମ ସଂପର୍କରେ ଆସିଥିବା ଲୋକେ ଏକ ନିର୍ଦ୍ଦିଷ୍ଟ ବିଷୟକୁ ବ୍ୟାପକ ପ୍ରଚାର କରିବାରେ ଲାଗିପଡିଛନ୍ତି । ସମାଜ ପାଇଁ ଆବଶ୍ୟକ ବା ଅନାବଶ୍ୟକ କଥା ଚିନ୍ତା ନହୋଇ ସମ୍ବାଦ ପରିବେଷଣ ହେଉଛି । ସତ୍ୟତା ପ୍ରତି ଧ୍ୟାନ ନଦେଇ ଯେମିତି ହାଫିଜ ସୟିଦର ମୃତ୍ୟୁ ଖବର ଭାରତରେ ବହୁବାର ପ୍ରଚାର କରାଯାଇଆସିଛି ଏହାର ମୂଳରେ ପାକିସ୍ତାନର କିଛି ସମ୍ବାଦଦାତା ରହୁଛନ୍ତି, ଯେଉଁମାନଙ୍କ ଖବରକୁ କପି ପେଷ୍ଟ କରି ଭାରତରେ ପ୍ରଚାର କରାଯାଉଛି । ଯେମିତି ସୀମା ହାଇଦର ଘଟଣାକୁ ମଧ୍ୟ ଉଦାହରଣ ସ୍ୱରୂପ ନିଆଯାଇପାରେ । ସେମିତି ମୋନାଲିସାର ଖବର କିମ୍ବା କୁମ୍ଭମେଳାରେ ଦାନ୍ତକାଠି ବିକ୍ରିକରି ୪୦ହଜାର ରୋଜଗାର କରିଥିବା ଜୌନପୁର କଲେଜଛାତ୍ରର ଘଟଣା । ଏସବୁକୁ ଚଟପଟି ନିଉଜ୍ ନାମରେ ପରିବେଷଣ କରାଯାଇଛି । ଏପରିକି ଏହାର ପ୍ରତିକ୍ରିୟାକୁ ମଧ୍ୟ କେନ୍ଦ୍ରକରି ଥାନାରେ ଅନେକ ମାମଲା ଆସିଛି । ଏଥିରେ ଗୋଟିଏ ବିଷୟ ପରିଲକ୍ଷିତ ହେଉଛି ଯେ କିଛି ଲୋକ ଚାହିଁଲେ ସାରାଦେଶର ଦୃଷ୍ଟିକୁ ଗୋଟିଏ ଆଡେ ଆକର୍ଷିତ କରିପାରୁଛନ୍ତି । ବଡ ବଡ ଘଟଣା ଅପେକ୍ଷା ଛୋଟ ଛୋଟ ଘଟଣାକୁ ବଡ କରି ପ୍ରଚାର କରାଯାଉଛି । ଯେମିତି କୁମ୍ଭମେଳାରେ ଗ୍ୟାସ ସିଲିଣ୍ଡରର ବନ୍ଦ କରାନଯିବା ହେତୁ ଯେଉଁ ଅଗ୍ନିକାଣ୍ଡ ଘଟିଥିଲା ତାକୁ ଖାଲିସ୍ତାନୀ ଆକ୍ରମଣ ବୋଲି କେତେକ ଗଣମାଧ୍ୟମରେ ପ୍ରସାରିତ କରିବାକୁ ପାକିସ୍ତାନର ଆଇଏସ୍‌ଆଇ ସକ୍ଷମ ହୋଇଥିଲା । ଆଇଏସ୍‌ଆଇର ଖବରକୁ ଭାରତର କେତେକ ଗଣମାଧ୍ୟମ କପି ପେଷ୍ଟ କରି ପ୍ରଚାର କଲେ । ତେଣୁ ଭାରତ ଭିତରେ ଗଣମାଧ୍ୟମକୁ କେତେକାଂଶରେ ନିଜ ହାତମୁଠାରେ ରଖିବାପାଇଁ ପ୍ରକଳ୍ପ ୧୩୭୬ କାର୍ଯ୍ୟ କରି ସକ୍ଷମ ହୋଇଛି ।

ଏହି ପ୍ରକଳ୍ପକ ଅନ୍ୟ ଏକ କାର୍ଯ୍ୟହେଲା ବୁଦ୍ଧିଜୀବୀ ଲୋକମାନଙ୍କୁ କବ୍‌ଜା କରିବା । ଯେମିତି କିଛି ଲୋକ ସୋସିଆଲ ମିଡିଆରେ ଦୈନିକ ଚୀନର ପ୍ରଶଂସାରେ ନାନା ବିଷୟ ପ୍ରସାରିତ କରି ଚୀନ କିପରି ଆମେରିକା ସ୍ତରକୁ ଗଲାଣି ତାହା ଦର୍ଶାଇବାରେ ବ୍ୟସ୍ତ । ଆଭ୍ୟନ୍ତରୀଣ ଚୀନ, ଗ୍ରାମା□ଳରେ ଚୀନକୁ କେନ୍ଦ୍ରକରି କମ୍ ଖବର ପ୍ରସାରିତ ହେଉଛି । ସେମିତି ନିର୍ବାଚନ ସରି ନଥିବା ସ୍ଥଳେ ଦେଶରେ କମ୍ ପ୍ରତିଶତ ଲୋକେ ଭୋଟ ଦେବା, ତଦନୁଯାୟୀ ସରକାର ବଦଳିଯିବା ପରି ଭୋଟ ଫଳାଫଳ ପ୍ରକାଶ ପୂର୍ବରୁ ଏବଂ ଭୋଟ ଚାଲିଥିବା ସମୟରେ ଖବରମାନ ସମୀକ୍ଷା ଆଳରେ ପ୍ରସାରିତ କରାଗଲା । ଏସବୁ ଖବର ନିର୍ବାଚନକୁ ପ୍ରଭାବିତ କରିବାକୁ କରାଯାଇଥିଲା । ସେତିକି ନୁହେଁ ଡିପ୍‌ଫେକ୍ ଟେକ୍‌ନୋଲୋଜୀ ସହାୟତାରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କଣ୍ଠସ୍ୱରକୁ ବ୍ୟବହାର କରାଯାଇ ମିଛ ଭିଡିଓମାନ ପ୍ରସାରିତ କରାଯାଇଥିଲା । ଯେମିତି ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ହୋଇଥିଲା । ଗବେଷଣା ଆଳରେ ଦେଶର ବିଶ୍ୱବିଦ୍ୟାଳୟଗୁଡିକ ସହ ଚୀନ ବିଶ୍ୱବିଦ୍ୟାଳୟକୁ ଯୋଡି ପ୍ରାଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଚୀନ ସହ ଯୋଡିବା ହେଉଛି ପ୍ରକଳ୍ପ ୧୩୭୬ର ଅନ୍ୟ ଏକ ଲକ୍ଷ୍ୟ । ଏଠାରେ ଏକ ଉଦାହରଣ ରଖାଯାଇପାରେ ବିବେକାନନ୍ଦ ଫାଉଣ୍ଡେସନର ରାଜୀବ ଶର୍ମାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା । ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା ଯେ ସେ ଜଣେ ନେପାଳୀ ମହିଳାଙ୍କୁ ଦେଶର ଅନେକ ତଥ୍ୟ ପ୍ରଦାନ କରୁଥିଲେ । ରାଜୀବ ଶର୍ମାଙ୍କ ଲେଖାଗୁଡିକ ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । କଥା ହେଲା ଯେ ଏକଦା ବିବେକାନନ୍ଦ ଫାଉଣ୍ଡେସନରେ ଦେଶର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କାର୍ଯ୍ୟ କରୁଥିଲେ । ସେଭଳି ଅନୁଷ୍ଠାନରେ ଚୀନ ଏଜେ□ ପ୍ରବେଶ କରିବା ଛୋଟ କଥା ନୁହେଁ ।

ବିଦେଶରେ ଖାଲିସ୍ତାନୀ ସନ୍ତ୍ରାସବାଦୀ ପନ୍ନୁଙ୍କୁ ଭାରତ ହତ୍ୟାକରିବା ପାଇଁ ଚାହୁଁଥିବା ଏବଂ ସେଥିପାଇଁ ଏଜେ□ ପ୍ରେରଣ କରିଥିବା ଖବର ଚୀନା ସହଯୋଗୀମାନେ ଭାରତ ଭିତରେ ଏବଂ ବାହାରେ ପ୍ରଚାର କରିଥିଲେ । ଏପରିକି ରିସର୍ଚ୍ଚ ଆନାଲିସିସ୍ ୱିଙ୍ଗର ଅଧିକାରୀମାନଙ୍କୁ ଅଷ୍ଟ୍ରେଲିଆରୁ ଏଥିପାଇଁ ବାହାର କରାଯାଇଥିବା ଖବର ଚୀନ ପ୍ରସାରିତ କରିଥିଲା । ଭାରତର ସମ୍ମାନକୁ ବିଦେଶରେ ଖରାପ କରିବାକୁ ପାକିସ୍ତାନର ଆଇଏସ୍‌ଆଇ ପରି ଚୀନ ଉଦ୍ୟମ ଚଳାଇଛି । ଠିକ୍ ସେମିତି ଦେଶ ଭିତରେ ଗଣତନ୍ତ୍ର, ନିର୍ବାଚନ ବ୍ୟବସ୍ଥାକୁ ସନ୍ଦେହ କଲାପରି ଖବର ମଧ୍ୟ ପ୍ରସାରିତ କରି ଲୋକଙ୍କ ମନରେ ଗଣତନ୍ତ୍ର ବିରୋଧୀ ଭାବନା ସୃଷ୍ଟି କରୁଛି । କଥା ହେଲା ପାକିସ୍ତାନରେ ଆଇଏସ୍‌ଆଇ ଯେପରି ସେଠାକାର ସରକାର ଏବଂ ନିର୍ବାଚନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି ଠିକ୍ ସେମିତି ଭାରତରେ ଏକ ନିୟନ୍ତ୍ରଣକାରୀ ଗୋଷ୍ଠୀ ନିର୍ମାଣରେ ଚୀନ ଲାଗିପଡିଛି ।

ଓଡିଶାର ଖଣି, ପାଣି ଏବଂ ଜଳସୀମା ଉପରେ ଚୀନର ଦୃଷ୍ଟିଥିବାରୁ ରାଜ୍ୟସରକାର ଗୋଇନ୍ଦା ବିଭାଗ ଏବଂ ପୁଲିସ ବାହିନୀ ଏଥିପ୍ରତି ସତର୍କ ରହିବା ଦରକାର । କାରଣ ଦେଶ ବାହାରେ ଆଦାନୀଗ୍ରୁପ ଚୀନର ସବୁଠୁ ଅଧିକ କ୍ଷତି କରୁଛି । ଓଡିଶାରେ ଧାମରା, ଗୋପାଳପୁର ସମେତ ସୁନ୍ଦରଗଡରେ ଆଦାନୀ ଗ୍ରୁପ କାର୍ଯ୍ୟ କରୁଥିବାରୁ ରାଜ୍ୟରେ ଆଦାନୀ ବିରୋଧୀ ଆନ୍ଦୋଳନ ରାଜନେତା, ଏନ୍‌ଜିଓର କର୍ମୀଙ୍କୁ ନେଇ କରାଯିବାର ସମ୍ଭାବନା ରହିଛି । ସେମିତି ରାଜ୍ୟରେ ଯେଉଁ ବ୍ୟବସାୟୀମାନେ ପ୍ରକଳ୍ପ ୧୩୭୬ର ଏଜେ□ ସାଜି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଖୋଜି ବାହାର କରାଯିବା ଆବଶ୍ୟକ । କେଉଁ କେଉଁ ଲୋକେ ବିଗତ ଦିନରେ ଅଧିକଥର ଚୀନଗସ୍ତ କରିଛନ୍ତି ,କାହିଁକି କରିଛନ୍ତି, କାହାକୁ ଭେଟିଛନ୍ତି, କେତେ ଅର୍ଥ ପାଇଛନ୍ତି, ବ୍ୟାଙ୍କ ଖାତାକୁ କେଉଁଠୁ ପଇସା ଆସିଛି କେମିତି ଅଳ୍ପ ଦିନରେ ବଡଲୋକ ହୋଇଛନ୍ତି, ସେ ସବୁର ତଦନ୍ତ ହେବା ଆବଶ୍ୟକ । ଜନସାଧାରଣ ମଧ୍ୟ ନିଜ ଅ□ଳରେ କିଛି ଲୋକଙ୍କ ଅସ୍ୱାଭାବିକ ବିକାଶ ଦେଖିଲେ ସୂଚନା ଭିଜିଲାନ୍ସ ଏବଂ ଗୋଇନ୍ଦା ବିଭାଗକୁ ଜଣାଇବା ଦରକାର ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର -୭୫୧୦୦୩

# ୧୪୨ ବର୍ଷ ପରେ ମଂଜିରୁ ହେଲା ଗଛ



ଆଜକୁ ପ୍ରାୟ ୧୪୨ ବର୍ଷ ପୂର୍ବେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟିରେ ବୋତଲରେ ରଖାଯାଇଥିବା ମଂଜି ଏବେ ଅଙ୍କୁରିତ ହୋଇଛି । ଏହା ବିଶ୍ୱର ସବୁଠୁ ଦୀର୍ଘକାଳୀନ ପ୍ରୟୋଗ ମଧ୍ୟରେ ଅନ୍ୟତମ । ଯାହା ଆଜି ବି ଜାରି ରହିଛି । ୧୮୭୯ ମସିହାରେ ବୋତଲରେ ବନ୍ଦ ହୋଇଥିବା ମଂଜି ଗତ ଏପ୍ରିଲ ୨୩ରେ ଅଙ୍କୁରିତ ହୋଇଛି । ୟୁନିଭରସିଟିର ବୈଜ୍ଞାନିକମାନେ ଏହା ଦେଖି ଯେତିକି ଚକିତ ହେଉଛନ୍ତି, ସେତିକି ଖୁସି ମଧ୍ୟ ହେଉଛନ୍ତି । ମିଶିଗାନ ଷ୍ଟେଟ ୟୁନିଭରସିଟିର ବଟ୍‌ନି ପ୍ରଫେସର ଡା. ଡେଭିଡ୍ ଭେରି ଗତ ମାସ ୨୩ ତାରିଖରେ ନିଜ ବିଭାଗ ବେସ୍‌ମେଂଟ୍‌କୁ ଗଲେ । ସେଠାରେ ସେ ଚ୍ୟାମପରରେ ରଖାଯାଇଥିବା ବୋତଲରୁ କିଛି ମାଟି ବାହାରେ ପଡିଥିବା ଦେଖିଥିଲେ । ବୋତଲରେ ରଖାଯାଇଥିବା ମଂଜି ଅଙ୍କୁରିତ ହୋଇ ଦୁଇଟି ପତ୍ର ବାହାରିଥିଲା । ଏହା ପ୍ରଫେସର ଲୋରିଙ୍କ ପାଇଁ ସବୁଠୁ ଆଶ୍ଚର୍ଯ୍ୟର ଘଟଣା ଥିଲା । ୧୮୭୯ ମସିହାରେ ଉଦ୍ଭିଦ ବିଜ୍ଞାନୀ ୱିଲିୟମ୍ ଜେମ୍ସ ବିଲ୍ ମିଶିଗାନ୍‌ର ଇଷ୍ଟ ଅଂଚଳ ଓ ତା ଆଖପାଖରୁ କିଛି ମଂଜି ଜମା କଲେ । ସେଗୁଡିକୁ ବୋତଲରେ ମାଟି ସହ ଭରି ମିଶିଗାନ୍ ଷ୍ଟେଟ୍ ୟୁନିଭରସିଟି କ୍ୟାମ୍ପସ୍‌ରେ ଏକ ଗୁପ୍ତ ସ୍ଥାନରେ ଲୁଚାଇଦେଲେ । ଏହି ମଂଜିରୁ କେବେ ଚାରା ସୃଷ୍ଟି ହେବ କି ନାହିଁ, ସେ କେବଳ ତାହା ଜାଣିବାକୁ ଚାହୁଁଥିଲେ । ଗତ ମାସ ଡା. ଲୋରି ଓ ତାଙ୍କର ୪ ସାଥୀ ଏହି ବୋତିଲଗୁଡିକୁ ଖୋଜିବା ଆରମ୍ଭ କଲେ । ବହୁତ ଖୋଜାଖୋଜି କରିବା ପରେ ସେମାନେ ଗୋଟିଏ ବୋତଲ ପାଇଲେ । ବୋତଲରୁ ମାଟି ବାହାରକରି ଏକ ଚାମ୍ବରରେ ଢ଼ାଳିଦେଲେ । ଏହି ସମୟରେ ମାଟି ଭିତରୁ ୧୧ ମଂଜି ଦେଖାଗଲା । ଏପ୍ରିଲ ଶେଷ ବେଳକୁ ମାଟି ଭିତରୁ ମଂଜି ଅଙ୍କୁରିତ ହେଉଥିବା ସେମାନେ ଦେଖିବାକୁ ପାଇଲେ । ଏହି ପ୍ରଜାତିର ଚାରା ୧୮୦୦ ମସିହାରେ ଆମେରିକାରେ ସୃଷ୍ଟି ହୋଇଥିଲା । ଏହିଗୁକ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୀବିତ ରହନ୍ତି । ୧୪୨ ବର୍ଷ ପରେ ଏହି ମଂଜିଗୁଡିକୁ ଯେତେବେଳେ ସୂର୍ଯ୍ୟକିରଣ ଓ ଉତାପ ମିଳିଲା, ସେମାନେ ନିଦରୁ ଉଠିଲେ ବୋଲି ଡା.ଲୋରି କହିଛନ୍ତି ।

# ବିରଳ ଦୈତ୍ୟାକୃତି ଫୁଟବଲ୍ ଫିଶ୍



କାଲିଫର୍ଣ୍ଣିଆସ୍ଥିତ କ୍ରିଷ୍ଟାଲ କୋଭ୍ ଷ୍ଟେଟ୍ ପାର୍କର ସୁରକ୍ଷା ବଳୟ ମଧ୍ୟରେ ଥିବା ସାମୁଦ୍ରିକ ଲାଗୁନା ତଟରେ ଏକ ବିରଳତମ ମାଛ ମିଳିଛି । କଳା ରଙ୍ଗର ଏହି ମାଛ ଭୀଷ୍ଣ ଦାନ୍ତଯୁକ୍ତ । ଶରୀର ଆକାର ଫୁଟବଲ ଭଳି । ପାର୍କ ତରଫରୁ ଏହି ଦୈତ୍ୟକୃତି ବିରଳ ମାଛର ଫଟୋ ସୋସିଆଲ ମିଡିଆରେ ଶେୟାର କରାଯାଇଛି । ଏହାକୁ ପାସିଫିକ୍ ଫୁଟବଲଫିଶ୍ ମାଛ ନାମରେ ସମ୍ବୋଧନ କରାଯାଇଛି । ଏହି ଆଙ୍ଗଲର ମାଛ ନଜରକୁ ଆସିବା ଅତ୍ୟନ୍ତ ବିରଳ । ସମୁଦ୍ର ତଟରେ ଏହା କେମିତି ଓ କାହିଁକି ପହଂଚିଲା, ତାହା ଏବେ ସୁଦ୍ଧା ଜଣାପଡିନାହିଁ ବୋଲି ଫେସବୁକ ପୋଷ୍ଟରେ ପାର୍କ ପକ୍ଷରୁ ସୂଚନା ଦିଆଯାଇଛି । ପାର୍କର ସୂଚନା ଅନୁସାରେ ସମଗ୍ର ବିଶ୍ୱରେ ୨୦୦ରୁ ଅଧିକ ପ୍ରଜାତିର ଅଙ୍ଗଲର ମାଛ ଅଛନ୍ତି । ପାସିଫିକ୍ ଫୁଟବଲ ଫିଶ୍ ସହିତ ଏହି ମାଛର ସର୍ବାଧିକ ସାମଂଜସ୍ୟ ରହିଛି । ପାକିଫିକ୍ ଫୁଟବଲ ଫିଶ୍‌ର ଦାନ୍ତ ମୁନିଆ କାଚ କାଚଖଣ୍ଡ ଭଳି, ଯାହା ସ୍ୱଚ୍ଛ । ତାର ବିଶାଳ ପାଟି ନିଜ ଶରୀର ଆକାରର ଜୀବଙ୍କୁ ଶିକାର କରିବାରେ ସକ୍ଷମ । କେବଳ ମାଈ ମାଛର ମୁଣ୍ଡରେ ଗୋଟିଏ ଲମ୍ବା ଶିଙ୍ଗ ଥାଏ । ପାଣିର ୩ ହଜାର ଫୁଟ ଗଭୀର ଓ ଅନ୍ଧକାରମୟ ସ୍ଥିତିରେ ଶିକାର କରିବା ପାଇଁ ସେମାନେ ଏହି ଶିଙ୍ଗ ପ୍ରୟୋଗ କରନ୍ତି । ମାତ୍ର ମାଛ ୨୪ ଇଂଚ ଲମ୍ବା ପର୍ଯ୍ୟନ୍ତ ବଢ଼ନ୍ତି। ଅନ୍ୟପକ୍ଷେ ଅଣ୍ଡିରା ମାଛ ମାତ୍ର ୧ ଇଂଚ ବଢ଼ନ୍ତି । ଅଣ୍ଡିରା ମାଛଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏକ ମାଈ ମାଛ ଖୋଜିବା ଏବଂ ପ୍ରଜନନରେ ତାକୁ ସାହାଯ୍ୟ କରିବା ।



# ଫିଟ୍ ରହିବା ମୋ ଉଦ୍ଦେଶ୍ୟ




ବର୍ଷ ବର୍ଷ ଧରି ନିଜ ଶାରୀରିକ ଗଠନରେ ଅବିଶ୍ୱସନୀୟ ପରିବର୍ତନ କରିଛନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା । ନିଜକୁ ଅସୁରକ୍ଷିତ ମଣି ସେ ଏପରି କରିନାହାନ୍ତି ବରଂ ଫିଟ୍ ରହିବାର ଇଚ୍ଛା ଯୋଗୁ ଲଗାତାର ଶାରୀରିକ ପରିଶ୍ରମ କରିଛନ୍ତି । ଏ ବିଷୟରେ ଏକ ମାଗାଜିନ୍‌କୁ ସେ କହିଛନ୍ତି, ସେ ଛୋଟ ସହର ଅମ୍ବାଲାରେ ବଡ଼ ହୋଇଛନ୍ତି । ଖରାଦିନ ଛୁଟିରେ କେନିୟାରେ ରହୁଥିବା ଜେଜେ ମା ଜେଜେବାପାଙ୍କ ପାଖକୁ ସେ ଅନେକ ଥର ଯାଉଥିଲେ । ୧୫-୧୬ ବର୍ଷ ବୟସରେ ବିଶ୍ୱର ଅଧା ବୁଲି ସାରିଥିଲେ । ସାରା ବିଶ୍ୱରେ ତାଙ୍କର ବନ୍ଧୁ ହୋଇଯାଇଥିଲେ । ଭଲ ଲୋକଙ୍କ ଗହଣରେ ବଡ଼ ହୋଇଥିବାରୁ ସେ ନିଜକୁ ଭାଗ୍ୟଶାଳୀ ମନେ କରନ୍ତି । ତାଙ୍କ ପରିବାର ତାଙ୍କ ଭିତରେ ସକାରାତ୍ମକ ଭାବନା ଭରିଛି ବୋଲି ପରୀ କହନ୍ତି । ନକାରାତ୍ମକ ଦିଗରେ ସେ ନିଜ ଶରୀର ବିଷୟରେ ଆଦୌ ଚିନ୍ତା କରନ୍ତି ନାହିଁ । ଶରୀରକୁ ନେଇ ଅଧିକ ଚିନ୍ତା ନ କରିବାରକୁ ମଧ୍ୟ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ଦିନକୁ ସେ ୪ ଘଂଟା କସରତ କରୁଛନ୍ତି । କିନ୍ତୁ ଶରୀରକୁ ନେଇ ଅସୁରକ୍ଷିତ ମଣୁନାହାନ୍ତି, ବରଂ ନିଜକୁ ଫିଟ୍ ରଖିବା ତାଙ୍କର ଉଦ୍ଦେଶ୍ୟ । ଅନେକ ଲୋକ ସେମାନଙ୍କ ଲୁକ୍‌କୁ ନେଇ ଦୁଃଖୀ ଥାନ୍ତି । ଲୋକଙ୍କର ଏ ପ୍ରକାର ଧାରଣା ଧୀରେ ଧୀରେ ବଦଳିବ ବୋଲି ସେ ଆଶାବାଦୀ । ପରୀଙ୍କ ଅପକମିଂ ପ୍ରୋଜେକ୍ଟରେ ଅଛି ସନ୍ଦୀପ ରେଣ୍ଡୀଙ୍କ ଭାଙ୍ଗାଙ୍କ ଆନିମଲ । ଏଥିରେ ରଣବୀର କପୁର ମୁଖ୍ୟ ଭୂମିକା ପ୍ଲେ କରିବେ । ଅନୀଲ କପୁର ଓ ବବି ଦେଓଲ୍‌ଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ସିନେ ପ୍ରେମୀ ।ଅନେକ ଲୋକ ସେମାନଙ୍କ ଲୁକ୍‌କୁ ନେଇ ଦୁଃଖୀ ଥାନ୍ତି । ଲୋକଙ୍କର ଏ ପ୍ରକାର ଧାରଣା ଧୀରେ ଧୀରେ ବଦଳିବ ବୋଲି ସେ ଆଶାବାଦୀ । ଏଥିରେ ରଣବୀର କପୁର ମୁଖ୍ୟ ଭୂମିକା ପ୍ଲେ କରିବେ । ଅନୀଲ କପୁର ଓ ବବି ଦେଓଲ୍‌ଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ସିନେ ପ୍ରେମୀ ।

# ଟିକାନେଇ ଜିତିଲେ ୧୦ ଲକ୍ଷ

କରୋନା ମହାମାରୀ ସଙ୍କଟ କାଳରେ ସାରା ବିଶ୍ୱର ସରକାର ଟିକା ନେବାକୁ ଲୋକଙ୍କୁ ଉତ୍ସାହିତ କରୁଛନ୍ତି । ଏ ମାମଲାରେ ଆମେରିକାର ଏକ ସହର ଗୋଟିଏ ପାଦ ଆଗକୁ ଯାଇ ନିଆରା ଉପାୟ ଆପଣାଇଛି । ଓହିଓ ସହରରେ କୋଭିଡ୍ ଟିକା ନେଉଥିବା ଲୋକେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜିତିପାରିବେ । ଏଠାକାର ଗଭର୍ନର ମାଇକ୍ ଜିଓ୍ୱାଇନ୍ ନିକଟରେ ଟ୍ୱିଟ୍ ଜରିଆରେ ଏହା ଘୋଷଣା କରିଛନ୍ତି । ସେ ଟ୍ୱିଟ୍‌ରେ ଲେଖିଛନ୍ତି ଆସନ୍ତା ମେ ୨୬ରୁ ସେ କରୋନା ଭାଇରସ୍ ରିଲିପ୍ ଫଣ୍ଡରୁ ଲଟେରି ଘୋଷଣା କରିଛନ୍ତି । ଅତି କମ୍‌ରେ ଥରେ କରୋନା ଟିକା ନେଇଥିବା ଲୋକେ ଏହି ଲଟେରି ପାଇଁ ଯୋଗ୍ୟ ବିବେଚିତ ହେବେ । ପ୍ରତି ସପ୍ତାହର ବୁଧବାର ଏହି ଲଟେରିର ଭାଗ୍ୟଶାଳୀ ବିଜେତାଙ୍କ ନାଁ ଘୋଷଣା କରାଯିବ । ଆଗାମୀ ୫ ସପ୍ତାହ ପର୍ଯ୍ୟନ୍ତ ଲଟେରି ଚାଲିବ । ପ୍ରତ୍ୟେକଥର ଲଟେରିର ବିଜେତାଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ । ଏହିଭଳି ଭାବେ କରୋନା ରିଲିଜ୍ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଲୋକଙ୍କୁ ଦିଆଯିବ । ଏହା ଦ୍ୱାରା ଅନେକ ଲୋକ ଟିକା ନେବାକୁ ଆଗଭର ହେବେ ବୋଲି ମାଇକ ଆଶାବ୍ୟକ୍ତ କରିଛନ୍ତି । ଓହିଓରେ ଏବେ ଟିକା ନେଉଥିବା ଲୋକଙ୍କ ପାଇଁ ଲଟେରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲେ ହେଁ, ଏହା ପୂର୍ବରୁ ବାକି ରାଜ୍ୟଗୁଡିକରେ ଲୋକଙ୍କୁ ଟିକା ନେବା ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇଛି । ୱେଷ୍ଟ ଭର୍ଜିନିଆର ଗଭର୍ନର ଜିମ୍ ଜଷ୍ଟିନ୍ ଗତ ମାସ ଏ ବିଷୟରେ ଘୋଷଣା କରିଥିଲେ । ୩୫ ବର୍ଷରୁ କମ୍ ବୟସର ଲୋକେ ଯଦି ଟିକା ନିଅନ୍ତି, ତେବେ ସେମାନଙ୍କୁ ୧୦୦ ଡଲାରର ସଂଚୟ ବଣ୍ଡପ୍ରଦାନ କରାଯିବ ବୋଲି ଜିମ୍ ଘୋଷଣା କରିଥିଲେ । ସେତିକି ନୁହେଁ ଭର୍ଜିୟା ପ୍ରଶାସନ ଚଳିତ ବର୍ଷ ଜାନୁଆରୀ ମାସରେ ଘୋଷଣା କରିଥିଲା ଯେ, ସ୍ଥାନୀୟ ଲୋକେ ଯଦି ଥରେ କରୋନା ଟିକେ ନେଇଛନ୍ତି, ତେବେ ୱାଲମାର୍ଟରେ ୨୦୦ ଡଲା ଉପହାର କାର୍ଡ ପାଇଁ ସେମାନେ ଆବେଦନ କରିପାରିବେ ।




# ସୁଶାନ୍ତ ଥିଲେ ମୋର ଫେଭରିଟ୍ କୋ ଷ୍ଟାର



ଖୁବ୍‌ଶୀଘ୍ର ଭିକ୍କି ଜୈନଙ୍କୁ ବିବାହ କରିବେ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ । ଲୋକପ୍ରିୟ ଧାରାବାହିକ ପବିତ୍ର ରିସ୍‌ତା ଜରିଆରେ ଘରେ ଘରେ ପରିଚିତ ପାଇଥିବା ଅଙ୍କିତାଙ୍କୁ ନିକଟରେ ଏକ ଗଣମାଧ୍ୟମ ପକ୍ଷରୁ ତାଙ୍କର ଫେଭରିଟ୍‌କୋ ଷ୍ଟାର ବିଷୟରେ ପଚରାଯାଇଥିଲା । ଅଙ୍କିତା କହିଲେ ମୋତେ ଲାଗୁଛି ସୁଶାନ୍ତ ସିଂହ ରାଜପୁତ ମୋର ଫେଭରିଟ୍ କୋ ଷ୍ଟାର ଥିଲେ । ଅଙ୍କିତା ଓ ସୁଶାନ୍ତ ଦୀର୍ଘ ୬ ବର୍ଷ ପରସ୍ପର ସହ ପ୍ରେମ ସମ୍ପର୍କରେରହିବା ପରେ ଉଭୟଙ୍କର ବ୍ରେକଅପ୍ ହୋଇଥିଲା । ୨୦୨୦ରେ ସୁଶାନ୍ତଙ୍କ ଦେହାନ୍ତ ହୋଇଥିଲା । ପ୍ରେମ ସମ୍ପର୍କ ବିଷୟରେ ଅଙ୍କିତା କହିଛନ୍ତି ମୋ ପାଇଁ ପ୍ରେମ ସବୁକିଛି । ସବୁ ସ୍ଥାନରେ ମୋତେ ଭଲପାଇବା ଦରକାର । ମୁଁ ଯୁଆଡେ ଯାଏ କିମ୍ବା ଯାହା କିଛି ଚୟନ କରେ, ସବୁଠି ମୋ ପାଇଁ ଭଲପାଇବା ଥିବା ଜରୁରୀ । ସେଥିପାଇଁ ପ୍ରେମ ମୋର ପ୍ରାଥମିକତା ଅଟେ । ପରଫେକ୍ଟ ଡେଟ୍ ବିଷୟରେ ପଚାରିବାରୁ ଅଙ୍କିତା କହିଛନ୍ତି, ମୁଁ ଏ ବିଷୟରେ ନିର୍ଦ୍ଦିଷ୍ଟ ନହେଁ, କିନ୍ତୁ ଭଲ ପାଇବା ଅନୁଭବ କରିବା ମୋ ପାଇଁ ଜରୁରୀ । ଯଦି ମୁଁ ମୋ ସାଥୀଙ୍କ ସହିତ ଅଛି, ତେବେ ଯୁଆଡେ ଗଲେ ବି କିଛି ଫରକ ପଡେ ନାହିଁ । ତାଙ୍କସହ କେବଳ ଚା ପିଇବା ପର୍ଯ୍ୟନ୍ତ ମୁଁ ଠିକ୍ ଥାଏ । କେବଳ ସେହି ମୁହୂର୍ତକୁ ସାଥୀ ହୋଇ ବାଂଟିବାକୁ ଚାହେଁ । ଭିକ୍କିଙ୍କ ସହ ବିବାହ ବିଷୟରେ ସେ କହିଛନ୍ତି ବିବାହକୁ ନେଇ ଖୁବ୍ ଉତ୍ସାହିତ ଅଛି । ଖୁବ୍‌ଶୀଘ୍ର ଆମେ ବିବାହ କରିବାକୁ ଯାଉଛୁ । ଜୟପୁର-ଯୋଧପୁରର ରାଜସ୍ଥାନୀ ବିବାହ ମୋର ଖୁବ୍ ସ୍ବପ୍ନ । ତେବେ ବିବାହ କେଉଁଠି ହେବ ତାହା ଏବେ ସ୍ଥିର କରିନାହିଁ ।

# ରାସ୍ତା ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ, କେବେ ଉଠିବ ଜବରଦଖଲ

ମାହାଙ୍ଗା **୨୨/୩(ନି.ପ୍ର):** ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ କୁଳିଆଠାରୁ କଟରପଡା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଗୃହ ନିର୍ମାଣ ନିମନ୍ତେ ଅନେକ ବ୍ୟକ୍ତି ଗୃହ ନିର୍ମାଣରେ ବ୍ୟବହୃତ ହେବାକୁ ଥିବା ସେମାନଙ୍କର ବାଲି, ଗୋଡି ଆଦିକୁ ଏହି ରାସ୍ତା ପାର୍ଶ୍ୱରେ ଗଦା କରି ରଖିବାର ଦୃଶ୍ୟ ଦେଖିବାକୁ ମିଳୁଛି । ବଜାରସ୍ଥାନ ମାନଙ୍କରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ରାସ୍ତାକୁ ମଡାଇ ସେମାନଙ୍କ ପ୍ରତିଷ୍ଠାନର ପ୍ରଚାର ପ୍ରସାରର ସୂଚନା ଫଳକ ଲଗାଉଥିବା ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ଆସୁଥିବା ଗ୍ରହକମାନେ ସେମାନଙ୍କର ଦୁଇ ଚକିଆ ଓ ଚାରିଚକିଆ ଯାନକୁ ରାସ୍ତା ଉପରେ ଦୀର୍ଘ ସମୟ ଛିଡା କରୁଥିବା ଏବଂ ଅନେକ ସ୍ଥାନରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ସେମାନଙ୍କର ଜିନିଷପତ୍ରକୁ ନେବା ଆଣିବା କରିବା ପାଇଁ ରାସ୍ତା ପାର୍ଶ୍ୱରେ ଭାରୀଯାନ ରଖି ସେଥିରେ ଜିନିଷ ଗୁଡିକୁ ଲଦିବା ଓ ଓହ୍ଲାଇବା କାର୍ଯ୍ୟ କରିଥାଆନ୍ତି । ଆହୁରୀ ମଧ୍ୟ ଅନେକ ସ୍ଥାନରେ କିଛି ପୁରୁଣା ଚାରିଚକିଆ ଯାନ ବ୍ୟବସାୟୀ ବ୍ୟବସାୟିକ ଭିତ୍ତିରେ ସେମାନଙ୍କର ଚାରି ଚକିଆଯାନ ଗୁଡିକୁ ରାସ୍ତା ପାର୍ଶ୍ୱରେ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ ରଖି ପ୍ରଦର୍ଶିତ କରୁଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ କୁଳିଆଠାରୁ କଟରପଡା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛେଳି ଓ କୁକୁଡା କଟାଯାଉଥିବାରୁ ସେହି ସ୍ଥାନ ମାନଙ୍କରେ ରାସ୍ତାକୁ ଲାଗି ଗ୍ରାହକମାନେ ସେମାନଙ୍କର ବ୍ୟବହୃତ ଯାନକୁ ଦୀର୍ଘ ସମୟ ରଖିଥାଆନ୍ତି । ଫଳରେ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ଏହି କଟକ-ଚାନ୍ଦବାଲି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ଯାନ, ମାଲବାହୀ ଭାରୀଯାନ, ଚାରିଚକିଆ ଯାନ ଓ ଦୁଇ ଚକିଆ ଯାନରେ ଅନେକ ଲୋକ ଯାଆସ କରିଥାଆନ୍ତି । ସାଧାରଣଲୋମାନେ ଏଭଳି ରାସ୍ତା ଉପରେ ଗାଡି ରଖୁଥିବାରୁ ରାସ୍ତାରେ ଯାତାୟାତ ଉପରେ ନିର୍ଭର କରୁଥିବା ଗାଡି ଗୁଡିକ ଅନେକ ସମୟରେ ଟ୍ରାଫିକ୍ ସମସ୍ୟାରେ ପଡି ନଯାଇ ପାରି ଦୀର୍ଘ ସମୟ ଧରି ରାସ୍ତା ଉପରେ ଛିଡା ହୋଇ ରହିଥାଆନ୍ତି । ଏପରିକି ଅଗ୍ନିସମ ବାହିନୀଗାଡି ଏବଂ ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକ୍ ଜାମ୍‌ପାଇଁ ବହୁ ସମୟ ଅଟକି ରହିଥିବାର ଦୃଶ୍ୟ ପୂର୍ବରୁ ଦେଖିବାର ନଜିର ରହିଛି । ସମୟ ସମୟରେ ରାସ୍ତା ଅବରୋଧକାରୀଙ୍କ ପାଇଁ ଅନେକ ସଡକ ଦୁର୍ଘଟଣାମାନ ଘଟୁଛି । ଏ ସବୁକୁ ସ୍ଥାନୀୟ ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନ ଦେଖୁଥିଲେ ମଧ୍ୟ ଦେଖି ନଦେଖିଲାର ଅଭିନୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସାଧାରଣ ଲୋକଙ୍କ ସୁବିଧାରେ ଗମନାଗମନ ଓ ସଡକ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ବନାଞ୍ଚଳ ତରଫ ରୁ ବିଶ୍ୱ ବନ ଦିବସ ପାଳିତ

ସିନାପାଲି **୨୨/୩(ନି.ପ୍ର):** ନୂଆପଡ଼ା ଜିଲ୍ଲା ସିନାପାଲି ବନାଞ୍ଚଳ ବିଭାଗ ପକ୍ଷ ରୁ ବିଶ୍ୱ ବନ ଦିବସ ପାଳିତ୍ ହୋଇଯାଇଛି ।ଏହି ଅବସରରେ ଏକ ସାଇକେଲ ରେଲୀ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୭ କିଲୋମିଟର ପର୍ଯ୍ୟନ୍ତ ବିଭିନ୍ନ ଯୁବକ ସଂଘ, ବନ ସୁରକ୍ଷା ସମିତି ସମେତ ବିଭାଗୀୟ ଅଧିକାରୀ ମାନେ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ମୀ ଓରାମ, ତହସିଲଦାର, ଉପାଞ୍ଜଳୀ ମାଝୀ ଏ ଏସ ଆଇ ପ୍ରଭାକର ନାଏକ,ଏ ସି ଏଫ ପ୍ରଶନ୍ନ ଜିତ ନାଏକ,ପ୍ରମୁଖ ଯୋଗଦାନ କରିଥିଲେ । ମଞ୍ଚରେ ମଞ୍ଚାସୀନ ଅତିଥି ବୃନ୍ଦ ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏତତ ବ୍ୟତୀତ ନାଗରିକ ଙ୍କ ସହଭାଗିତା ଓ ସହାୟତା ରେ ଜଙ୍ଗଲ ବନ୍ୟ ପ୍ରାଣୀ ଓ ଜଙ୍ଗଲ ଖାଦ୍ୟ ର ସୁରକ୍ଷା ସମ୍ଭବ ବୋଲି ମତାମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ପୂର୍ଣ୍ଣ ଚନ୍ଦ୍ର ନାଏକ, ମନୋରଞ୍ଜନ ବାଗ, କନ୍ଦର୍ପ ସୁନାନୀ, ରଞ୍ଜନ କୁମାର ସାହୁ, ଚୁଡାନାଥ ସାହୁ, ମେଘନାଥ ମାଝୀ, ପ୍ରମୁଖ ସହଯୋଗ କରିଥିଲେ । ସାଇକେଲ ରେଲୀ ସିନାପାଲି ଯୁଗେନପଦର ଠାରୁ ଆରମ୍ଭ ହୋଇ ସିନାପାଲି ସହର ସମେତ ଗୋଡାଲ ଚାରିଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ସିନାପାଲି କଲେଜ ଛାତ୍ର ଛାତ୍ରୀ,ସ୍ୱେଚ୍ଛାସେବି ଯୁବକ ଯୁବତୀ ସାମ୍ବାଦିକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ବିଶ୍ୱ ବନ ଦିବସ ପାଳନ କାର୍ଯ୍ୟକ୍ରମରେ ଅଷ୍ଟମ ଏବଂ ନବମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜଙ୍ଗଲ ଓ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଦୁମାଡ଼ିହିରେ ଅଖଣ୍ଡ ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ

ମୟୂରଭଞ୍ଜ **୨୨/୩(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ରାଧାମାଧବ ଦୁମାଡ଼ିହି ସଂକୀର୍ତ୍ତନ କମିଟୀ ପକ୍ଷରୁ ଅଖଣ୍ଡ ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦ ଉଲ୍ଲାସ ରେ ଅଞ୍ଚଳବାସୀ ହରି ନାମ ରସାମୃତ ପାନ କରି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ଅଞ୍ଚଳଟି ବୃନ୍ଦାବନମୟ ହୋଇ ଯାଇଥିଲା । ବିଶ୍ୱ ରେ ଶାନ୍ତି, ସୁବୃଷ୍ଟି, ନିରାମୟ ଜୀବନ ଏବଂ ମାନବ କଲ୍ୟାଣ ପାଇଁ ସମସ୍ତ ଗ୍ରାମବାସୀ ଯଦୁପତି ଲୀଳାମୟ ଶ୍ରୀ ରାଧେକୃଷ୍ଣ ଙ୍କ ଠାରେ କାମନା କରିଥିଲେ । ବିଗତ ବର୍ଷ ମାନଙ୍କ ଠାରୁ ଏବର୍ଷ ଏକ ପ୍ରକାର ଭିନ୍ନ ବାତାବରଣ ଆଲୋଡନ ସୃଷ୍ଟି କରି ଥିଲା ଭକ୍ତ ମାନଂକ ମନରେ ଆନନ୍ଦ ର ଲହରୀ ନାଚି ଉଠୁଥିଲା । ଚଳିତ ବର୍ଷ ସାତ ଗୋଟି ସଂକୀର୍ତନ ଦଳ ବାଦିଆ, ମୁଣ୍ଡାକାଠି, ବାଙ୍ଗ, ଡଙ୍ଗଲ,ଲୁପୁଙ୍ଗ,ତାରଣା,ବାଦ୍ରାଡ଼ି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତ ଗୁରୁ ମାନେ ନିଜ ନିଜର ଓଡିଶୀ, ଚମ୍ପୁ, ସମ୍ବଲପୁରୀ, ସହ ହିନ୍ଦୀ, ଆଧୁନିକ ଗୀତ ସ୍ୱର ରେ ହରୀ ନାମ ଗାନ କରି ଦର୍ଶକ ମାନଙ୍କର ଶ୍ରଦ୍ଧା ଭାଜନ ହୋଇ ପାରିଥିଲେ ।ପରିଶେଷରେ ଯଜ୍ଞ କମିଟି ଧର୍ମ ସଭା ମାଧ୍ୟମରେ ଭଗବତ ଚର୍ଚ୍ଚା ତଥା ବୈଠକ କରି ସମସ୍ତଙ୍କ ସହଯୋଗ ରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିବାରୁ ରାଧାମାଧବ ସଂକୀର୍ତ୍ତନ କମିଟୀ ପକ୍ଷରୁ ଅପ୍ରମିତ ସାଧୁବାଦ ଅର୍ପଣ କରାଯାଇଥିଲା ।କମିଟୀର ତ୍ରିଲୋଚନ ପରାମାଣିକ,ନରସିଂହ ବେହେରା, ଗୌରୀଶଙ୍କର ବେହେରା,ଜହଲାଲ ପରାମାଣିକ,ନାରାୟଣ ପରାମାଣିକ୍,ମୋତିଲାଲ ପରାମାଣିକ,ରଂଜନ ପରାମାଣିକ,ରାଜୁ ବେହେରା,ହେମନ୍ତ ପରାମାଣିକ,ଅର୍ଜୁନ ପରାମାଣିକ୍,ଭୀମ ପରାମାଣିକ,ପର୍ଶୁରାମ ବେହେରା,ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ରଘୁନାଥଜୀଉଙ୍କ ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ନିଶ୍ଚିନ୍ତକୋଇଲି **୨୨/୩(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ କେ□ଳସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପରିସରରେ ଆସନ୍ତା ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ତା.୨୧.୦୩.୨୦୨୫ ରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମ୍ୟାନେଜିଂ ଟ୍ରଷ୍ଟୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସବ୍ କମିଟିର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ରଘୁନାଥଜୀୟ ଶ୍ରଦ୍ଧାଳୁ ଯୋଗଦେଇ ଆସନ୍ତା ଏପ୍ରିଲ ୬ ତାରିଖ ଦିନ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯିବା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଟ୍ରଷ୍ଟୀର ସମସ୍ତ ସଭ୍ୟ, ଭକ୍ତ ଓ ଗ୍ରାମବାସୀମାନେ ଯୋଗଦେଇ ଶାନ୍ତି ଶୃଙ୍ଖଳାର ଯାତ୍ରା ସମାପନ କରିବାକୁ ଶ୍ରୀ ସାହୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପ୍ରଭାତ କୁମାର ରଥ, ଯାତ୍ରା ପରିଚାଳନା କମିଟିର ସଦସ୍ୟ ବିଭୁତି ପାତ୍ର, ସୁରେନ୍ଦ୍ର ସାହୁ, ଧରଣୀଧର ବେହେରା, ବିଜୟ କୁମାର ବଳ, ସୁକାନ୍ତ ସାହୁ, ଗୟାଧର ସ୍ୱାଇଁ, ଅନନ୍ତ ଦାସ, ମନୋରଂଜନ ଭୂୟାଁ, ରଘୁନାଥ ନାୟକ, ଜଗନ୍ନାଥ ସାହୁ, ଧ୍ରୁବ ଚରଣ ସାହୁ, ରାଜକିଶୋର ସାହୁ, ଭାସ୍କର ବେହେରା, ବହୁ କର୍ମକ□ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଓ ଓଡିଶା ପ୍ରସିଦ୍ଧ ଦାଣ୍ଡଯାତ୍ରା କିପରି ଭାବେ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଏବଂ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଭୁଙ୍କ ଦର୍ଶନ କିଭଳି ଶ୍ରଦ୍ଧାଳୁମାନେ ଶୃଙ୍ଖଳାର ସହ କରିପାରିବେ ସେ ସଂପର୍କରେ ସମସ୍ତଙ୍କର ସହଯୋଗ ଲୋଡିଥିଲେ । ପ୍ରଶାସନର ପରାମର୍ଶ ଓ ନିର୍ଦ୍ଦେଶକୁ ମାନି ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରାର କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହିତ ପାଳନ କରାଯିବ ବୋଲି ଟ୍ରଷ୍ଟୀ ଶ୍ରୀଯୁକ୍ତ ସାହୁ କହିଛନ୍ତି । ଶ୍ରୀରାମ ନବମୀ ପାଇଁ ଆଉ ଦୁଇଗୋଟି ବୈଠକ ଯଥାକ୍ରମେ ମାର୍ଚ୍ଚ ୨୮ ଓ ଏପ୍ରିଲ ୩ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଆଜିର ବୈଠକ ଟ୍ରଷ୍ଟୀ ଓ ସବ୍‌କମିଟି ସଦସ୍ୟ, ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଛି । ଅନ୍ୟ ଦୁଇଗୋଟି ବୈଠକ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନାରେ ଅନୁଷ୍ଠିତ ହେବ । ଏହି ବୈଠକରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ଯଥା ପୋଲିସ ପ୍ରଶାସନ, ଦମକଳ ବାହିନୀ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେବେ ୬ ତାରିଖରୁ ଶ୍ରୀ ରଘୁନାଥଜୀଉଙ୍କର ଏହି ପର୍ବ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହେବ । ମଝିରେ ୧୨ ତାରିଖରେ ରଘୁନାଥଜୀଉଙ୍କ ବଡ ପର୍ବ ଦାଣ୍ଡଯାତ୍ରା ଅନୁଷ୍ଠିତ ହେବ ।

## ନନ୍ଦାହାଣ୍ଡି ବ୍ଲକରେ ଯୋଗ ଦେଲେ ନୂତନ ଗୋଷ୍ଠି ଶିକ୍ଷା ଅଧିକାରୀ

ନନ୍ଦାହାଣ୍ଡି **୨୨/୩(ନି.ପ୍ର):** ବହୁ ପ୍ରତିକ୍ଷୀତ ପରେ ନାଣ୍ଡହଣ୍ଡି ବ୍ଲକ ରେ ନୂତନ ଗୋଷ୍ଠି ଶିକ୍ଷାଧିକାରୀ ଭାବେ ଶ୍ରୀକାନ୍ତ କୁମାର ଜ ।ନି ଡଙ୍ଗର ଭେଜା ସ୍ଥିତ ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରେ ଯୋଗ ଦେଇଛନ୍ତି । ଏଥି ପାଇଁ ତାଙ୍କ କାର୍ଯ୍ୟାଳୟ ରେ



ଖୁସି ର ମହଲ ଦେଖିବାକୁ ମିଳିଥିଲା । ବ୍ଲକ ଶିକ୍ଷକ ସଂଘ ଓ ଅଭିଭାବକ ମାନେ ସୌହର୍ଦ୍ଧ୍ୟ ମୂଳକ ସାକ୍ଷାତ କରିଛନ୍ତି । ସେ ଜଣେ ଉଦୀୟ ମାନ ଯୁବକ ଅଫିସର ହୋଇଥିବାରୁ ଶିକ୍ଷା ,ଶିକ୍ଷକ ଓ ଶିକ୍ଷା ଆୟତନ ର ବିକାଶ ଘଟିବ ବୋଲି ସ୍ଥାନୀୟ ଅଭିଭାବକ ମୋହୋଲ ରେ ଚର୍ଚ୍ଚା ହେଉଛି । ସେ ଜଣେ ଏହି ଅଞ୍ଚଳର ଅଧିବାସୀ ହୋଇ ଥିବାରୁ ନିଶ୍ଚିତ ରୂପେ ସମସ୍ତେ ଖୁସି ବ୍ୟକ୍ତ କରୁଛନ୍ତି । ବ୍ଲକ ଶିକ୍ଷକ ସଂଘ ର ସଭାପତି ଗଲତି ସାଗରିଆ , ସମ୍ପାଦକ ରମେଶ ତ୍ରିପାଠୀ , ପୂର୍ବତନ ସଭାପତି ବିଷ୍ଣୁ ପାଣିଗ୍ରାହୀ ,ଜିଲ୍ଲା ସହ ସମ୍ପାଦକ ବିଘ୍ନରାଜ ପାତ୍ର ,ଶିକ୍ଷକ ନେତା ପ୍ରହଲ୍ଲାଦ ତ୍ରିପାଠୀ , ସଂକେସ ତ୍ରିପାଠୀ , ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେ ରସନ୍ ର ରାଜ୍ୟ ସଭାପତି ଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପଗୁଛ ପ୍ରଦାନ କରିଥିଲେ ।

## ବଡ ଧନୁର୍ଜ୍ଜୟପୁର ଗ୍ରାମ ରାସ୍ତା ଅଧା ପନ୍ତୁରିଆ

ପାଟଣା **୨୨/୩(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରୀ ପଞ୍ଚାୟତ ବଡ ଧନୁର୍ଜୟ ଗ୍ରାମରେ ନିର୍ମାଣାଧିନ ରାସ୍ତା ଅଧା ପନ୍ତୁରିଆ ହୋଇ ପଡ଼ି ରହିଥିବାରୁ ଏହି ରାସ୍ତା ଦେଇ ସାଧାରଣ ଲୋକେ ଚଳାଚଳ କରିବାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୨୦ ନଂ ଜାତୀୟ ରାଜପଥ ବିଜାନାଳୀ ଛକ ନିକଟରୁ ବଡ ଧନୁର୍ଜୟପୁର ମହାନ୍ତ ସାହି ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ କରାଯାଉଥିବାବେଳେ ଏହାକୁ କେବଳ ମେଣ୍ଟାଲିଂ କରି ୧୫ ଦିନ ହେଲା ପକାଇ ରଖାଯାଇଛି ।

## ତାରଣା ଆଶ୍ରମ ସ୍କୁଲରେ ବିଦାୟକାଳୀନ ସଭା ଓ ସଭାର୍ଦ୍ଧନା କାର୍ଯ୍ୟକ୍ରମ

ମୟୂରଭଞ୍ଜ **୨୨/୩(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାରଣା ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଶେଷ ପରେ ବିଦ୍ୟାର୍ଥୀଙ୍କର ବିଦାୟକାଳୀନ ସଭା ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।ସହକାରୀ ଶିକ୍ଷକ ବିଜୟ କୁମାର ସିଂ,ଦୀପକ କୁମାର କାନ୍ତ,ବାନାଉ ହାଁସଦାଃ,ଏସ୍‌ଏମ୍ବି ଅଧକ ଦିଗିଜ୍ ସୋରେନ୍,ମେଟ୍ରୋନ ଦାନଗୀ ମାର୍ଣ୍ଡି,ସିସିଏ ପାୟ ଟୁଡୁ,ଲକ୍ଷ୍ମୀ ସୋରେନ୍,ମାୟା ମୁର୍ମୁ ପ୍ରମୁଖ ସଭା ଆଲୋଚନାରେ ସକ୍ରିୟ ଥିଲେ ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତ ଛାତ୍ରଛାତ୍ରୀଙ୍କୁ ଆଶ୍ରିବଚନ ପ୍ରଦାନ କରିବା ସହ ସମର୍ପିତ ଭାବ, ଦୃଢ ଇଚ୍ଛାଶକ୍ତି, ସମୟାନୁବର୍ତ୍ତିତା ଓ ଶୃଙ୍ଖଳିତ ଜୀବନ ଉପରେ ଅବଗତ କରିଥିଲେ ।

## ଗୋ ପାଳନରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଗୁଣପୁର **୨୨/୩(ନି.ପ୍ର):** ଆଜି ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହ ଠାରେ ପ୍ରାଣିସମ୍ପଦ ବିଭାଗ , ଓଡ଼ିଶା ସରକାରଙ୍କ ଆନୁକୁଲ୍ୟରେ ତିନି ଦିନିଆ ଗୋ ପାଳକଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ଃ ଦେବରାଜ ନାୟକ ସିଡିଭିଓ ରାୟଗଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସରକାରଙ୍କ ଗୋ ପାଳନ ପ୍ରତି କ'ଣ ଆଭିମୁଖ୍ୟ ରହିଛି ସେ ବିଷୟରେ ଗୋ ପାଳକ ମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଲେ । ସମ୍ମାନୀତ ଅତିଥି ଭାବେ ଡ଼ଃ ଆଲୋକ କୁମାର ଆଚାର୍ଯ୍ୟ ଏସ୍ ଡି ଭି ଓ ଗୁଣପୁର ଯୋଗଦେଇ ଗୃହପାଳିତ ପଶୁମାନଙ୍କର ପ୍ରଜନନ ଓ ରୋଗ ନିରାକରଣ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଡଃ ବିପ୍ର ଚରଣ ବେହେରା ଏଡିଭିଓ ରାୟଗଡ଼ା ଯୋଗଦେଇ ଗୋ ପାଳନରେ ଖାଦ୍ୟ ପରିଚାଳନା ତଥା ଘାସ ଚାଷ ( ହାତିଆ ଘାସ , ଆଜୋଲା , ହାଇଡ୍ରୋପୋନିକ ଘାସ ଚାଷ) ବିଷୟ ଗୋ ପାଳକ ଙ୍କୁ ବୁଝାଇଥିଲେ । ଘାସ ଚାଷ ଦ୍ୱାରା କିପରି ଖର୍ଚ୍ଚ କମ୍ କରାଯାଇପାରିବ ଓ ନିଜେ କିପରି ଦାନା ପ୍ରସ୍ତୁତି କରିପାରିବେ ସେ ବିଷୟରେ ବୁଝାଇଥିଲେ । ଡଃ ସିଦ୍ଧାର୍ଥ ଶଙ୍କର ସାବତ ଭି ଏ ଏସ୍ ଗୁଣପୁର ଓ ଡ଼ଃ ବିଷ୍ଣୁ ଚରଣ ଶ୍ୱର ଏ ଭି ଏ ଏସ୍ ଗୋ ପାଳନ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ଗୁହାଳରୁ ବାହାରୁଥିବା ବର୍ଜ୍ୟବସ୍ତୁର କିପରି ସୁପରିଚାଳନା କରିପାରିବେ ସେ ବିଷୟରେ ବୁଝାଇଥିଲେ । ଡଃ କୃଷ୍ଣାନନ୍ଦ ବେହେରା ବି ଭି ଓ ରାୟଗଡ଼ା ଗୋ ପାଳକ ମାନେ ଦୁଧ ବିକ୍ରି କରିବା ସହ ସେଥିରୁ କିପରି ବିଭିନ୍ନ ପ୍ରକାରର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି କରିହେବ ଓ ତାହା କିପରି ସହଜରେ ବଜାରିକରଣ କରିପାରିବେ ସେ ବିଷୟରେ କହିଥିଲେ । ଡଃ ରାଧେଶ୍ୟାମ ଦାସ୍ ଭିଓ ଗୁଣପୁର ଯୋଗଦେଇ ଗୋ ପାଳକ ମାନଙ୍କୁ କ୍ଷେତ୍ର ପରିଦର୍ଶନରେ ନେଇ ଗୋ ପାଳନର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ ଏଂ ଆଜିର ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଗୋ ପାଳକ ମାନେ ଏହି ପ୍ରଶିକ୍ଷଣ ଶିବିରରେ ବହୁ ଉପାଦେୟ ତଥ୍ୟ ଶିଖି ପାରିଥିବାରୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଇପାଣି ୱାର୍ଡ ସଦସ୍ୟଙ୍କ ଆତ୍ମହତ୍ୟା

ପାଟଣା **୨୨/୩(ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣୀ ପୋଖରୀ ପଞ୍ଚାୟତର ୩ ନଂ ୱାର୍ଡ ସଦସ୍ୟ ପୋଇପାଣି ବାସିନ୍ଦା ଲକ୍ଷ୍ମୀଧର ଦାସ (୫୮) ଆଜି ସକାଳୁ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ପାରିବାରିକ କାରଣରୁ ଆଜି ସକାଳ ସାଢେ ୬ଟା ସମୟରେ ସେ କୀଟନାଶକ ଖାଇଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା ଆରମ୍ଭ ସମୟରେ ସେ ପ୍ରାଣ ହରାଇଛନ୍ତି । ଘଟଗାଁ ଥାନା ଅପମୃତ୍ୟୁ ମାମଲା ୯/୨୫ ମୂଳେ ଢେଙ୍କିକୋଟ ଫାଣ୍ଡି ଏ ଏସ ଆଇ ସୁରଥ ଚନ୍ଦ୍ର ଦେହୁରୀ ମୃତକର ଶବ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି ।

## ଢେଙ୍କିକୋଟ ଶିଶୁ ବାଟିକା ରେ କଣ୍ଢେଇ ଦିବସ

ପାଟଣା **୨୨/୩(ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ବାଟିକା ବିଭାଗ ର କଣ୍ଢେଇ ଦିବସ ପାଳନ କରାଯାଇଛି । ସମସ୍ତ ଶିଶୁ ମାଟି , ଉଲ୍ , ତୁଳା ଓ କପଡା ଇତ୍ୟାଦି ରେ ଆକର୍ଷଣୀୟ କଣ୍ଢେଇ ତିଆରି କରି ବିଦ୍ୟାଳୟ କୁ ଆସିଥିଲେ । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସତ୍ୟଭାମା ମହାନ୍ତ ଯୋଗଦେଇଥିଲେ । ଶିଶୁ ବାଟିକା ପ୍ରମୁଖ ରଞ୍ଜିତା ରାଣୀ କର ଶିଶୁ ଙ୍କୁ କଣ୍ଢେଇ ଦିବସ ବିଷୟ ରେ ମାର୍ଗ ଦର୍ଶନ କରିଥିଲେ । ଗୁରୁମା ପ୍ରେମଲତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସେବିକା ଅର୍ଣ୍ଣପୂର୍ଣ୍ଣା ମହାକୁଡ ଙ୍କ ସଂଯୋଜନା ରେ ଏଠାରେ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଥିଲା ।

## ଅବହେଳିତ ଅବସ୍ଥାରେ ହିନ୍ଦୋଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି

ଓଡ଼ାପଡ଼ା/ହିନ୍ଦୋଳ **୨୨/୩(ନି.ପ୍ର):** ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ଜିଲ୍ଲା ଏକ ସତନ୍ତ୍ର ସ୍ଥାନ ବଜାୟ ରଖିଥିବା ବେଳେ ଜିଲ୍ଲାରେ ସତନ୍ତ୍ର ସ୍ଥାନ ରହିଛି ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ନନ୍ଦିନିଆ,ସାପୁଆ ଡ୍ୟାମ, ଏକତାଳି ପ୍ରୋଜେକ୍ଟ,ଐତିହାସିକ ଭୀମଖନ୍ଦା,ରଙ୍କେଇ ପୀଠ,ବନଦୁର୍ଗା ପୀଠ ଇତ୍ୟାଦି ଦର୍ଶନୀୟ ସ୍ଥାନ ।ସେହିପରି 'ନନ୍ଦିନିଆ'ରେ ଥିବା ମନଲୋଭା ପ୍ରାକୃତିକ ଶୋଭାରାଶି ସମସ୍ତଙ୍କୁ ଆକର୍ଷିତ କରେ, ବନପାହାଡ଼ ଘେରା ସବୁଜିମା ପରିବେଶ ସାଙ୍ଗକୁ ବୋହିଯାଉଥିବା ଝରଣାର ପାଣି ଏବଂ ଏନଏସି ସ୍ଥିତ ଦର୍ଶନୀୟ ରଙ୍କେଇ ମନ୍ଦିର, ପୌରାଣିକ ଭୀମଖନ୍ଦା ଓ କଂସରାସ୍ଥିତ ବନଦୁର୍ଗା ପୀଠର ନୈସର୍ଗିକ ପ୍ରାକୃତିକ ପରିବେଶ ବିମୋହିତ କରି ଟାଣିଆଣେ ପର୍ଯ୍ୟଟକଙ୍କୁ ।ହିନ୍ଦୋଳ ଉପଖଣ୍ଡ ର ପ୍ରସିଦ୍ଧ ନନ୍ଦିନିଆ ଜଳପ୍ରପାତକୁ ଦେଖିବା ପାଇଁ ବର୍ଷ ର ବାରମାସ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ନନ୍ଦିନିଆ ଜଳପ୍ରପାତ ଯିବା ପାଇଁ ଗୋଟିଏ ପକ୍କା ସଡ଼କ ନିର୍ମାଣ ହୋଇପାରିନି, ଏବେ ମଧ୍ୟ ସରକାରୀ ଦୃଷ୍ଟି ଆଢୁଆଳରେ ପଡ଼ିରହିଛି ନନ୍ଦିନିଆ ଜଳପ୍ରପାତ,ପ୍ରପାତ ପାଖକୁ ବିଜୁଳି ସଂଯୋଗ ମଧ୍ୟ ହୋଇନଥିବା ଦେଖିବାକୁ ମିଳିଛି, , ଏହାର ଆକର୍ଷଣ ବର୍ଷ ତମାମ ବଣଭୋଜି କରିବା ପାଇଁ ପର୍ଯ୍ୟଟକ ଙ୍କୁ ଟାଣିଆଣୁଚି ।ଢେଙ୍କାନାଳ ସଦର ମହକୁମା ଠାରୁ ପୁରୁଣା କଟକ ସମ୍ବଲପୁର ଭାପୁରୁ ଦେଇ ୩୬କିଲୋମିଟର ଗଲାପରେ ପଡିବ ହିନ୍ଦୋଳ ଟାଉନ ସେଇଠୁ ୪କିଲୋମିଟର ଗଲା ପରେ ପଡିବ ନନ୍ଦିନିଆ ଜଳପ୍ରପାତ, ନୟାଗଡ଼ ଅଂଚଳରୁ ଆସୁଥିବା ପର୍ଯ୍ୟଟକ ଙ୍କୁ ଆସିବାକୁ ହେଲେ ୮୫ କିଲୋମିଟର ହିନ୍ଦୋଳ ଟାଉନ ଦେଇ ନନ୍ଦିନିଆ ଯିବାକୁ ପଡୁଥିବା ବେଳେ ନରସିଂହପୁର ଠାରୁ ୨୪ କିଲୋମିଟର କ୍ଷଅନୁଗୁଳ ଠାରୁ ମଇଧାରପୁର ଦେଇ ୩୦ କିଲୋମିଟର ଯିବାପରେ



ହିନ୍ଦୋଳ ଟାଉନ ଦେଇ ପର୍ଯ୍ୟଟକ ମାନେ ନନ୍ଦିନିଆ ଆସିପାରିବେ । ପ୍ରାକୃତିକ ପରିବେଶରେ ଭରପୁର ଏହି ଜଳପ୍ରପାତର ଶୋଭାରାଶି ବେଶ ମନୋରମ, ଚାରିପଟେ ଜଙ୍ଗଲ ମଝିରେ ପାହାଡ଼ ସଦୃଶ ଉପରୁ ପାଣିପଡୁଥିବା ଏକ ଜଳ ପ୍ରପାତ ନିକଟରେ ରହିଛି ବହୁ ଐତିହାସିକ ପୁରାତନ ଗୁମ୍ଫା ।ଏଠିକାର ନୈସର୍ଗିକ ଶୋଭା ଓ ପରିବେଶ ମଧ୍ୟରେ ବଣଭୋଜି ସାଙ୍ଗକୁ ଏବଂ ବର୍ଷ ତମାମ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ନୂଆବର୍ଷ ରେ ବହୁ ପର୍ଯ୍ୟଟକ ଙ୍କ ସମାଗମ ହୁଏ ଏଠାରେ । ଶୀତଋତୁ ଓ ନୂଆବର୍ଷ ରେ ଏଠି ବଣଭୋଜି କରିବା ର ମଜା ନେବା ବେଶ ନିଆରା, ସେଇଥିପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଥିବା ଦେଖିବାକୁ ମିଳୁଛି । ସେହିପରି ହିନ୍ଦୋଳ ଉପଖଣ୍ଡ ର ସାପୁଆ ଡ୍ୟାମ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବେଳେ ନନ୍ଦିନିଆ କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଅଞ୍ଚଳ ବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି, ହେଲେ ଦିନ ପରେ ଦିନ ଗାଡିଯାଉଛି ସରକାର ଙ୍କ ଦୃଷ୍ଟି ପଡୁନି ।ନନ୍ଦିନିଆ ସମେତ ବନଦୁର୍ଗା, ରଙ୍କେଇ ପୀଠ, ଭୀମଖନ୍ଦା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ହିନ୍ଦୋଳ ଉପଖଣ୍ଡ ର ବିଭିର୍ଣ୍ଣ ମହାଲରୁ ଜନସାଧାରଣ ଦାବି କରିଛନ୍ତି ।

## ଓଡ଼ାପଡ଼ା ଗ୍ରାମ୍ୟ ବ୍ୟାଙ୍କ ରେ ଗ୍ରାହକ ସେବା ବାଧାପ୍ରାପ୍ତ ଅଭିଯୋଗ

ଓଡ଼ାପଡ଼ା/ହିନ୍ଦୋଳ**୨୨/୩(ନି.ପ୍ର):** ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଥିବା ଓଡ଼ାପଡ଼ା ଗ୍ରାମ୍ୟ ବ୍ୟାଙ୍କ ରେ ଗ୍ରାହକ ମାନଙ୍କୁ ସ୍ୱୋ ମିଳୁନଥିବା ଅଭିଯୋଗ ହୋଇଛି । ଗ୍ରାହକ ମାନେ ଟଙ୍କା ଜମା କରିବା କିମ୍ବା ଟଙ୍କା ଉଠାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପାଇଁ ପଡୁଛି । ବ୍ୟାଙ୍କ ର ନିୟମ ଅନୁଯାୟୀ ସକାଳ ଘ ୧୦ ଘଟିକା ଠାରୁ ଅପରାହ୍ନ ଘ୪ ଟିକା ପର୍ଯ୍ୟନ୍ତ ଟଙ୍କା ଜମା କରିବା କିମ୍ବା ଉଠାଇବା ପାଇଁ ସମୟ ରହିଛି । କିନ୍ତୁ ଏହି ଶାଖାରେ ଅପରାହ୍ନ ଘ ୨ ଟା ରେ ୩୦ ମି ଖାଇବା ଛୁଟି ପରେ ୨,୩୦ ରେ ପୁର୍ନବାର କାରବାର ଆରମ୍ଭ ହେବା କଥା କିନ୍ତୁ ଅଧିକାଂଶ ଦିନ ଗେଟ୍ ବଂଦ କରି ରଖାଯାଇଥିବା ଦେଖିବାକୁ ମିଳିଥାଏ । ଏଥିପାଇଁ ଅଭିଯୋଗ କଲେ ଶାଖା ପରିଚାଳକ ଦିପକ କୁମାର ତପୁ ଗ୍ରାହକ ମାନଙ୍କୁ ଦୁର୍ବ୍ୟହାର କରୁଥିବା ଅଭିଯୋଗ କରିଛନ୍ତି ।ଏ ସମ୍ପର୍କରେ ଢ଼େଙ୍କାନାଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ଶାଖା ପରିଚାଳକ ଙ୍କୁ ଗ୍ରାହକ ମାନେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ର ତଦନ୍ତ କରାଯାଇ ସତ୍ୟାସତ୍ୟ ପ୍ରମାଣିତ ହେବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆନଯିବାରୁ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶାଖା ପରିଚାଳକ ଙ୍କୁ ବଦଳି କରିବା ପାଇଁ ଗ୍ରାହକ ପ୍ରଦିପ କୁମାର ସାହୁ,ବଳରାମ ସାହୁ, ବିକାଶ ଚଂଦ୍ର ନାଏକ, ସରିତା ଜୟନ୍ତୀ ସାହୁ,ଭ୍ୱାନି ଶଙ୍କର ମହାରଣା ମିନତୀ ପ୍ରଭା ସାହୁ ଓ ବାଇଧର ନାୟକଙ୍କ ସହିତ ଅନ୍ୟ ମାନେ ଦାବି କରିଛନ୍ତି ।ଏ ସମ୍ପର୍କରେ ଢ଼େଙ୍କାନାଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ଶାଖା ପରିଚାଳକ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ଅଭିଯୋଗ ମିଳିଛି ତଦନ୍ତ କରାଯାଇଛି ଆସନ୍ତା ମାସରେ ଶାଖା ପରିଚାଳକ ଙ୍କୁ ବଦଳି କରିବା ସହିତ ନୂତନ ଶାଖା ପରିଚାଳକ ଙ୍କୁ ନିଯୁକ୍ତ ଦିଆଯିବାକୁ କହିଛନ୍ତି ।ଏ ସମ୍ପର୍କରେ ଓଡ଼ାପଡ଼ା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଦିପକ କିଶୋର ତପୁ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି ଆବଶ୍ୟକ କର୍ମଚାରୀ ଅଭାବରୁ ଗ୍ରାହକ ମାନଙ୍କୁ ସ୍ୱୋ ଯୋଗାଇ ଦେବାରେ ସମସ୍ୟା ରହୁଥିବା କହିବା ସହିତ ଯେଉଁ ମାନେ ଅଭିଯୋଗ କରିଛନ୍ତି ସେମାନେ କର୍ମଚାରୀ ନିଯୁକ୍ତି ଦିଅନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି ।

## କୁଆପଥର ଝଡ଼ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ୪୭ଟି ଗ୍ରାମର ୪୭୭୫ ଲୋକ ପ୍ରଭାବିତ

ମୟୂରଭଞ୍ଜ **୨୨/୩(ନି.ପ୍ର):** ପ୍ରାଥମିକ ଆକଳନ ଅନୁସାରେ ଗତକାଲି କୁଆପଥର ଝଡ଼ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗରିପୋଷୀ, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ମୋଟ ୧୯ଟି ଗ୍ରାମପଞ୍ଚାୟତର ୪୭ଟି ଗ୍ରାମର ୪୭୭୫ ଲୋକ ପ୍ରଭାବିତ ହୋଇଛନ୍ତି । ଏଥିରେ ୩୫୦ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥବା ବେଳେ ୧୧ଟି କଚ୍ଚା ଘର ଗୁରୁତର କ୍ଷତିଗ୍ରସ୍ତ ହୋଇଛି । ଏଣେ ୨୯୫ଟି କଚ୍ଚା ଘର ଆଂଶିକ ଭାବେ ନଷ୍ଟ ହୋଇଥିବା ବେଳେ ୪ଗୋଟି ଗାଇ ଗୁହାଳ ଘର ନଷ୍ଟ ହୋଇଛି । ଏତଦ ବ୍ୟତୀତ ଏହି କୁଆପଥର ଝଡ଼ରେ ବିଦ୍ୟୁତ ଯୋଗାଣ, ଜଳ ଯୋଗାଣ, ଗମନାଗମନର ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।ଗତକାଲି କୁଆପଥର ଝଡ଼ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗରିପୋଷୀ, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ମୋଟ ୧୯ଟି ଗ୍ରାମପଞ୍ଚାୟତର ୪୭ଟି ଗ୍ରାମର ୪୭୭୫ ଲୋକ ପ୍ରଭାବିତ ହୋଇଛନ୍ତି । ଏଥିରେ ୩୫୦ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥବା ବେଳେ ୧୧ଟି କଚ୍ଚା ଘର ଗୁରୁତର କ୍ଷତିଗ୍ରସ୍ତ ହୋଇଛି । ଏଣେ ୨୯୫ଟି କଚ୍ଚା ଘର ଆଂଶିକ ଭାବେ ନଷ୍ଟ ହୋଇଥିବା ବେଳେ ୪ଗୋଟି ଗାଈ ଗୁହାଳ ଘର ନଷ୍ଟ ହୋଇଛି । ଏତଦ ବ୍ୟତୀତ ଏହି କୁଆପଥର ଝଡ଼ରେ ବିଦ୍ୟୁତ ଯୋଗାଣ, ଜଳ ଯୋଗାଣ, ଗମନାଗମନର ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଏହି ପରିପ୍ରେକ୍ଷୀରେରେ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରଖାଯାଇଛି ଏବଂ ଘରଭାଙ୍ଗି ଯାଇଥିବା ଲୋକମାନଙ୍କୁ ୧୨୭ଟି ପଲିଥିନ ରୋଲ ଯୋଗାଇ ଦିଆଯାଇଛି । ଏଥିସହିତ ଲୋକ ମାନଙ୍କ ଆଶୁ ଚିକିତ୍ସା ସେବା ପାଇଁ ୫ଟି ମେଡିକାଲ ଟିମ ନିୟୋଜିତ କରାଯାଇଛି ।ଏହି ପରିପ୍ରେକ୍ଷୀରେରେ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରଖାଯାଇଛି ଏବଂ ଘରଭାଙ୍ଗି ଯାଇଥିବା ଲୋକମାନଙ୍କୁ ୧୨୭ଟି ପଲିଥିନ ରୋଲ ଯୋଗାଇ ଦିଆଯାଇଛି । ଏଥିସହିତ ଲୋକ ମାନଙ୍କ ଆଶୁ ଚିକିତ୍ସା ସେବା ପାଇଁ ୫ଟି ମେଡିକାଲ ଟିମ ନିୟୋଜିତ କରାଯାଇଛି ।କ୍ଷେତ୍ର ଅଧିକାରୀମାନଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କାର୍ଯ୍ୟ ଜାରି ରହିଛି । ପୂର୍ଣ୍ଣାଙ୍ଗ ଆକଳନ ପରେ ସରକାରଙ୍କ ନିୟମାନୁଯାୟୀ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

## ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୁମିକା ଅତୁଳନୀୟ : ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜିତ

ବାଲିଗୁଡା **୨୨/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତର କଡିତଗା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବୁଡ଼ାଗୁଡା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କାଶୀନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେବା ନିବୃତ୍ତ ଶିକ୍ଷକ ବଂଶୀଧର ପଣ୍ଡା ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସିଆରସିସି ଫିଲିପି ଦିଗାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀମତୀ ପୁଞ୍ଜାରୀ ମଲିକ, ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦେଶ୍ୟ ଓ ଉପଯୋଗୀତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୂମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ପ୍ରଧାନ ଶିକ୍ଷକ ସିମାଞ୍ଚଳ ଦିଗାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ କ୍ଷ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା କ୍ଷ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶେଷରେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଣ୍ଡବ ରଚିଲା କାଳବୈଶାଖୀ



ମୟୂରଭଞ୍ଜ , ୨୨/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରୂପ ଦେଖାଯାଇଛି। ଉପଖଣ୍ଡର ରାଇରଙ୍ଗପୁର ପୌରପରିଷଦ, ରାଇରଙ୍ଗପୁର ବ୍ଲକ୍, ବିଜାତଳା, କୁସୁମୀ, ଜାମଦା, ବହଳଦା ପ୍ରଭୃତି ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ଝଡ଼ ତୋଫାନ, ବର୍ଷା ସହିତ କୁଆ ପଥର ମାଡ ଯୋଗୁଁ ବହୁ ଲୋକଙ୍କ ଛପର ଉଡିଯାଉଥିବା ବେଳେ କିଛି ଲୋକଙ୍କ ଛାତ ଓ ଛପର ମଧ୍ୟ ଭାଙ୍ଗି ଯାଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି ।କାଳବୈଶାଖୀ କାରଣରୁ ବଡ଼ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଉପୁଡ଼ି ଯାଇଥିବା ସୂଚନା ମିଳିଛି। ପ୍ରାୟ ତିନି ଘଣ୍ଟା ଧରି କାଳବୈଶାଖୀ ତାଣ୍ଡବ ରୂପ ଦେଖାଇଥିଲା। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଥିବା ଯୋଗୁଁ ଅଧିକାଂଶ ଅଞ୍ଚାଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ରହିଛି। ଏପରିକି ରାଇରଙ୍ଗପୁର ସହରରେ ମଧ ରିପୋର୍ଟ ଲେଖା ହେବା ସୁଦ୍ଧା ବିଦ୍ୟୁତ୍ ଆସିନଥିବା ସୂଚନା ମିଳିଛି। ସନ୍ଧ୍ୟା ସମୟ ହୋଇଥିବାରୁ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡ଼ି ନାହିଁ। ତେବେ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଓ ବନ୍ ବିଭାଗ ବିଭିନ୍ନ ସ୍ଥାନରେ ପଡ଼ିଥିବା ବଡ଼ବଡ଼ ଗଛ ସଫା କରୁଥିବା ଦେଖିବାକୁ ମିଳିଛି। କାଳବୈଶାଖୀ କାରଣରୁ ବଡ଼ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଉପୁଡ଼ି ଯାଇଥିବା ସୂଚନା ମିଳିଛି। ପ୍ରାୟ ତିନି ଘଣ୍ଟା ଧରି କାଳବୈଶାଖୀ ତାଣ୍ଡବ ରୂପ ଦେଖାଇଥିଲା। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଥିବା ଯୋଗୁଁ ଅଧିକାଂଶ ଅଞ୍ଚାଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ରହିଛି ।ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ସୂଚନା ମିଳିଛି ଯେ ୧୯ ରୁ ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଯଥେଷ୍ଟ ଅଧିକ ରହିବ ଏବଂ ବାୟୁମଣ୍ଡଳର ଉପରି ଭାଗରେ ଏକ ନିମ୍ନ ଚାପରେଖା ସୃଷ୍ଟି ହେବାର ସମ୍ଭାବନା ନେଇ ବଙ୍ଗୋପସାଗରରେ ଏକ ଗୁରୁଚାପ ବଳୟ ଓଡ଼ିଶା ଉପକୂଳସ୍ଥ ହେବା ସହ। ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯଥେଷ୍ଟ ମାତ୍ରାରେ ରାଜ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭବନା ରହିଥିବା ନେଇ ପୂର୍ବାନୁମାନ କରାଯାଇଥିଲା ।ସେହିପରି ଉପଖଣ୍ଡର ବିଶୋଇ ଅଞ୍ଚଳରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଘର ଉପରେ ଗଛ ପଡିବା ସହିତ ବିଭିନ୍ନ ଅଞ୍ଚକରେ କୁଆପଥର ମାଡ଼ ଯୋଗୁ ବହୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି। ବିଶୋଇ ପଞ୍ଚାୟତର ମାଝୀସାହି ଗ୍ରାମର ସୁମିତ୍ରା ହେମ୍ବ୍ରମଙ୍କ ଦୁଇ ବଖରା ବିଶିଷ୍ଟ ଆଜବେଷ୍ଟସ୍ ବାସଭବନ ଉପରେ ଏକ ବୃହତ ଗଛ ପଡିଯିବା ଯୋଗୁ ଗୃହର ଆଜବେଷ୍ଟସ୍ ଚୁରମାର ସାଙ୍ଗକୁ ଓ ଘରର କାଂଥ କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର ସୌଭାଗ୍ୟବଶତଃ ଉକ୍ତ ଘର ମଧ୍ୟରେ ଶୋଇଥିବା ସୁମିତ୍ରାଙ୍କ ପୁଅ ଓ ଝିଅ ଘଟଣାରୁ ସାମାନ୍ୟ ବର୍ତ୍ତି ଯାଇଥିଲେ ।ସେହିପରି ଖଡ଼ମବେଡା ପଞ୍ଚାୟତ ଅଞ୍ଚଳରେ ଏହାର ପ୍ରଭାବ ବେଶୀ ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତର ଦେଓପଟା ଓ ମୂଷାମାରି ଗ୍ରାମରେ କୁଆପଥର ମାଡ଼ ଯୋଗୁ ଅନେକ ଲୋକଙ୍କ ବାସଗୃହ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି ।ବଡ଼ ବଡ଼ କୁଆପଥର ମାଡ଼ ଯୋଗୁ ଦେଓପଟା ଗ୍ରାମର ହାରପାଲ ମାର୍ଣ୍ଡିଙ୍କ ଘର ଭାଙ୍ଗି ଘର ମଧ୍ୟରେ ଥିବା ୬ ଗୋଟି ଛେଳି ଓ ନରସିଂ ହାଁସଦାଙ୍କ ୩ ଗୋଟି ଛେଳି ମୃତ୍ୟୁ ବରଣ କରିଛନ୍ତି ।ଏଥିସହିତ କୁଆପଥର ମାଡ଼ ଯୋଗୁ ଖଡ଼ମବେଡା ପଞ୍ଚାୟତର ଖଡ଼ମବେଡା, ମୂଷାମାରି, ପୁଣ୍ଡିଦା, ଦେଓପଟା, ଦୁଧକୁଣ୍ଡି,ରାଜାବସା ଗ୍ରାମର ଏକାଧିକ ଲୋକଙ୍କ ବାସଗୃହ ଭାଙ୍ଗି ଚୁରମାର ହେବା ସହିତ ଅନେକ ଆହତ ହୋଇ ମେଡ଼ିକାଲରେ ଚିକିତ୍ସିତ ହୋଉଛନ୍ତି ।କ୍ଷତିଗ୍ରସ୍ତ ପରିବାର ସମସ୍ତ ଗରିବ ଶ୍ରେଣୀର ଥିବାବେଳେ ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

## ବୁଗୁଡା ବନାଞ୍ଚଳ ପକ୍ଷରୁ ବିଶ୍ୱ ବନ ଦିବସ ପାଳନ

ବୁଗୁଡା ୨୨/୩(ନି.ପ୍ର): ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୨୧ ତାରିଖ ଦିନ ବିଶ୍ୱ ବନ ଦିବସ ପାଳନ ହୋଇଯାଇଛି। ବିଶ୍ୱ ବନ ଦିବସ ଉପଲକ୍ଷେ ବୁଗୁଡା ବନାଞ୍ଚଳ ପରିସରରେ ଏକ ସଚେତନତା ସଭା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏସିଏଫ ରଜତ କୁମାର ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବନ ବିଭାଗ କର୍ମଚାରୀ ଶୁଳପାଣି ଶତପଥୀ ଯୋଗଦେଇଥିଲେ। ଚଳିତ ବର୍ଷର ସନ୍ଦେଶ ଥିଲା ' ବନ ଓ ଖାଦ୍ୟ ' । ବହୁ ଆଦିମ କାଳରୁ ମାନବ ସମାଜ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ମଧ୍ୟ ଆଦିବାସୀ ଜନଜାତି ଲୋକମାନେ ବନରୁ ଖାଦ୍ୟ ସଂଗ୍ରହ କରୁଛନ୍ତି। ସେମାନେ ମଧ୍ୟ ବହୁ ଉପାଦେୟ ବନଖାଦ୍ୟ ଗ୍ରାମ ଓ ସହରରେ ବିକ୍ରି କରୁଛନ୍ତି। ବନାଞ୍ଚଳ ଅଧିକାରୀ ଶ୍ରୀ ମିଶ୍ରଙ୍କ ସମେତ ମୁଖ୍ୟ ଅତିଥି ଏସିଏଫ ଶ୍ରୀ ମିଶ୍ର ଓ ମୁଖ୍ୟ ବକ୍ତା ଶ୍ରୀ ଶତପଥୀ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ନିଆଁକୁ ରୋକିବା ନେଇ ବକ୍ତବ୍ୟ ରଖିଥିଲେ। ଏଥିସହ ପ୍ରତ୍ୟେକ ଜନସାଧାରଣ ପ୍ରତ୍ୟେକ ବର୍ଷ ଗଛଟିଏ ଲଗାଇ ସେହି ଗଛକୁ ବଞ୍ଚାଇ ବଢ଼ିବାକୁ ନିଶ୍ଚିତ କରିବାକୁ ପରାମର୍ଶ ଦେବା ସହ ଜଙ୍ଗଲ ତଥା ବୃକ୍ଷର ଉପକାରୀତା ବିଷୟ ନେଇ ବକ୍ତବ୍ୟ ରଖିଥିଲେ। ବନ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ପିପୁଲସ କଲେଜ ଛାତ୍ରଛାତ୍ରୀ ବୃନ୍ଦ ଶପଥ କରିଥିଲେ। ବନପାଳ, ବନରକ୍ଷୀ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ଅଟେଇହୁଡା ମା ସାହାରେଇ ପୀଠରେ ଅଷ୍ଟମ ପ୍ରହରୀ ନାମଯଜ୍ଞ

ନିମାପଡା ୨୨/୩(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ବାହାରଣା ପଞ୍ଚାୟତ ଅଟେଇହୁଡା ଗ୍ରାମରେ ମା ସାହାରେଇ ପୀଠରେ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।ଏହି ଅଷ୍ଟମ ପ୍ରହରୀ ନାମ ଯଜ୍ଞ ପାଇଁ ଗ୍ରାମ ପୋଖରୀ ରୁ କଳସ ଧାରୀ ମାନେ କଳସ ଆଣି କୁଞ୍ଜରେ ସ୍ଥାପନ କରିଥିଲେ । ଏହି ବାର୍ଷିକ ଅଷ୍ଟମ ପ୍ରହରୀ ରେ କର୍ତ୍ତା ଭାବେ ଗ୍ରାମର ଗୁରୁପ୍ରସାଦ ବାରିକ ଓ କର୍ତ୍ତି ଭାବେ କଳ୍ପନା ବାରିକ ପୂଜା କର୍ମରେ ବସିଥିଲେ । ଅଟେଇହୁଡ ଗ୍ରାମ ସହିତ ବିଶ୍ୱର ମଙ୍ଗଳ ଉଦ୍ଦ୍ୟେଶ ରେ ଏହି ନାମ ଯଜ୍ଞ ବୋଲି ଆୟୋଜକ କହିଥିଲେ । ବିଭିନ୍ନ ଅଞ୍ଚଳରୁ ୧୨ରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ଆସି ନାମ ଧରିବାରେ ସହଯୋଗ କରିଥିଲେ । ଏହି ଅଷ୍ଟପ୍ରହରୀ ନାମ ଯଜ୍ଞ ତିନି ଦିନ ଧରି ଚାଲିଥିଲା ।ଏହି ଅଷ୍ଟମ ପ୍ରହରୀ ନାମ ଯଜ୍ଞ କାର୍ଯ୍ୟକ୍ରମ ରେ ଗ୍ରାମର ରାଜକିଶୋର ବାରିକ ,ବାସୁଦେବ ବାରିକ ,ଦିଲୀପ ବାରିକ ,ନିରଞ୍ଜନ ବିଶ୍ୱାଳ ,ଜଟାଧାରୀ ବାରିକ , ବିଜୟ ବାରିକ ,କୃଷ୍ଣଚନ୍ଦ୍ର ବାରିକ ଲିଙ୍ଗରାଜ ବିଶ୍ୱାଳ ,ପ୍ରକାଶ ରାଉତ ,ବଇଁଶୀଧର ରାଉତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।ନାମ କୀର୍ତ୍ତନ ରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

## ଲୋକାର୍ପଣ ହେଲା କବିତା ପୁସ୍ତକ ସମର୍ପଣ

ପାଟଣା ୨୨/୩(ନି.ପ୍ର): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟ ରେ ଗୁରୁବାର ରାତ୍ରି ବର୍ଷୀୟାନ କବୟିତ୍ରୀ ନକ୍ଷେତ୍ରମାଳା ମିଶ୍ର ଙ୍କ ସମର୍ପଣ କବିତା ପୁସ୍ତକ ଉନ୍ମୋଚିତ ହୋଇଛି। ଏଥିରେ ଜଗନ୍ନାଥ ଭଜନ, ଜଣାଣ, ତାରିଣୀ ସ୍ତୁତି, ଶିବ ଓ ଗଣେଷ ବନ୍ଦନାଆଦି ଅନ୍ତର୍ଭୁକ୍ତ ହୋଇଛି ।ଆୟୋଜିତ ଲୋକାର୍ପଣ ଉତ୍ସବ କବି ଅଭିମନ୍ୟୁ ଅଣ୍ଡିଆ ଙ୍କ ଅଧ୍ୟକ୍ଷତା ରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିତ ତଥା କବି କଳ୍ପତରୁ କର, ସମ୍ମାନୀତ ଅତିଥି ଭାବେ କବୟିତ୍ରୀ କନକ ଲତା ମିଶ୍ର, ଶିକ୍ଷୟିତ୍ରୀ ଆଖୋଜି ସାହୁ, ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ଜ୍ୟୋସ୍ନା ତ୍ରିପାଠୀ, ସାମାଜିକ କର୍ମୀ ଆରତୀ ମିଶ୍ର, ସ୍ୱର୍ଣ୍ଣ ଲତା ମିଶ୍ର , ପଣ୍ଡିତ ଶରତ କୁମାର ତ୍ରିପାଠୀ, ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ସମର୍ପଣ କବିତା ରେ କବି ନକ୍ଷେତ୍ରମାଳା ଙ୍କ ଭକ୍ତି ଭାବ ପ୍ରକାଶ ପାଇଛି ବୋଲି ମତ ବ୍ୟକ୍ତ କରିଥିଲେ। ଏଥି ସହ ପୁସ୍ତକ ର ସଫଳତା ଓ ପାଠକୀୟ ଆଦୃତି କାମନା କରିଥିଲେ।

## କେନ୍ଦ୍ରୀୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ଼. ମନସୁଖ ମାଣ୍ଡବିୟଙ୍କୁ ଭେଟିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ



ପାଟଣା ୨୨/୩(ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣିଜ ଅଂଚଳରେ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚାଲି ଆସୁଥିବା ସମସ୍ୟାକୁ ଦୂର କରିବା ଉଦ୍ଦେଶ୍ୟ ନେଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବିୟଙ୍କୁ ନୂଆଦିଲ୍ଲୀ ଠାରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ କେନ୍ଦୁଝର ଜିଲ୍ଲାର ଯୋଡା ଠାରେ ଥିବା ଇଏସଆଇ ହସପିଟାଲକୁ ସୁପର ସ୍ପେସିଆଲିଟି ହସପିଟାଲର ମାନ୍ୟତା ପ୍ରଦାନ କରିବାକୁ ଦାବି କରି ଏକ ପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଯୋଡା- ବଡବିଲ ଖଣି ଅଂଚଳ ଦେଶର ସବୁଠାରୁ ବଡ ଲୌହ ଓର ଉତ୍ପାଦକ ଅଂଚଳ ମଧ୍ୟରେ ଅନ୍ୟତମ । ତେଣୁ ଏହି ଅଂଚଳରେ ଉନ୍ନତ ମାନର ଚିକିତ୍ସା ସୁବିଧା ପ୍ରଦାନ କରିଯିବାର ଆବଶ୍ୟକତା ରହିଛି । ଶ୍ରୀ ନାୟକ ଆଗକୁ ତାଙ୍କ ପତ୍ରରେ କହିଛନ୍ତି ଯେ କେନ୍ଦୁଝର ଭାରତର ଲୌହ ଖଣିଜ ଉତ୍ପାଦନରେ ପାଖାପାଖି ୩୦ ପ୍ରତିଶତ ଯୋଗଦାନ ଦେଇଥାଏ । ଏଠାରେ ୩୭ ଟି ଖନନ ପ୍ରକଳ୍ପ ଚାଲୁ ରହିଛି ଓ ପାଖାପାଖି ଏକ ଲକ୍ଷରୁ ଉର୍ଦ୍ଧ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଖନନ କାର୍ଯ୍ୟ ଉପରେ ନିର୍ଭରଶୀଳ । ଏହା ସତ୍ତ୍ୱେ ଏହି ଅଂଚଳରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବାର ଅଭାବ ରହିଛି । ଶ୍ରୀ ନାୟକ କହିଛନ୍ତି ଯେ ଖଣି ଅଂଚଳରେ ବ୍ୟାପକ ଖଣି ଓ ପରିବହନ କାର୍ଯ୍ୟକଳାପ ବେଳେ ପ୍ରତିଦିନ ସଡକ ଦୁର୍ଘଟଣା ଘଟୁଛି, ଯାହାର ଫଳରେ ପ୍ରାୟତଃ ଚିକିତ୍ସା ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଉଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଏହି ଅଞ୍ଚଳର ଚିକିତ୍ସା ଭିତିଭୂମି ଲୋକମାନଙ୍କର ଆବଶ୍ୟକତା ପୂରଣ କରିପାରୁନାହିଁ । ଯୋଡା ଓ ବଡବିଲ୍ ଖଣି ଅଞ୍ଚଳରୁ ସବୁଠାରୁ ନିକଟତମ ବଡ଼ ଚିକିତ୍ସା ସୁବିଧା କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍ ପ୍ରାୟ ୯୦ କି.ମି. ଦୂରରେ ଅବସ୍ଥିତ। ତେଣୁ ସେମାନଙ୍କୁ ସଠିତ ସମୟରେ ଜରୁରୀ କାଳୀନ ଚିକିତ୍ସା ମିଳି ପାରୁ ନାହିଁ । ସେ ପତ୍ରରେ ଲେଖିଛନ୍ତି ଯେ ଯୋଡା ରେ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ସ୍ଥାନୀୟ ଲୋକ ମାନଙ୍କ ପାଇଁ ଏକ ଇଏସଆଇ ହସପିଟାଲ ରହିଛି । ଏହି ଇଏସଆଇ ହସପିଟାଲ ରେ କର୍ମଚାରୀ ଓ ସମ୍ବଳର ଘୋର ଅଭାବ ରହିଛି । ଏଠାରେ ୫୧ ସ୍ୱୀକୃତ ପଦ ଥିବା ବେଳେ ମାତ୍ର ୮ଟି ପଦ ପୂରଣ ହୋଇଛି । ଶ୍ରୀ ନାୟକ ତାଙ୍କ ପତ୍ରରେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ କିଛି ଦିନ ତଳେ ବିଭିନ୍ନ ଶିଳ୍ପାଞ୍ଚଳରେ ଶହେଟି ସୁପର ସ୍ପେସିଆଲିଟି ହସପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ଯୋଡା ସ୍ଥିତ ଇଏସଆଇ ହସପିଟାଲକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଏହି ଯୋଜନାରେ ସାମିଲ କରିବାକୁ ଶ୍ରୀ ନାୟକ ଅନୁରୋଧ କରିଛନ୍ତି ।

## ସହିଦ ରଘୁନାଥ ମହାନ୍ତଙ୍କ ୨୮୭ ତମ ଜନ୍ମଜୟନ୍ତୀ

ପାଟଣା ୨୨/୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ଗ୍ରାମ ପଞ୍ଚାୟତ ଚିଲିଦା ଗ୍ରାମର କଲେଜ ପଡିଆସ୍ଥିତ କୁଡୁମି ସମାଜ ଗୋଷ୍ଠୀ କେନ୍ଦ୍ରଠାରେ କୁଡୁମି ଯୋଦ୍ଧା ସହିଦ ରଘୁନାଥ ମହାନ୍ତଙ୍କ ୨୮୭ ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଓଡିଶା କୁଡୁମି ସେନା ରାଜ୍ୟ ସଭାପତି ମିତ୍ରଭାନୁ ମହାନ୍ତଙ୍କ ଆବାହନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା କୁଡୁମି ସେନା କୋଷାଧ୍ୟକ୍ଷ ତଥା ଗଣମାଧ୍ୟମ ମୁଖପାତ୍ର ଲମ୍ବୋଦର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଲାଲମୋହନ ମହାନ୍ତ, ଓଡିଶା କୁଡୁମି ସେନା ଯୁବ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ସଂସ୍କୃତି ବିଶାରଦ ନବକିଶୋର ମହାନ୍ତ, ଉପଦେଷ୍ଟା ହରିହର ମହାନ୍ତ, ବିନୋଦ ମହାନ୍ତ, ଭୈରବ ମହାନ୍ତ, ରତ୍ନାକର ମହାନ୍ତ, ଶରତ ମହାନ୍ତ, ନିରଞ୍ଜନ ମହାନ୍ତ, ପଦ୍ମଲୋଚନ ମହାନ୍ତ, ଅଭିମନ୍ୟୁ ମହାନ୍ତ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସହିଦଙ୍କ ବୀର ଗାଥା ବିଷୟରେ ଉଦବୋଧନ ଦେବା ସହିତ ଇତିହାସ ପୃଷ୍ଠାରେ ନାମ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଭାରମ୍ଭ ପୂର୍ବରୁ ନୂତନଭାବେ ନିର୍ମିତ କୁଡୁମି ସମାଜ ଗୋଷ୍ଠୀ କେନ୍ଦ୍ରକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଆଞ୍ଚଳିକ କର୍ମକର୍ତ୍ତା ଅଜିତ କୁମାର ମହାନ୍ତ, ଶାନ୍ତନୁ କୁମାର ମହାନ୍ତ, ନାଏବ ସରପଞ୍ଚ ନଳିନୀ ମହାନ୍ତ, ଗୌରାଙ୍ଗ ମହାନ୍ତ, ରବି ମହାନ୍ତ, ଅଜିତ କୁମାର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ଖଗେଶ୍ୱର ମହାନ୍ତ, ମୋହନ ଚରଣ ମହାନ୍ତ, ହରେକୃଷ୍ଣ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟକ ହୋଇଥିଲେ। ଉପସ୍ଥିତ ଅତିଥିଗଣ ସରକାରଙ୍କ କୁଡୁମି ସମ୍ପ୍ରଦାୟ ପ୍ରତି ଉଦାସୀନତା ପ୍ରତି କ୍ଷୋଭ ପ୍ରକାଶ କରିବା ସହିତ କୁଡୁମି ସମ୍ପ୍ରଦାୟର ଦୀର୍ଘ ଦିନର ଦାବୀ ଆଦିବାସୀ ତାଲିକାଭୁକ୍ତ, କୁଡୁମାଲୀ ଭାଷାକୁ ଅଷ୍ଟମ ପରିଚ୍ଛେଦର ସାମିଲ ତଥା କୁଡୁମି ବିକାଶ ଗଠନ ଦିଗରେ ଧ୍ୟାନ ଦେବାକୁ ଦାବୀ କରିଛନ୍ତି।

## ବ୍ଲକ୍ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର





ପୋଲସରା ୨୨/୩(ନି.ପ୍ର): ଆଜି ଗଂଜାମ ଜିଲ୍ଲା ପୋଲସରା ସ୍ଥିତ ଗୋପବନ୍ଧୁ ହାଇ ସ୍କୁଲ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡ଼ିଓ ଶଶୀଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ସି.ଡି.ପି.ଓ ତିଳୋତମା ରାଉତ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା, ବିଇଓ ଶଙ୍କର୍ଷଣ ଷଡ଼ଙ୍ଗୀ, ଆସ୍କା ସାଂସଦ ପ୍ରତିନିଧି ରଘୁନାଥ ପଣ୍ଡା ଯୋଗଦେଇଥିଲେ। ସମାଜସେବୀ ପ୍ରଭାକର ପଣ୍ଡାଙ୍କ ସମେତ ୨୬ କୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ଯୋଗଦେଇ ସହଯୋଗ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହୋଦୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ସବୁପ୍ରକାର ସୁବିଧା ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିବଦ୍ଧ ଅଟନ୍ତି। ଏଣୁ ଯୋଗ୍ୟ ହିତାଧିକାରୀ ମାନେ ସରକାରଙ୍କ ନୀତିନିୟମ ପ୍ରକାରେ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରି ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ପରେ ଉପସ୍ଥିତ ଭିନ୍ନକ୍ଷମମାନଙ୍କୁ ଟ୍ରାଇସାଇକେଲ, ଆଶାବାଡି, ଶ୍ରବଣଯନ୍ତ୍ର ଗାଡ଼ିରେ ଗମନା ଗମନ ସୁବିଧା ପାଇଁ ପାସ୍ ଓ ଚଷମା ବଣ୍ଟନ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ କର୍ମଚାରୀ, ଅଙ୍ଗନୱାଡିକର୍ମୀ, ଏସଏଚଜି ଗ୍ରୁପ୍, ଏନସିସି ଛାତ୍ର ଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆନ୍ତରିକ ଧନ୍ୟବାଦ୍ ଜଣାଇଥିଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବରୁଡ଼ିପଶି ଗ୍ରାମରେ ଚବିଶ ପ୍ରହରୀ ନାମ ଯଜ୍ଞ ଉଦଯାପନ

ପାଟଣା ୨୨/୩(ନି.ପ୍ର): ପାଟଣା ବ୍ଲକ୍ ଅନ୍ତର୍ଗତ ଯମୁନାପଶି ଗ୍ରାମ ପଞ୍ଚାୟତ ବରୁଡ଼ି ପଶି ଗ୍ରାମରେ ଉପରସାହି ସଂକୀର୍ତ୍ତନ ମଣ୍ଡପଠାରେ ଶୁକ୍ରବାର ଦିନ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଖଣ୍ଡ ଚବିଶ ପ୍ରହର ହରି ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ନାମଯଜ୍ଞରେ ନିମନ୍ତ୍ରିତ କାଶିବେଡ଼ା, ବେଡାପାଳ, କମାରମରା, ଘୁଟୁର ଓ ନିଜ ଗ୍ରାମ ଦଳ ବରୁଡ଼ିପଶି ମଧ୍ୟ ସାମିଲ ହୋଇଥିଲା । ସୋମବାର ଦିନ ଅଧିବାସ ହୋଇ ମଙ୍ଗଳ ବାର ଦିନ ସକାଳଠାରୁ ନାମ ଧରାଯାଇ ନିମନ୍ତ୍ରିତ ଦଳ ଗୁଡ଼ିକ ଆସିବା ପର୍ଯ୍ୟନ୍ତ ନାମକାର୍ଯ୍ୟ ଚାଲୁ ରହି ଆସିବା ପରେ ନାମକୁ ହସ୍ତାନ୍ତର କରାଯାଇଥିଲା । ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା କରାଯିବା ସହ ଶେଷ ରାତ୍ରୀରେ ଗୋପବନ୍ଧୁ ସାଂସ୍କୃତିକ କ୍ଲବ୍ ଦ୍ୱାରା ଦହିପାଣିର ବ୍ୟବସ୍ଥା କରାଯାଇଥିଲା । ଉଦଯାପନୀ ଦିବସ ଦିନ ବିଧିବଧ ଭାବେ ସମସ୍ତ ନିମନ୍ତ୍ରିତ ଦଳ ମାନଙ୍କଦ୍ୱାରା ନାମ ବଢ଼ାଯାଇ ସମାପନ କରାଯାଇଥିଲା । ଏହା ପରେ ଦଳମାନଙ୍କ ଦ୍ୱାରା ବୈଠକି ପାଲା କରାଯାଇଥିଲା

## କନ୍ଧମାଳ ଜିଲ୍ଲା ମିଡ଼ିଆ ଫୋରମର ପକ୍ଷରୁ ଦୁଇ ଦିନିଆ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ



ଫୁଲବାଣୀ ୨୨/୩(ନି.ପ୍ର): ଜିଲ୍ଲାରେ ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲା ମିଡ଼ିଆ ଫୋରମ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ଦୁଇ ଦିନ ଧରି ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ସଂଘ ସଭାପତି ଡ଼ଃ ସୂର୍ଯ୍ୟ ନାରାୟଣ ବେହେରା ଓ ସମ୍ପାଦକ ଶିବ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାଢ଼ୀ ଶୁଭ ଉଦଘାଟନ କରିଥିଲେ। ଏହି ଶିବିରରେ ସୁଦୂର ଚେନାଇ ରୁ ଦନ୍ତ ବିଶେଷଜ୍ଞ ଡା. ରମେଶ ଏବଂ ଡା ମଲ୍ଲୁର, ଏବଂ ତାଙ୍କ ୧୫ ଜଣିଆ ଟିମ ଆସି ସକାଳ ୯ଟା ରୁ ରାତି୧୧ ଟା ପର୍ଯ୍ୟନ୍ତ ଶତାଧିକ ଦାନ୍ତ ସମସ୍ୟାରେ ପୀଡ଼ିତ ଥିବା ପିଲା ଠାରୁ ବୃଦ୍ଧ ଓ ବୃଦ୍ଧା ସମସ୍ତଙ୍କୁ ମାଗଣା ଚିକିତ୍ସା ସହ ଔଷଧ ମଧ୍ୟ ବଣ୍ଟନ କରିଥିଲେ କ୍ଷଦ୍ୱିତୀୟ ଦିବସରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।ଚେନ୍ନାଇ ର ଡାକ୍ତର ମାନଙ୍କୁ ଧନ୍ୟବାଦ ଜଣେଇବା ସହ ସେମାନଙ୍କୁ ପ୍ରସଂଶା ପତ୍ର ପ୍ରଦାନ କରିଥିଲେ। ସଙ୍ଘ ଉପଦେଷ୍ଟା ଶିବାନନ୍ଦ ପଟ୍ଟନାୟକ, ଅଜିତ ମହାରଣା, ସୁନୀଲ କୁମାର ବିଶ୍ୱାଳ,ସନ୍ତୋଷ ଦିଗାଲ, ଗୋପାଳ ପଟ୍ଟନାୟକ,ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ବରିଷ୍ଠ ସାମ୍ବାଦିକ ଫିଲି ମୋହନ ନାୟକ, ଅଶୋକ ପରିଡ଼ା,ମୁସ୍କାନ ସୁଆର, ପ୍ରମୁଖ ଯୋଗ ଦେଇଥିଲେ। ଏଥି ସହିତ ସଙ୍ଘ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଶିବ ନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ଜେନା,କାହ୍ନା ପଟ୍ଟନାୟକ, ସମାଜସେବି ଜୋସେଫ, ବନମାଳୀ ଦିଗାଲ, ବିପ୍ର ଚରଣ ବେହେରା, ସୁନୀଲ, କାଳିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମେଲାଣ ଠାରେ ବିଶ୍ୱ ବନ ଦିବସ ପାଳିତ



ପାଟଣା ୨୨/୩(ନି.ପ୍ର): ଆଇ ଡି ପି , ଆର ଆର ଓ ଏବଂ ଆକ୍ସନ ଗ୍ରୀନ ଇଣ୍ଡିଆର ମିଳିତ ସହଯୋଗ ରେ ଘଟଗାଁ ବ୍ଲକ ଅନ୍ତର୍ଗତ ମେଲାଣ ଗ୍ରାମରେ ବିଶ୍ୱ ବନ ଦିବସ ପାଳନ କରାଯାଇଛି। ଆର ଆର ଓ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଆଇ ଡି ପି ସଭ୍ୟ ସମ୍ପାଦକ ଗୋକୁଳାନନ୍ଦ ଓଝା ବିଶ୍ୱ ବନ ଦିବସ ପାଳନ ସମ୍ପର୍କରେ ଉପସ୍ଥିତ ଜନତା ଙ୍କୁ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉପରଡିହା ସରପଞ୍ଚ ରୀମାଲତା ନାଏକ ଯୋଗ ଦେଇ ପରିବେଶ ସନ୍ତୁଳନ ରକ୍ଷା ରେ ବନ ସମ୍ପଦ ର ଆବଶ୍ୟକତା ଉପରେ ମତ ରଖିବା ସହ ଗୋଶାଳା ପରିସରରେ ବଟ ବୃକ୍ଷ ଚାରା ରୋପଣ ସହ ପୂଜନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟା ପାର୍ବତୀ ବାର୍ଲା ,ସତ୍ୟମ ଦେହୁରୀ , ସେକ ଜମାଲୁଦିନ,ଜଗନ୍ନାଥ ପାତ୍ର , ରଞ୍ଜନ କୁମାର ଦାସ , ସିନ୍ଧୁ ସିଂହ୍ୱାର୍ଲା ଯୋଗ ଦେଇ ଗଛର ଉପକାରିତା , ବୃକ୍ଷ ରୋପଣ ଉଜୁଡ଼ା ଜଙ୍ଗଲ ର ପୁନରୁଦ୍ଧାର , ବନାଗ୍ନି ବନ୍ଦ କରିବା , ବନ୍ୟ ଜନ୍ତୁ ଶିକାର ରୋକିବା ଉପରେ ମତ ରଖିଥିଲେ। ଘରେ ଘରେ ପାକଶାଳ ବଗିଚା ପାଇଁ ସଭାପତି ଶ୍ରୀ ମିଶ୍ର ପରାମର୍ଶ ଦେଇଥିବା ବେଳେ କାର୍ଯ୍ୟକ୍ରମ ରେ ମେଲାଣ, ପାଲବଣୀ, ରଙ୍ଗାମାଟିଆ, ବଣ ସାହି, ସଡ଼କ ସାହି, ଧବଣୀ , ପୋଇଜାମୂଳା ଆଦି ଗ୍ରାମର ଏସ ଏଚ ଜି ମହିଳା , ବନ ସୁରକ୍ଷା ସମିତି ସଭ୍ୟ ମାନେ ଯୋଗ ଦେଇଥିଲେ। ତପନ ନାଏକ , ରାଜକିଶୋର ନାଏକ ,ମାଳତୀ ବାରିକ ଓ କାଳନ୍ଦୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୁଡାଗୁଡା ଉଚ୍ଚ ବିଦ୍ୟାଳୟରେ ' ପ୍ଲାଷ୍ଟିକ ହଟାଅ, ଧରଣୀ ବଞ୍ଚାଅ' କାର୍ଯ୍ୟକ୍ରମ ଆୟୋଜିତ

ବାଲିଗୁଡା ୨୨/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବୁଡାଗୁଡା ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ୟୁଥ ଏବଂ ଇକୋ କ୍ଲବ ଓ ଜଙ୍ଗଲ,ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଉଦ୍ୟମରେ ପରିବେଶ ସୁରକ୍ଷା ତଥା ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ନିମିତ୍ତ କର୍ମଶାଳା ଆୟୋଜିତ ହୋଇଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥ ?ିବା ଏହି କାର୍ଯକ୍ରମରେ ଭୁବନେଶ୍ୱରସ୍ଥିତ ପରିବେଶ ଅଧ୍ୟୟନ କେନ୍ଦ୍ର ତରଫରୁ ପ୍ରକଳ୍ପ ଅଧିକାରୀ ମୋହନ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ତଥା ପରିବେଶକୁ ମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀ ଶପ ?ଥ ପାଠ କରାଇଥିଲେ । ଏ ନେଇ ବିଦ୍ୟାଳୟ ପରିସରରୁ ପ୍ଲା କାର୍ଡ ଧରି ' ପ୍ଲାଷ୍ଟିକ ହଟାଅ, ଧରଣୀ ବଞ୍ଚାଅ' ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜନତାଙ୍କୁ ପ୍ଲାଷ୍ଟିକର ବ୍ୟବହାରକୁ କମାଇବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଗ୍ରାମବାସୀ,ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟଗଣ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯକ୍ରମରେ ବିଦ୍ୟାଳୟର ଶିକ୍ଷକ ବେଣୁଧର ବେହେରା, ବାମଚନ୍ଦ୍ର ପ୍ରଧାନ, ଦିବ୍ୟସିଂ ପ୍ରଧାନ, ଦୀପକ କୁମାର କହଁର, ଅପର୍ଣ୍ଣା ନାୟକ ଓ ସୁଚିସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ଧାନ ବ୍ୟବସାୟୀ ଙ୍କ ଠାରୁ ୨ ଲକ୍ଷ ୨୫ ହଜାର ଲୁଟ

ପାଟଣା ୨୨/୩(ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟରେ ଧାନ ବ୍ୟବସାୟ କରୁଥିବା ସାନ ନୂଆଗାଁ ଗ୍ରାମର ଶରତ କୁମାର ସାହୁଙ୍କ ଠାରୁ ଆଜି ସକାଳୁ ୨ ଲକ୍ଷ ୨୫ ହଜାର ଟଙ୍କା ଲୁଟ ହୋଇଛି । ସାନ ନୂଆଗାଁ ଗ୍ରାମରୁ ସେ ଏକ ବ୍ୟାଗରେ ଟଙ୍କା ଧରି ସ୍କୁଟି ଯୋଗେ ଢେଙ୍କିକୋଟ ଆସୁଥିବା ବେଳେ ୨୦ ନଂ ଜାତୀୟ ରାଜପଥର ସାନ ନୂଆଗାଁ ଛକ ଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ୨ ବାଇକରେ ଆସିଥିବା ୪ ଜଣ ଲୁଟେରା ତାଙ୍କୁ ଅଟକାଇ ଧକ୍କା ମାରି ଟଙ୍କା ବ୍ୟାଗ ନେଇ ଆଖିପିଛୁଳାକେ ଫେରାର ହୋଇଯାଇଥିଲେ । ଏ ନେଇ ଶରତ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଗାଁ ଏସଡିପିଓ ବିଜୟ କୁଷ୍ଣ ମହାପାତ୍ର , ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ଓ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଫାଣ୍ଡିରେ ଅଭିଯୋଗକାରୀଙ୍କ ବୟାନ ଲିପିବଦ୍ଧ କରିଛନ୍ତି।

# ଗ୍ରୀଷ୍ମ ଆରମ୍ଭରୁ ହାହାକାର

## ୧୩୩ ଗାଁକୁ ପାନୀୟ ଜଳ ଯୋଗାଣ ପ୍ରହସନ



କଟକ, ୨୨/୩: ଗୋଟିଏ ପଟେ ଓଡ଼ିଶାର ବଡ଼ ନଦୀ ମହାନଦୀ। ଆଉ ଗୋଟିଏ ପଟେ ଦେବୀ, ବିଲୁଆଖାଇ ଭଳି ନଦୀ। ମାଳମାଳ ପାନୀୟଜଳ ପ୍ରକଳ୍ପ ଠିଆହୋଇଛି। ମାତ୍ର ଗ୍ରୀଷ୍ମ ଆରମ୍ଭରୁ ଜଳ ସଂକଟ ଉତ୍କଟ ହେବାରେ ଲାଗିଲାଣି। ପାଣି ଟୋପେ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ନଦୀନାଳ ଓ କେନାଲ ଘେରା ଜଗତସିଂହପୁର ଭଳି ଏକ ଶିଳ୍ପସମୃଦ୍ଧ ଜିଲ୍ଲାରେ ଏଭଳି ସଂକଟଜନକ ପରିସ୍ଥିତି ଉପୁଜିବା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୨୦୧୧ ଜନଗଣନା ଅନୁସାରେ, ଜଗତସିଂହପୁର ଜିଲ୍ଲାରେ ମୋଟ ୧୧,୩୬,୬୦୪ ଲୋକ ବସବାସ କରୁଥିବା ବେଳେ ଏବେ ଏହା ବଢ଼ି ପ୍ରାୟ ୧୨ ଲକ୍ଷ ୨୦ ହଜାରରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ପ୍ରାୟ ୧୧ ଲକ୍ଷ ପାଖାପାଖି ଲୋକ ବସବାସ କରୁଥିବା ବେଳେ ସହରାଞ୍ଚଳରେ ଦୁଇଲକ୍ଷ ଲୋକ ବାସ କରୁଛନ୍ତି। ତଥ୍ୟ କହୁଛି, ଗୋଟିଏ ୫ ଜଣିଆ ପରିବାର ପାଇଁ ଦିନକୁ ପାଖାପାଖି ୨୮୦ ଲିଟର ଜଳ ଆବଶ୍ୟକ। ଏହି ହିସାବ ଆଧାରରେ ଯଦି ଦେଖାଯାଏ ତେବେ ଜିଲ୍ଲାର ଲୋକଙ୍କ ପାଇଁ ପ୍ରାୟ ୭୦୦ ହଜାର ଗ୍ୟାଲୋନ୍ ଜଳ ଆବଶ୍ୟକ। ମାତ୍ର ସେତିକ ଜଳ ମିଳି ପାରୁନାହିଁ। ଭୂତଳ ଜଳ ହ୍ରାସ ପାଇ ପାଇଚାଲିଛି। ଜିଲ୍ଲାର କେତେକ ନଦୀ ମଧ୍ୟ ମରିଗଲାଣି। ଦେବୀ ନଦୀରେ ଧାରେ ପାଣି ଚାଲିଛି। ବିଲୁଆଖାଇ ଶୁଖିଲା ପଡ଼ିଛି। ଭୌଗୋଳିକ ସ୍ଥିତି ଅନୁଯାୟୀ ଜଗତସିଂହପୁର ଜିଲ୍ଲା ୮୬ ଡିଗ୍ରି ୩ ଇଞ୍ଚରୁ ୮୬ ଡିଗ୍ରି ୪୫ ଇଞ୍ଚ ପୂର୍ବ ଦ୍ରାଘିମା ଏବଂ ୧୯ ଡିଗ୍ରି ୫୮ ଇଞ୍ଚରୁ ୨୦ ଡିଗ୍ରି ୨୩ ଇଞ୍ଚ ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ। ଉତ୍ତରରେ କେନ୍ଦ୍ରାପଡ଼ା, ଦକ୍ଷିଣରେ ପୁରୀ, ପୂର୍ବରେ ବଙ୍ଗୋପସାଗର ଏବଂ ପଶ୍ଚିମରେ କଟକ ଜିଲ୍ଲା ଅବସ୍ଥିତ।

### ଟାଙ୍କି ଠିଆ ହୋଇଛି, ପାଣି ଆସୁନି

ରାଜ୍ୟର ୪ ପ୍ରମୁଖ ନଦୀ ଯଥା ମହାନଦୀ, କାଠଯୋଡ଼ି, ଦେବୀ ଓ ବିଲୁଆଖାଇ ଏହି ଜିଲ୍ଲାରେ ପ୍ରବାହିତ। ମହାନଦୀ ଜଗତସିଂହପୁର ଜିଲ୍ଲାରେ ସୁଦୀର୍ଘ ଭାବେ ପ୍ରବାହିତ ଏବଂ ତାଳଦଣ୍ଡା କେନାଲ ଓଡ଼ିଶାର ସବୁଠାରୁ ଲମ୍ବା ଓ ବଡ଼ କେନାଲ। ୧୮୬୯ ମସିହାରେ ମହାନଦୀର କଟକ ନିକଟରୁ ପାରାଦୀପ ପର୍ଯ୍ୟନ୍ତ ଏହି କେନାଲ ଖୋଳାଯାଇଥିଲା। ଏହି କେନାଲ ଥିଲା ଜଗତସିଂହପୁରର ଜୀବନରେଖା। ଏହାଛଡ଼ା ମାଛଗାଁ କେନାଲ୍ ମଧ୍ୟ ରହିଛି। କେବଳ ସେତିକି ନୁହେଁ, ଜିଲ୍ଲାରେ ପ୍ରାୟ ୧୦ଟି ପୋଖରୀ ରହିଛି। ଏଥିମଧ୍ୟରୁ ପ୍ରାୟ ଅଧିକାଂଶ ପରିତ୍ୟକ୍ତ। ଏସବୁର ପୁନରୁଦ୍ଧାର କରାଯାଉ ନାହିଁ। ଜିଲ୍ଲାରେ ୨୪୪ଟି ପାନୀୟଜଳ ପ୍ରକଳ୍ପ, ୧୩୧୮୯ଟି ନଳକୂଅ, ୨୪ଟି ସୌରଶକ୍ତିଚାଳିତ ପ୍ରକଳ୍ପ, ୧୦୪ଟି ଓଭରହେଡ୍ ଟାଙ୍କି ରହିଛି। ଏହାବ୍ୟତୀତ ଆହୁରି କେତୋଟି ଛୋଟବଡ଼ ପ୍ରକଳ୍ପ ରହିଛି। ମାତ୍ର ସବୁଠାରୁ ବଡ଼ କଥା ହେଉଛି ପାଣି ପାଇଁ ଜିଲ୍ଲାବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଜିଲ୍ଲାର ବାଲିକୁଦାଠାରେ ୨୦୧୮ ମସିହାରେ ୧୩୭ କୋଟି ଟଙ୍କା ବିନିମୟରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ଲକ୍ଷ୍ୟ ଥିଲା ସମୁଦ୍ର ଉପକୂଳବର୍ତ୍ତୀ ଏରସମା, ବାଲିକୁଦା ଓ ନାଉଗାଁ ବ୍ଲକ୍‌ର ୧୩୩ଟି ଗାଁକୁ ପାନୀୟଜଳ ଯୋଗାଇବା। ମାତ୍ର ପ୍ରକଳ୍ପଟି ଯେଉଁଠି ଓ ଯେଉଁ ଢଙ୍ଗରେ ନିର୍ମାଣ କରାଗଲା ତାହା ପାଣି ଯୋଗାଇବାରେ ସଫଳ ହୋଇ ପାରୁନାହିଁ। ଏବେ ବି ଅନେକ ଗାଁକୁ ପାଣି ଯାଉନାହିଁ। ଯେଉଁମାନେ ପାଣି ପାଉଛନ୍ତି, ତାହା ଯଥେଷ୍ଟ ହେଉନାହିଁ। ଏ କଥା ବିଧାନସଭା ପର୍ଯ୍ୟନ୍ତ ଯାଇଛି। କୋଟିକୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପଟି ଦୂରଦୃଷ୍ଟି ଅଭାବରୁ ଆଉ କିଛି ଦିନ ପରେ ଅକାମୀ ମଧ୍ୟ ହୋଇଯାଇପାରେ। ବିଶେଷ କରି ଏରସମା ଅଞ୍ଚଳରେ ପାଣି ସମସ୍ୟା ଉତ୍କଟ ହେଉଛି। ସମୁଦ୍ରକୂଳ ଅଞ୍ଚଳ ହୋଇଥିବାରୁ ଭୂତଳ ଜଳ ପାନୀୟ ଉପଯୋଗୀ ହୋଇ ପାରୁନାହିଁ। ପ୍ରାୟ ସବୁ ନଳକୂଅରୁ ଲୁଣି ପାଣି ବାହାରୁଛି। ଅନ୍ୟ ଅଞ୍ଚଳରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ନାଉଗାଁ ବ୍ଲକ୍‌ର କେତେକ ଗାଁରେ ଓଭରହେଡ୍ ଟାଙ୍କି ନର୍ମାଣ କରାଯାଇଛି। ମାତ୍ର ପାଣି ଆସୁନାହିଁ। ସେହିପରି 'ବସୁଧା' ଯୋଜନାରେ ନିର୍ମାଣ ହୋଇଥିବା କେତେକ ଟାଙ୍କି ମୃତବତ ପଡ଼ିଛି। ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏଭଳି ପରିସ୍ଥିତି ଯଦି ଲାଗି ରହେ ତେବେ ବେଙ୍ଗାଲୁରୁ ସହର ଭଳି ଉତ୍କଟ ଜଳ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

## ଓଡ଼ିଶାରେ ରାସ୍ତା ନିର୍ମାଣ କରୁଛି ପଶ୍ଚିମବଙ୍ଗ

### ୫୦୦ ମିଟର ଯାଏଁ ନିର୍ମାଣ କଲାଣି, ବିରୋଧ ହେବାରୁ ସ୍ଥାନ ଛାଡ଼ିଲେ




କମର୍ଦ୍ଦା, ୨୨/୩: ଓଡ଼ିଶା ସୀମାରେ ପଶି ଜୋରଜବରଦସ୍ତ ରାସ୍ତା ନିର୍ମାଣ କରୁଛି ପଶ୍ଚିମବଙ୍ଗ ପ୍ରଶାସନ। କିଛିଦିନ ଧରି ଏହି ନିର୍ମାଣକାର୍ଯ୍ୟ କରୁଥିବା ବେଳେ ଓଡ଼ିଶା ପଟୁ ବିରୋଧ ହେବାରୁ ସେ ସ୍ଥାନ ଛାଡ଼ି ଚାଲିଯାଇଛନ୍ତି। ତେବେ, ନିୟମିତ ସମୟ ବ୍ୟବଧାନରେ ପଶ୍ଚିମବଙ୍ଗର ଏହି ଉଦ୍ୟମ ସୀମା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହିତ, ଧୀରେଧୀରେ ଓଡ଼ିଶା ଭିତରକୁ ଏହି ପଡ଼ୋଶୀ ରାଜ୍ୟ ଯେ ମାଡ଼ି ଆସୁଛି, ପୁଣିଥରେ ପ୍ରମାଣିତ ହୋଇଛି। ସୂଚନା ଅନୁସାରେ, ଭୋଗରାଇ ବ୍ଲକ୍ ଅଧୀନ କସବା କମର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ସୀମା ଶଗଡ଼ାସାହିରୁ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ୫୦୦ ମିଟର ଯାଏଁ ଜବରଦସ୍ତ ଧସେଇ ପଶି ରାସ୍ତା କାମ କରୁଥିଲା। ଜେସିବି ଲଗାଇ ନୂତନ କଂକ୍ରିଟ୍ ରାସ୍ତା ଭାଙ୍ଗି ଆଉ ଏକ ନୂଆ ରାସ୍ତା ନିର୍ମାଣ ପାଇଁ ସମସ୍ତପ୍ରକାର ଉଦ୍ୟମ ଚଳାଇଥିଲା। ପଶ୍ଚିମବଙ୍ଗର ଅଧିକାରୀମାନେ ଯେଉଁ ରାସ୍ତାକୁ ଭାଙ୍ଗିଥିଲେ, ୨୦୦୮ ମସିହାରେ ହୋଇଥିବା ସୀମା ନିର୍ଦ୍ଧାରଣ ସମୟରେ ତାହା ଓଡ଼ିଶାର ବୋଲି ଚିହ୍ନଟ ହୋଇଥିଲା। ୮ ମାସ ପୂର୍ବେ ଓଡ଼ିଶା ସରକାରଙ୍କ ଅନୁଦାନରେ ଏହାର ନିର୍ମାଣ କରାଯାଇଥିଲା। ତେବେ, ପଶ୍ଚିମବଙ୍ଗ ସରକାର ଏହା ଉପରେ ଅର୍ଥ ମଂଜୁର କରି ନିର୍ମାଣ ଆରମ୍ଭ କରିଦେଇଥିଲା। ଭୋଗରାଇର ଅତିରିକ୍ତ ତହସିଲଦାର ପ୍ରତାପ ବେହେରା, କମର୍ଦ୍ଦା ଥାନା ଅଧିକାରୀ ମହିମାଇ ହେମ୍ବ୍ରମ୍, ଏସ୍ଆଇ କରନ ମାରାଣ୍ଡି, କମର୍ଦ୍ଦା ଆରଆଇ କ୍ରିଷ୍ଣା ରାଉତ ପହଞ୍ଚି ତାଗିଦ୍ କରିଥିଲେ। ଫଳରେ, ପଶ୍ଚିମବଙ୍ଗ ପ୍ରଶାସନିକ ଅଧିକାରୀମାନେ ତରବରିଆ ଭାବେ ରାସ୍ତା କାମ ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଭୋଗରାଇ ତହସିଲର ଅଗୋଚରରେ ରାସ୍ତା ମରାମତି ଆଳରେ ପଶ୍ଚିମବଙ୍ଗ ପ୍ରଶାସନିକ ଅଧିକାରୀ ଓଡ଼ିଶା ସୀମାକୁ ପ୍ରବେଶ କରିବା ମସୁଧାରେ ରହିଛନ୍ତି। ଏଭଳି ପରିସ୍ଥିତିରେ ଓଡ଼ିଶା ସୀମା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭୋଗରାଇ ପ୍ରଶାସନର ସହଯୋଗ ନ ଲୋଡ଼ି ଏଭଳି ଜୋରଜବରଦସ୍ତ ଓଡ଼ିଶା ସୀମାରେ ରାସ୍ତା ନିର୍ମାଣ କରିବା କେତେଦୂର ଯୁକ୍ତିଯୁକ୍ତ ସ୍ଥାନୀୟ ସୀମାନ୍ତବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ କିଭଳି ଏଥିପ୍ରତି ଦୃଷ୍ଟି ଦେଉନି ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ଉପରୋକ୍ତ ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ରାସ୍ତା ନିର୍ମାଣ ଆଳରେ ପଶ୍ଚିମବଙ୍ଗ ଅଧିକାରୀମାନେ ଧୀରେ ଧୀରେ ଭୋଗରାଇ ସୀମାକୁ ମାଡ଼ି ଆସିବାକୁ ଯୋଜନା କରୁଛନ୍ତି। ସ୍ଥାନୀୟ ପ୍ରଶାସନ ସହ କ'ଣ ପାଇଁ ଆଲୋଚନା କଲେନି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପ୍ରଶାସନକୁ ତାଗିଦ୍ କରିଛନ୍ତି।

## ୧୧ଦିନ ପରେ ମିଳିଲା ନିଖୋଜ ଶିଶୁର ମୃତଦେହ

କଲ୍ୟାଣସିଂହପୁର, ୨୨/୩: ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତ ୧୫ନମ୍ବର ୱାର୍ଡ ଘାଗୁଡିମାଳ ଗ୍ରାମର ଅଜିତ ନାଗବଂଶଙ୍କ ନିଖୋଜ ପୁଅର ମୃତଦେହକୁ ୧୧ଦିନ ପରେ ଠାବ କରିଛି ପୁଲିସ। ଶୁକ୍ରବାର ସକାଳେ ଅଜିତ ଓ ଗ୍ରାମର କିଛି ଲୋକ ଘାଗୁଡିମାଳ ନାଳର ମଶାଣି ତୁଠକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ପଚା ଦୁର୍ଗନ୍ଧ ହେବାରୁ ଖୋଜାଖୋଜି କରିଥିଲେ। ଲଟା ମୂଳରେ ଶିଶୁର ମୃତଦେହ ଦେଖିଥିଲେ। ପୁଅ ପିନ୍ଧିଥିବା ସାର୍ଟକୁ ଦେଖି ବାପା ଅଜିତ ଚିହ୍ନି ପାରି ସ୍ଥାନୀୟ ପୁଲିସକୁ ଯୋଗାଯୋଗ କରିଥିଲେ। ଖବର ପାଇ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଏସଆଇ ପୁରୁଷୋତ୍ତମ ଜାନି ଘଟଣାସ୍ଥଳରେ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ଏସଡିପିଓ ଗୌରହରି ସାହୁ ଓ ତଦନ୍ତକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ନିମନ୍ତେ ପଠାଇଛନ୍ତି। ଶିଶୁର ମୃତଦେହ ସହ ବାପା ଅଜିତ ଓ କୁନୁ ନାଗବଂଶ ଯାଇଥିବା ଜଣାପଡ଼ିଛି। ଶିଶୁଟି ଏତେ ଦୂର କେମିତି ଆସି ତା'ର ମୃତ୍ୟୁ ଘଟିଲା, ଆମେ କାହାରିକୁ ସନ୍ଦେହ କରିନାହୁଁ ବୋଲି ବାପା ଅଜିତ ନାଗବଂଶ, ଜେଜେବାପା ଯୁଧିଷ୍ଠିର ନାଗବଂଶ, ଜେଜେମାଆ ଶ୍ରାବଣୀ ନାଗବଂଶ ଓ ମାଆ ଲିପି ନାଗବଂଶ ପ୍ରମୁଖ କହିଛନ୍ତି। ପ୍ରକାଶ ଥାଉକି, ୧୧ତାରିଖ ମଙ୍ଗଳବାର ସନ୍ଧ୍ୟାରେ ୧ ବର୍ଷ ଛଅ ମାସର ଶିଶୁ ନିଖୋଜ ହୋଇଥିବା ନେଇ ବୁଧବାର ସକାଳୁ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ସ୍ଥାନୀୟ ପୁଲିସ ଘାଗୁଡିମାଳ ଯାଇ ତଦନ୍ତ କରିଥିଲା। ସେହିଦିନ ସନ୍ଧ୍ୟାରେ ଏସଡିପିଓ ଆସି ତଦନ୍ତ କରିଥିଲେ। ଏହାପରେ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲେ। ତଥାପି ଶିଶୁର କୌଣସି ସନ୍ଧାନ ପାଇ ନ ଥିଲେ।

## ମହୁଲ ଫୁଲର ଅଭାବୀ ବିକ୍ରି ଚିନ୍ତାରେ ସଂଗ୍ରହକାରୀ



ଲାଞ୍ଜିଗଡ, ୨୨/୩: କଳାହାଣ୍ଡିର ବିଭିନ୍ନ ଅଞ୍ଚଳରେ ମହୁଲ ଗୋଟାଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସେହିପରି ଲାଞ୍ଜିଗଡ ବ୍ଲକର ମହୁଲକୁ ପଞ୍ଚାୟତସ୍ତରରେ କିଣିବାକୁ ସରକାରଙ୍କ ପାଖରେ ଗୁହାରି କରିଛନ୍ତି ମହୁଲ ସଂଗ୍ରହକାରୀ। ଫଗୁଣ ଆସିଲେ ମହୁଲ ଗଛରେ ପେନ୍ଥା ପେନ୍ଥା ମହୁଲ ଫୁଲ ଫୁଟିଥାଏ। ମହୁଲ ଫୁଲର ବାସ୍ନାରେ ବଣି ଚଢ଼େଇ ଆକର୍ଷିତ ହୋଇ ଡାଳରେ ବସିପଡେ ମହୁଲ ରସ ଶୋଷିବା ପାଇଁ। ଏହି ଫୁଲ କଳାହାଣ୍ଡି ଜିଲ୍ଲାର ଆଦିବାସୀଙ୍କ ରୋଜଗାରର ଏକ ମାଧ୍ୟମ। ଏହି ମହୁଲୀ ମଦ ପିଇ କିଛି ଲୋକଙ୍କ ପରିବାର ଉଜୁଡ଼ି ଯାଉଥିବା ବେଳେ ଉକ୍ତ ମହୁଲ ଫୁଲ କିଛିଲୋକଙ୍କ ରୋଜଗାରର ମାଧ୍ୟମ ସାଜିଛି। ସେଥିପାଇଁ ଭୋରୁ ଜଙ୍ଗଲକୁ ଯାଇ ମହୁଲ ଫୁଲ ସଂଗ୍ରହ କରି ଭଲ ଦୁଇ ପଇସା ପାଇବାର ଆଶା ରଖୁଥାନ୍ତି ଲୋକେ। ମହୁଲ ଗୋଟାଇ ତାକୁ ବିକିବା ପାଇଁ ପ୍ରସ୍ତୁତ କରିବାକୁ ତାଙ୍କୁ ପ୍ରାୟ ମାସେ ସମୟ ଲାଗିଥାଏ। ହେଲେ ତାକୁ ବିକ୍ରି କରିବାକୁ ସରକାରୀ ସୁବିଧା ନ ଥିବାରୁ ପ୍ରତି ବର୍ଷ ଅଭାବୀ ବିକ୍ରିର ଶିକାର ହୋଇ ଶାଗ ମାଛ ଦରରେ ଦଲାଲ୍ ହାତରେ ଟେକି ଦେଉଥିବା ନେଇ ଅଭିଯୋଗ କରିଛନ୍ତି ମହୁଲ ଗୋଟାଳି। ପୂର୍ବ ଅପେକ୍ଷା ମହୁଲ ମଦର ମୂଲ୍ୟ ବୃଦ୍ଧି ହେବା ସହିତ ସରକାର ମହୁଲ ମଦରୁ ପ୍ରଚୁର ରାଜସ୍ୱ ପାଉଥିବା ବେଳେ ମହୁଲ ଗୋଟାଳିଙ୍କ ହାତ କିନ୍ତୁ ଖାଲି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ମହୁଲର ସରକାରୀ ମୂଲ୍ୟ ଧାର୍ଯ୍ୟ କରିବା ସହିତ ପଞ୍ଚାୟତସ୍ତରରେ କ୍ରୟ କରିବା ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଗଞ୍ଜେଇ ଚଢ଼ଉ ସାରି ଫେରିବା ବାଟରେ ଆକ୍ରମଣ

## ୭ଘଣ୍ଟା ଧରି ଗ୍ରାମବାସୀଙ୍କ କବଳରେ ପୁଲିସ



ମୋହନା/ଚନ୍ଦ୍ରଗିରି, ୨୨/୩: ଗଜପତି ଜିଲ୍ଲାରେ ଗଞ୍ଜେଇ ଚଢ଼ଉ ବେଳେ ପୁଣି ପୁଲିସ ବାହିନୀ ଉପରେ ପ୍ରାଣାନ୍ତକ ଆକ୍ରମଣ ସହ ୬ଟି ଗାଡ଼ି ଭଙ୍ଗାରୁଜା ହୋଇଛି। ପୁଲିସ ଅଧିକାରୀ ଓ କର୍ମଚାରୀ ଦୌଡ଼ି ପଳାଇବା ସହ ଛତ୍ରଭଙ୍ଗ ଦେବାରୁ ବଞ୍ଚିଯାଇଛନ୍ତି। ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଯୁବା ପଞ୍ଚାୟତର ପିଡ଼ିଅର ଗ୍ରାମରେ ଗଞ୍ଜେଇ ଚଢ଼ଉ ସାରି ଫେରିବା ବେଳେ ପୁଲିସ ଉପରକୁ ଠେଙ୍ଗା ଓ ପଥରରେ ଆକ୍ରମଣ କରିଛନ୍ତି ଗ୍ରାମବାସୀ। ଏଥିରେ ୬ଟି ପୁଲିସ ଭ୍ୟାନ ଭାଙ୍ଗିରୁଜି ଯାଇଥିବା ବେଳେ ଜବତ ଗଞ୍ଜେଇକୁ ଗ୍ରାମବାସୀ ଛଡ଼ାଇ ନେଇଛନ୍ତି। ଏପରିକି ଗ୍ରାମବାସୀଙ୍କ ଢ଼େଲାପଥର ମାଡ଼ରେ ରା.ଉଦୟଗିରି ଏସ୍‌ଡିପିଓଙ୍କ ସମେତ ୨୬ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ମୋହନା ଅତିରିକ୍ତ ତହସିଲଦାର ମଧ୍ୟ ମାଫିଆଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣ ଯୋଗୁ ଭୋରରୁ ଦିନ ୧୧ଟା ଯାଏ ଗ୍ରାମବାସୀଙ୍କ କବଳରୁ ପୁଲିସ ଖସି ପାରିନଥିଲେ। ପ୍ରାୟ ୭ଘଣ୍ଟା ଧରି ଗ୍ରାମବାସୀଙ୍କ କବଳରେ ରହିବା ପରେ ଜନପ୍ରତିନିଧିଙ୍କ ଉପସ୍ଥିତିରେ ବୁଝାସୁଝା ପରେ ଗ୍ରାମବାସୀ ପୁଲିସକୁ ଛାଡ଼ିଥିଲେ। ଆହତ ପୁଲିସଙ୍କୁ ସ୍ଥାନୀୟ ଚନ୍ଦ୍ରଗିରି ଫାଣ୍ଡିରେ ଚିକିତ୍ସା କରାଯାଇଛି। ସୂଚନା ଅନୁସାରେ, ଗାଁରେ ଗଞ୍ଜେଇ ଥିବା ପୁଲିସ ସୂଚନା ପାଇବା ପରେ ଗତକାଲି ବିଳମ୍ବିତ ରାତିରେ ରା.ଉଦୟଗିରି ଏସ୍ ?ଡିପିଓ ଅମିତାଭ ପଣ୍ଡାଙ୍କ ନେତୃତ୍ୱରେ ମୋହନା ଓ ଅଡ଼ବା ଥାନା ପୁଲିସ ଟିମ୍ ଚଢଉ କରି ୨୦ କ୍ୱିଣ୍ଟାଲ ୧୧ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଗଂଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରି ଫେରୁଥିବା ସମୟରେ ଯୁବ ନିକଟରେ ରାସ୍ତାରେ ପଥର ଏବଂ ଗଛ ପକାଇ ଦେଇଥିଲେ ଆଦିବାସୀ। ଚାରିପଟୁ ମହିଳା ଓ ପୁରୁଷ ଘେରିଯାଇ ଠେଙ୍ଗା ଓ ପଥରରେ ଅତର୍କିତ ପୁଲିସ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏସ୍ ?ଡିପିଓ ଶ୍ରୀ ପଣ୍ଡାଙ୍କ ସମେତ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଜଣେ ପୁଲିସ ଇନ୍‌ସପେକ୍ଟରଙ୍କ ବେକରେ ଗାମୁଛା ପକାଇ ମାଡ଼ ମାରୁଥିବା ବେଳେ ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ, କିଛି ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ଏତିକି ବେଳେ ଘଟଣାସ୍ଥଳରୁ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୁଲିସ ଧରିଥିବା ଅଭିଯୁକ୍ତ ଖସି ଯିବାରେ ସକ୍ଷମ ହୋଇଥିଲେ। ଭୋର୍ ୪ଟାରୁ ଦିନ ୧୧ଟା ଯାଏ ଗ୍ରାମବାସୀ ପୁଲିସକୁ ଅଟକ ରଖିଥିଲେ। ପୁଲିସକୁ ମାଡ଼ ମାରିବା ଓ ଗାଡ଼ି ଭାଙ୍ଗିବା ଘଟଣାରେ ଯେଉଁମାନେ ସଂପୃକ୍ତ ରହିଛନ୍ତି, ତୁରନ୍ତ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଗଞ୍ଜେଇ ଚାଲାଣ ରୋକିବାକୁ ଚଢ଼ଉକୁ ଜୋରଦାର କରାଯିବ ଓ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଆଜି ରାତିରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ଦାଏର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ କାହାରିକୁ ଛଡ଼ାଯିବ ନାହିଁ କ୍ଷ ସମସ୍ତଙ୍କୁ ଆଇନ ପରିସରକୁ ନିଆଯିବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ପଣ୍ଡା। ଗଂଜେଇ ଚୋରାଚାଲାଣ ଧରପଗଡ଼ ୬ ମାସରୁ ଊର୍ଦ୍ଧ୍ୱ ଦିନ ଧରି ହେଲା ଚାଲିଛି। ସମସ୍ତ ବେଆଇନ ଗଞ୍ଜେଇ ଚାଷୀ, ବେପାରୀଙ୍କୁ ସାବାଡ଼ କରାଯିବା ସହ ଗଞ୍ଜେଇ କାରବାର ରୋକିବାକୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

## ଅସ୍ତିତ୍ୱ ହରାଇବ ପିଲାସାଲୁଙ୍କୀ ନଦୀ



ଫୁଲବାଣୀ, ୨୨/୩: ଫୁଲବାଣୀ ସହରର ଜୀବନରେଖା ଭାବେ ପରିଚିତ ପିଲାସାଲୁଙ୍କୀ ନଦୀ ଫୁଲବାଣୀ ସହରର ପାନୀୟ ଜଳ ଆବଶ୍ୟକତା ସହ ଏ ଅଞ୍ଚଳର କୃଷି ଆବଶ୍ୟକତାକୁ ମଧ୍ୟ ପୂରଣ କରି ଆସୁଛି। କିନ୍ତୁ ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି ସହିତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହି ନଦୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଫୁଲବାଣୀ ନୁହେଁ, ପିଲାସାଲୁଙ୍କି ଓ ବଡ଼ ସାଲୁଙ୍କି ଉପରେ ନିର୍ଭର କରୁଥିବା କନ୍ଧମାଳ ଜିଲାର ବିଭିନ୍ନ ବ୍ଲକର ଅଧିବାସୀ ମଧ୍ୟ ନଦୀର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି। ବଡ଼ସାଲୁଙ୍କୀ ନଦୀର ଏହି ପ୍ରମୁଖ ଶାଖା ନଦୀ ବର୍ଷ ବର୍ଷ ଧରି ଲୋକଙ୍କ ଆବଶ୍ୟକତା ପୂରଣ କରି ଆସୁଛି। ଫୁଲବାଣୀ ସହର ଏହି ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସହରକୁ ଚତୁର୍ଦ୍ଦିଗରୁ ଘେରି ରହିଛି ସାଲୁଙ୍କୀ ନଦୀ। ପ୍ରାୟ ପାଞ୍ଚ କିଲୋମିଟର ଦୀର୍ଘ ନଦୀ କୂଳରେ ରହିଛି ଫୁଲବାଣୀ ସହରର ଅନେକ ଜନବସତି। ନଦୀକୂଳରେ ବହୁ ସଂଖ୍ୟାରେ ଜନବସତି ଗଢି ଉଠିବା ସାଙ୍ଗକୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ନିୟମ ଅଭାବରୁ ନଦୀ ଅନେକ ସ୍ଥାନରେ ପୋତି ହେବାକୁ ବସିଛି। ନଦୀର ଉପର ମୁଣ୍ଡରୁ ଆରମ୍ଭ କରି ତଳମୁଣ୍ଡ ପର୍ଯ୍ୟନ୍ତ ଜନବସତିର ସମସ୍ତ ଆବର୍ଜନା ନଦୀ ମଧ୍ୟକୁ ନିଷ୍କାସିତ ହେଉ ଥିବାରୁ ନଦୀ ଜଳ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି। ସହରର କିଛି ସଚେତନ ନାଗରିକଙ୍କ ଦ୍ୱାରା ସାଲୁଙ୍କୀ ବଞ୍ଚାଅ ସଂଗଠନ ସ୍ଥାପନ କରାଯାଇ ଆନ୍ଦୋଳନ କରାଯାଇଥିଲା। ୨୦୧୨ରେ ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିଲା ସାଲୁଙ୍କୀର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସେତେବେଳେ ପୌର ପରିଷଦ ପକ୍ଷରୁ ପିଅନପଡାଠାରୁ ଆରମ୍ଭ କରି ନଦୀ କୂଳେ କୂଳେ ଏକ ସ୍ୱେରେଜ ଲାଇନ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଥିଲା। ସହରର ସମସ୍ତ ଆବର୍ଜନା ଓ ଦୂଷିତ ଜଳ ଏହି ସ୍ୱେରେଜ ମାଧ୍ୟମରେ ସଂଗୃହୀତ ହୋଇ ବିଶୋଧନ କରାଯିବା ପ୍ରସ୍ତାବ ରହିଥିଲା। କିନ୍ତୁ ଏ ପ୍ରସ୍ତାବ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରି ହୋଇ ପାରିନାହିଁ। ପୌର ପରିଷଦ ପକ୍ଷରୁ କେବଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସ୍ଥାପିତ ହୋଇଛି। ପ୍ରଶାସନରୁ ନିରାଶ କିଛି ସମାଜସେବୀ ସାଲୁଙ୍କୀ ନଦୀର ସୁରକ୍ଷା ପାଇଁ ଅଦାଲତର ଆଶ୍ରୟ ନେଇଥିଲେ। ଫୁଲବାଣୀ ସ୍ଥାୟୀ ଲୋକ ଅଦାଲତ ଏହାର ବିଚାର କରି ଗତବର୍ଷ ନଦୀ ଜଳକୁ ଦୂଷିତ ହେବାରୁ ବଞ୍ଚାଇବା ପାଇଁ ଏକ ସ୍ୱେରେଜ ବ୍ୟବସ୍ଥା ନିର୍ମାଣ ପାଇଁ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରିଷଦ ପକ୍ଷରୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ନଦୀର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଥିବା ସାମାଜିକ କର୍ମୀ ଅଶୋକ ପରିଡା କହିଛନ୍ତି। ଏବେ ବି ସହରର ବର୍ଜ୍ୟ ଜଳ ନଦୀରେ ମିଶୁଛି। ଏ ନେଇ ସହରବାସୀଙ୍କୁ ସଚେତନ କରିବା ଏବଂ ଆବଶ୍ୟକ ସ୍ଥଳେ ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସେଭଳି କିଛି ହେଉନାହିଁ। ପୂର୍ବରୁ ନଦୀଖଣ୍ଡି ସାହିଠାରେ ଥିବା ଡ୍ୟାମ ନିକଟରେ ଜଳଯୋଗାଣ ବିଭାଗ ପକ୍ଷରୁ ପମ୍ପ ହାଉସ ନିର୍ମାଣ କରାଯାଇ ସହରକୁ ପାନୀୟ ଜଳ ଯୋଗାଣ ହେଉଥିଲା। କିନ୍ତୁ ଏହି ସ୍ଥାନରେ ନଦୀ ପୋତି ହୋଇ ଯାଉଥିବାରୁ ପମ୍ପ ହାଉସକୁ ସରକାରୀ ମହାବିଦ୍ୟାଳୟ ନିକଟକୁ ସ୍ଥାନାନ୍ତର କରାଯାଇଛି। ଧୀରେ ଧୀରେ ସେଠାରେ ମଧ୍ୟ ନଦୀ ପୋତି ହେବାକୁ ବସିଲାଣି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚରାଯିବାରୁ ସେ କହିଛନ୍ତି, ନଦୀ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ସହରରେ ଶତ ପ୍ରତିଶତ ପାଇଖାନା ନିର୍ମାଣ କରାଯାଇଛି। କୌଣସି ବ୍ୟକ୍ତି ଘରର ପ୍ରଦୂଷିତ ଜଳ କିମ୍ବା ବର୍ଜ୍ୟବସ୍ତୁ ନଦୀକୁ ଛାଡିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ୱେରେଜ ଲାଇନ ନିର୍ମାଣ ପାଇଁ ସର୍ଭେ କାମ ଚାଲିଥିବା ସେ କହିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ